୬
୨୪.୭୫ କୋଟି ଟଙ୍କାର ଖେଳାଳିଙ୍କ ହୋଶ୍ ଉଡ଼ାଇଲେ ରିଙ୍କୁ ସିଂ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୧ • ସଂଖ୍ୟା–୫୫ • ୨୧ ମାର୍ଚ୍ଚ ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -31 • Issue-55 • 21st March 2024, Thursday • Bhubaneswar
Licensed to post without pre-payment of postage No- BN-60/22-24

# ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି



**ନୂଆଦିଲ୍ଲୀ, ୨୦/୦୩**

୨୦୨୪ ସାଧାରଣ ନିର୍ବାଚନ ନେଇ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ନିକଟରେ ତାରିଖ ଘୋଷଣା ହେବା ପରେ ବୁଧବାର ନାମାଙ୍କନ ଦାଖଲ, ପ୍ରତ୍ୟାହାର ଏବଂ ପ୍ରାର୍ଥୀପତ୍ର ଯାଞ୍ଚ ନେଇ ସମ୍ପୂର୍ଣ୍ଣ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁଯାୟୀ, ଏପ୍ରିଲ ୧୯ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ବୁଧବାର ଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଯାଇଛି। ମାର୍ଚ୍ଚ ୨୭ ନାମାଙ୍କନପତ୍ର ଦାଖଲ କରିବାର ଶେଷ ତାରିଖ ରହିଛି।
ବିହାରରେ ହୋଲି ପାଳନର ସ୍ୱତନ୍ତ୍ରତା ଥିବାରୁ ଏଠାରେ ନାମାଙ୍କନ ଭରିବାର ଶେଷ ତାରିଖ ମାର୍ଚ୍ଚ ୨୮କୁ ଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ବିହାରର ୪୦ଟି ଲୋକସଭା ଆସନ ମଧ୍ୟରୁ ୪ଟିରେ ମତଦାନ ହେବ। ସେହିପରି ମାର୍ଚ୍ଚ ୨୮ରେ ନାମାଙ୍କନପତ୍ର ଯାଞ୍ଚ କରାଯିବାକୁ ଥିବାବେଳେ ବିହାର ପାଇଁ ଏହା ମାର୍ଚ୍ଚ ୩୦କୁ ଧାର୍ଯ୍ୟ କରାଯାଇଛି। ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ମାର୍ଚ୍ଚ ୨୦ ଥିବାବେଳେ ବିହାର ପାଇଁ ଏପ୍ରିଲ୍ ୨ ତାରିଖ ରହିଛି। ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ୧୭ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ସଂସଦୀୟ କ୍ଷେତ୍ର ପାଇଁ ଭୋଟ୍ ଅନୁଷ୍ଠିତ ହେବ। ଯେଉଁ ରାଜ୍ୟଗୁଡ଼ିକରେ ପ୍ରଥମ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ, ସେଗୁଡ଼ିକ ହେଉଛି ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଜମ୍ମୁ କଶ୍ମୀର, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀ। ୧୮ତମ ଲୋକସଭା ପାଇଁ ୭ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ହେବାକୁ ଥିବାବେଳେ ଏପ୍ରିଲ ୨୬ରେ ଦ୍ୱିତୀୟ, ମେ' ୭ରେ ତୃତୀୟ, ମେ' ୧୩ରେ ଚତୁର୍ଥ, ମେ' ୨୦ରେ ପଞ୍ଚମ, ମେ' ୨୫ରେ ଷଷ୍ଠ ଏବଂ ଜୁନ୍ ୧ରେ ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଜୁନ୍ ୪ରେ ଏକାଠି ସମସ୍ତ ସାତ ପର୍ଯ୍ୟାୟ ନିର୍ବାଚନର ଭୋଟ୍‌ଗଣତି ସହ ଫଳାଫଳ ପ୍ରକାଶ ପାଇବ।

# ୨୪ ଘଣ୍ଟାରେ ସ୍ୱାଭାବିକ ଠାରୁ ୩,୮୯୬ ପ୍ରତିଶତ ଅଧିକ ବର୍ଷା



**ଭୁବନେଶ୍ୱର, ୨୦/୦୩ ନ୍ୟୁଜ ବ୍ୟୁରୋ**

ସାରା ରାଜ୍ୟରେ ଲାଗିରହିଛି ଅଦିନିଆ ବର୍ଷା। ଉପକୂଳରୁ ଆରମ୍ଭ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ସବୁଆଡେ ଘଡ଼ଘଡ଼ି ବିଜୁଳି ସହ ପ୍ରବଳ ବର୍ଷା ଜାରି ରହିଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରି ରହିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ପାଇଁ ୬ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ରେକର୍ଡ ପରିମାଣର ବର୍ଷା ହୋଇଛି। ସ୍ୱାଭାବିକ ଠାରୁ ୩,୮୯୬ ପ୍ରତିଶତ ବର୍ଷା ରେକର୍ଡ କରାଯାଇଥିବା ବେଳେ ସ୍ୱାଭାବିକ ଠାରୁ ୧୭ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିଛି। ଆସନ୍ତା ୨୨ ତାରିଖରୁ ରାଜ୍ୟରେ ପାଗ ପରିବର୍ତ୍ତନ ହେବା ସହ ତାପମାତ୍ରା ବୃଦ୍ଧି ହେବ।
ମାର୍ଚ୍ଚମାସର ଗ୍ରୀଷ୍ମ ସମୟରେ ଅଦିନିଆ ବର୍ଷାର ରେକର୍ଡ। ୨୪ ଘଣ୍ଟାରେ ସ୍ୱାଭାବିକ ଠାରୁ ୩,୮୯୬ ପ୍ରତିଶତ ଅଧିକ ବର୍ଷା ହୋଇଛି। ବୌଦ୍ଧରେ ୨୪ ଘଣ୍ଟାରେ ସର୍ବାଧିକ ୪୭ ହଜାର ୭ଶହ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ନୂଆପଡାରେ ସ୍ୱାଭାବିକ ଠାରୁ ୨୧ ହଜାର ୭ଶହ ପ୍ରତିଶତ ଅଧିକ ବୃଷ୍ଟିପାତ ରେକର୍ଡ କରାଯାଇଛି। ବିଗତ ୫ ବର୍ଷ ଧରି ମାର୍ଚ୍ଚ ୧୬ରୁ ୨୦ ଭିତରେ ହେଉଛି ଏମିତି ବର୍ଷା। ବର୍ଷା ପାଗ ପାଇଁ ସ୍ୱାଭାବିକ ଠାରୁ ୧୭ ଡିଗ୍ରୀ ଯାଏଁ କମିଛି ତାପମାତ୍ରା। ଗୁରୁବାର ଯାଏଁ ଲାଗିରହିବ ଏଭଳି ପାଗ। ୨୨ ତାରିଖରୁ ପାଗ ବଦଳିବ। ନିମ୍ନ ଚାପରେଖା ସହ ଉପକୂଳ ଓଡ଼ିଶା ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା *(ପୃଷ୍ଠା ୭ରେ)*

## ଜେଲେନ୍ସ୍କିଙ୍କୁ ଫୋନ୍ କଲେ ମୋଦି

**ନୂଆଦିଲ୍ଲୀ, ୨୦।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ସହ କଥା ହୋଇଛନ୍ତି ଏବଂ ସମସ୍ତ ଶାନ୍ତି ପ୍ରୟାସକୁ ରୁଷିଆ ଏବଂ ୟୁକ୍ରେନ ବିବାଦର ଶୀଘ୍ର ସମାପ୍ତ କରିବାକୁ ଭାରତର ନିରନ୍ତର ସମର୍ଥନ ଜଣାଇଛନ୍ତି। ଫୋନ୍ ବାର୍ତ୍ତାଳାପରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ଜେଲେନ୍ସ୍କିଙ୍କୁ ମଧ୍ୟ କହିଛନ୍ତି ଯେ, ୟୁକ୍ରେନକୁ ମାନବିକ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ପ୍ରଣବ ବଖାଣିଲେ ନବୀନଙ୍କ ଆକର୍ଷଣ ବ୍ୟକ୍ତିତ୍ୱର ରହସ୍ୟ

**ଭୁବନେଶ୍ୱର, ୨୦/୦୩**
**ନ୍ୟୁଜ ବ୍ୟୁରୋ**

ବିକାଶର ନିରବ ସାଧକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶାକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ ନକରିବା ଯାଏ ନବୀନ ବିଶ୍ରାମ ନେବେ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିକଶିତ ଓଡ଼ିଶା ନିର୍ମାଣ ଚାଲିଛି। ବୁଧବାର 'ଶଙ୍ଖ ଭବନ'ରେ ନବୀନଙ୍କ ଆକର୍ଷଣ ବ୍ୟକ୍ତିତ୍ୱର ରହସ୍ୟ ବଖାଣିଛନ୍ତି ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ସେ କହିଛନ୍ତି ଏପର୍ଯ୍ୟନ୍ତ ଜାତୀୟ ସ୍ତରରେ ହୋଇଥିବା ସବୁ ସର୍ଭେରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ଲୋକପ୍ରିୟ ଓ ନମ୍ବର ୱାନ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ରହିଛି। ନିରବ ସାଧକ ଭାବେ ନବୀନ ଅବିରତ ଓଡ଼ିଶାବାସୀଙ୍କ ସେବାରେ କାମ କରୁଛନ୍ତି। ନବୀନଙ୍କ ଆକର୍ଷଣ ବ୍ୟକ୍ତିତ୍ୱର କାହାଣୀ ବଖାଣିଛନ୍ତି ଶ୍ରୀ ଦାସ। ନବୀନଙ୍କ ଲକ୍ଷ୍ୟ ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ବିକଶିତ ରାଜ୍ୟରେ ପରିଣତ କରିବା। ଏଥିପାଇଁ ସେ ନିରବ ସାଧକ ଭାବେ ଦିନରାତି ଏକ କରି କାମରେ ଲାଗିଛନ୍ତି। କଥା କମ, କାମ ଅଧିକ ନୀତିରେ ବିଶ୍ୱାସୀ ନବୀନ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ଲକ୍ଷ୍ୟ ଓଡ଼ିଶାକୁ ଭାରତ ବର୍ଷର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ଓ ଓଡ଼ିଶାବାସୀଙ୍କୁ ସଶକ୍ତ କରିବା। ଆଉ ଏହି ଲକ୍ଷ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ସେ ବିଶ୍ରାମ ନେବେ ନାହିଁ ବୋଲି ସଂକଳ୍ପ ନେଇଥିବା ପ୍ରଣବ କହିଛନ୍ତି।
ସେ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶ ଆଜି ଓଡ଼ିଶାକୁ ନୂଆ ପରିଚୟ ଦେଇଛି। ୨୦୩୬କୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ ହେବ। ସବୁ କ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବାକୁ ନବୀନ ଲକ୍ଷ୍ୟ ରଖିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ ବିକାଶରେ ଓଡ଼ିଶାରେ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ସେହିପରି ଆର୍ଥିକ ପରିଚାଳନାରେ ଓଡ଼ିଶା ଦେଶ ପାଇଁ ରୋଲ ମଡେଲ ସାଜିଥିବା ବେଳେ ଦାରିଦ୍ର୍ୟ ହ୍ରାସ, ବେକାରୀ ହ୍ରାସ, ରାଜସ୍ୱ ବୃଦ୍ଧି, ଖାଦ୍ୟ ବଳକା ରାଜ୍ୟରେ ଓଡ଼ିଶା ପରିଣତ ହୋଇ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିତ୍ୱକୁ ନେଇ ବିଜେଡି ସାଂଗଠନିକ ସମ୍ପାଦକ ଯାହା କହିଛନ୍ତି ତାହା ଓଡ଼ିଶାର ଦ୍ରୁତ ବିକାଶରୁ ଜଳଜଳ କରି ଅନୁଭବ କରି ହେଉଛି ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି।
୨୦୦୦ ମସିହାରୁ ନବୀନ ନିରବ ସାଧକ ଭାବେ ଓଡ଼ିଶାର ବିକାଶକୁ ନୂଆ ପରିଚୟ ଦେଇଛନ୍ତି। ଯେଉଁଥିପାଇଁ ପ୍ରତ୍ୟେକ ନିର୍ବାଚନରେ ଓଡ଼ିଶାବାସୀ ନବୀନଙ୍କୁ ଆଶୀର୍ବାଦ କରି ବିଜୟ ତିଳକ ପିନ୍ଧାଉଛନ୍ତି। ନବୀନଙ୍କ ନିରବ ସାଧନା ଯୋଗୁଁ ଉନ୍ନତି ପଥେ ଆଗେଇଚାଲିଛି ଓଡ଼ିଶା।



## ରାଜଧାନୀରେ ହେବ ଟ୍ରାଫିକ୍ ପାର୍କ
## ରହିବ ସ୍ୱୟଂଚାଳିତ ମଡେଲ, ଜ୍ଞାନ ଆହରଣ କରିବେ ଛାତ୍ରଛାତ୍ରୀ



**ଭୁବନେଶ୍ୱର, ୨୦/୦୩**
**ନ୍ୟୁଜ ବ୍ୟୁରୋ**

କମିଶନରେଟ ପୋଲିସ ପକ୍ଷରୁ ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ ଲାଗି ନୂଆ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରଥମକରି ରାଜଧାନୀରେ ହେବ ଟ୍ରାଫିକ୍ ପାର୍କ। ଝାରପଡ଼ା ଟ୍ରାଫିକ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟରେ ଏହି ପାର୍କ ନିର୍ମାଣ କରାଯିବ। ପାର୍କରେ ଏକ ସ୍ୱୟଂଚାଳିତ ମଡେଲ ରହିବ। ଏହି ମଡେଲ ଟ୍ରାଫିକ ବିଷୟରେ ସ୍ୱୟଂଚାଳିତ ଭାବେ ସଚେତନ କରିବ। ବିଶେଷକରି ଏହି ପାର୍କ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲାଯିବ। ସେଠାରେ ଛାତ୍ରଛାତ୍ରୀଙ୍କୁ ଟ୍ରାଫିକ ବିଷୟରେ ସଚେତନ କରାଯିବା ସହ ପାଠ ପଢ଼ାଯିବାର ବନ୍ଦୋବସ୍ତ କରାଯାଉଛି।
ସ୍ୱୟଂଚାଳିତ ମଡେଲ ଟ୍ରାଫିକ ସମ୍ପର୍କିତ ସୂଚନା ଦେବ। ଜେବ୍ରା କ୍ରସିଂ କ'ଣ, ସ୍କୁଲ ଅଞ୍ଚଳରେ କିଭଳି ଗାଡ଼ି ଚଳାଇବେ, ରାସ୍ତାର କେଉଁପଟେ ଗାଡ଼ି ଚଳାଇବେ ଇତ୍ୟାଦି ବିଷୟରେ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଦଳ ଡ଼ିଆଁ ଖୁବ୍ ଚାଲିଛି
ମାଙ୍କଡ଼ ତ ଯିବ ହାରି
ନେତା ଗୁଡାଙ୍କର ଏମିତି ପ୍ରକୃତି
ଦିନେ ଦେବ ତାଙ୍କୁ ସାରି
ଏଠି କେହି ନୁହେଁ କାହାରି
ସ୍ୱାର୍ଥ ସାଧନ ହୋଇ ନପାରିଲେ
ଏଇ ରୋଗ ଦିଏ ଧରି !!

## ୨୦୧୯ରେ ପରମାଣୁ ଯୁଦ୍ଧର ନିକଟବର୍ତ୍ତୀ ହୋଇଯାଇଥିଲେ ଭାରତ-ପାକ୍



**ନୂଆଦିଲ୍ଲୀ, ୨୦/୦୩**

୨୦୧୯ରେ କ୍ୟାପଟେନ ଅଭିନନ୍ଦନ ବର୍ଦ୍ଧମାନଙ୍କୁ ପାକିସ୍ତାନ ବନ୍ଦୀ କରିବା ପରେ ଭାରତ ଓ ପାକିସ୍ତାନ ପରମାଣୁ ଯୁଦ୍ଧ ଆଡ଼କୁ ଗତି କରୁଥିଲେ। କିନ୍ତୁ ଶେଷ ମୂହୂର୍ତ୍ତରେ ଏହାକୁ ଟାଳିଦିଆଯାଇଥିଲା ବୋଲି କହିଛନ୍ତି ଆମେରିକାର ପୂର୍ବତନ ବୈଦେଶିକ ସଚିବ ମାଇକ୍ ପୋମ୍ପିଓ। ମାଇକ୍ ପୋମ୍ପିଓ ବୁଧବାର କହିଛନ୍ତି ଯେ ଭାରତୀୟ ବାୟୁସେନାର ଜଣେ ପାଇଲଟଙ୍କୁ ଏକ ପଡ଼ୋଶୀ ଦେଶ ନିଜ ଅକ୍ତିଆରକୁ ନେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ଆରମ୍ଭ ହୋଇଥିଲା। ସେହି ଘଟଣାକୁ ମନେ ପକାଇ ସେ କହିଛନ୍ତି, ଏହି ସଂଘର୍ଷକୁ ନେଇ ବହୁତ ଚିନ୍ତା ଓ ବିପଦ ଥିଲା। ଏହା ବହୁତ ସ୍ପଷ୍ଟ ହୋଇଯାଇଥିଲା ଯେ ଗୋଟିଏ ପକ୍ଷ ପରମାଣୁ ଅସ୍ତ୍ର ବ୍ୟବହାର କରିବା ଦିଗରେ ଅଗ୍ରସର ହେଉଛି ଏବଂ ଉତ୍ତେଜନା ହ୍ରାସ କରିବା ପାଇଁ ଆମ ପାଖରେ ମାତ୍ର କିଛି ଘଣ୍ଟା ଥିଲା।
'ରାଇଜିଂ ଇଣ୍ଡିଆ' ସମ୍ମିଳନୀ ୨୦୨୪ରେ ଯୋଗ ଦେଇ ପୋମ୍ପିଓ *(ପୃଷ୍ଠା ୭ରେ)*

## ମାର୍ଚ୍ଚ ୩୧ରେ ଖୋଲା ରହିବ ସମସ୍ତ ବ୍ୟାଙ୍କ : ରିଜର୍ଭ ବ୍ୟାଙ୍କ

**ଭୁବନେଶ୍ୱର, ୨୦।୩ ନ୍ୟୁଜ ବ୍ୟୁରୋ**

ମାର୍ଚ୍ଚ ୩୧ ତାରିଖରେ ଭାରତର ବ୍ୟାଙ୍କଗୁଡିକର ସମସ୍ତ ଶାଖା ଖୋଲା ରଖିବାକୁ ଅନୁରୋଧ କରିଛନ୍ତି ଭାରତ ସରକାର। ଆର୍ଥିକ ବର୍ଷର ଶେଷ ଦିନ ହୋଇଥିବାରୁ ବିଭିନ୍ନ ସରକାରୀ କାରବାର ସମ୍ପୂର୍ଣ୍ଣ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ମଧ୍ୟ ସମସ୍ତ ବ୍ୟାଙ୍କକୁ ସମାନ ନିର୍ଦ୍ଦେଶ ଦେଇଛି। କେନ୍ଦ୍ରୀୟ ବ୍ୟାଙ୍କ ସମସ୍ତ ବ୍ୟାଙ୍କକୁ ଦେଇଥିବା ଚିଠିରେ କହିଛି ଯେ ମାର୍ଚ୍ଚ ୩୧, ୨୦୨୩ ରେ ସାଧାରଣ କାର୍ଯ୍ୟ ସମୟ ପର୍ଯ୍ୟନ୍ତ ସରକାରୀ କାରବାର ସହ ଜଡିତ ଓଭର-ଦି-କାଉଣ୍ଟର କାରବାର ପାଇଁ ସେମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ଶାଖାଗୁଡ଼ିକୁ ଖୋଲା ରଖନ୍ତୁ। ଆରବିଆଇ ଏହା ମଧ୍ୟ କହିଛି ଯେ ୨୦୨୩ ଆର୍ଥିକ ବର୍ଷ ପାଇଁ ଏଜେନ୍ସି ବ୍ୟାଙ୍କଗୁଡିକ ଦ୍ୱାରା କରାଯାଇଥିବା ସମସ୍ତ ସରକାରୀ କାରବାର ସମାନ ଆର୍ଥିକ ବର୍ଷ ମଧ୍ୟରେ ହିସାବ କରାଯିବା ଉଚିତ୍। ଆରବିଆଇ କହିଛି ଯେ ନ୍ୟାସନାଲ୍ ଇଲେକ୍ଟ୍ରୋନିକ୍ ଫଣ୍ଡ ଟ୍ରାନ୍ସଫର (ଏନଇଏଫଟି) ଏବଂ ରିଅଲ୍ ଟାଇମ୍ ଗ୍ରସ୍ ସେଟେଲମେଣ୍ଟ *(ପୃଷ୍ଠା ୭ରେ)*

## ଶତ୍ରୁକୁ ସଂହାର କରିବ 'ସାଗର କବଚ' : ଦୁଇଦିନିଆ ମିଳିତ ସମରାଭ୍ୟାସ ଆରମ୍ଭ



**ପୁରୀ, ୨୦/୦୩ ନ୍ୟୁଜ ବ୍ୟୁରୋ**

ଶତ୍ରୁକୁ ସଂହାର କରିବ 'ସାଗର କବଚ'। ଆତଙ୍କବାଦୀ ଧରିବାକୁ ନୌସେନା ପ୍ରସ୍ତୁତ। ଶତ୍ରୁକୁ ସଂହାର କରିବା ସହ ଆତଙ୍କବାଦୀଙ୍କୁ ପ୍ରବେଶ ନକରାଇବା ପାଇଁ ନୌସେନାର ଅଭିନବ ପ୍ରୟାସ। ପୁରୀ ଜିଲ୍ଲାର ଅସ୍ତରଙ୍ଗ, କୋଣାର୍କର ଚନ୍ଦ୍ରଭାଗା ଉପକୂଳରେ ଦୁଇଦିନିଆ ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି।
ସମୁଦ୍ରରେ 'ସାଗର କବଚ'ର *(ପୃଷ୍ଠା ୭ରେ)*

# ଐତିହାସିକ ଗୁରୁତ୍ୱ ବହନ କରୁଥିବା 'ଡେଭିଲ୍ ଧୂମକେତୁ' ଏପ୍ରିଲ ୨୧ରେ ଦେଖାଯିବ



**ଡ. ଦେବାଶୀଷ ରାୟ**

ନାସାର ସଦ୍ୟ ଅଧ୍ୟୟନ ଅନୁଯାୟୀ, 'ଡେଭିଲ୍ ଧୂମକେତୁ' ଏପ୍ରିଲ୍ ୨୧, ୨୦୨୪ରେ ସୂର୍ଯ୍ୟଙ୍କ ସବୁଠାରୁ ନିକଟତମ ଅଞ୍ଚଳରେ ରହିବ। ଯାହାକୁ ଇଂରାଜୀରେ ପେରିହେଲିଅନ୍ ଅଞ୍ଚଳ କୁହାଯାଏ। ସେହି ଦିନ ପୃଥିବୀର ଲୋକମାନେ ଧୂମକେତୁକୁ ଏକ ଉଜ୍ଜ୍ୱଳ ତାରକା ଭାବରେ ଦେଖିପାରିବେ। ପୁରାକାଳର ବୈଜ୍ଞାନିକମାନଙ୍କର ଅଧ୍ୟୟନକୁ ଆଧାର କରି ଧୂମକେତୁର ଉତ୍ପତ୍ତି ବିଷୟରେ ନାସା ପକ୍ଷରୁ ପୂର୍ବରୁ ବର୍ଣ୍ଣନା କରାଯାଇଛି। ତଦନୁଯାୟୀ ଧୂମକେତୁଗୁଡିକ "ସୌର ପ୍ରଣାଳୀର ସୃଷ୍ଟିରୁ ନିର୍ଗତ ଅବଶିଷ୍ଟ ଅଂଶ" ଭାବରେ ଧରାଯାଏ। ଯାହାର ମୂଳ ବା ନ୍ୟୁକ୍ଲିୟସ୍ ଧୂଳି, ପଥର ଓ ଗ୍ୟାସକୁ ନେଇ ଗଠିତ ଏବଂ ସାଧାରଣତଃ ଏକ ଛୋଟ ସହରର ଆକାର ଅଟେ। ଯେତେବେଳେ ଏହି ଧୂମକେତୁ ସୂର୍ଯ୍ୟ ନିକଟକୁ ଆସେ, କୋମା ନାମକ ମୂଳ ଚାରିପାଖରେ ଏକ ଗ୍ୟାସ୍ ଗ୍ରହ ଆକାରର ମେଘ ସୃଷ୍ଟି କରେ। ଗ୍ୟାସ୍ ଏବଂ ଧୂଳିର ଏକ ଲାଞ୍ଜ ଧୂମକେତୁ ପଛରେ ଲକ୍ଷ ଲକ୍ଷ ମାଇଲ୍ ବିସ୍ତାର କରିଥାଏ ଯେହେତୁ ଏହା ମହାକାଶରେ ଚଳନ କରିଥାଏ। ଆପଣ ଚଳିତ ବର୍ଷ ଦୁଇଟି ଧୂମକେତୁ ଦେଖିପାରିବେ – ଧୂମକେତୁ 12P / ପନ୍ସ-ବ୍ରୁକ୍ସ ଏବଂ ଧୂମକେତୁ ସୁଚିନ୍‌ଶାନ୍-ଏଟ୍ଲାସ୍। ପ୍ରଥମଟି ଦୀର୍ଘ ସମୟ ପାଇଁ ଏକ ଜଣାଶୁଣା ଧୂମକେତୁ ହୋଇଥିବାବେଳେ ଦ୍ୱିତୀୟଟି ୨୦୨୩ ମସିହାରେ ଆବିଷ୍କୃତ ହୋଇଥିଲା। ଧୂମକେତୁ ପନ୍ସ-ବ୍ରୁକସ୍, ଯାହା 'ଡେଭିଲ୍ କମେଟ୍' ବା 'ଡେଭିଲ୍ ଧୂମକେତୁ' ଭାବରେ ଜଣାଶୁଣା ଏବଂ ପୂର୍ବରୁ ୧୯୫୪ ମସିହାରେ ଦେଖାଦେଇଥିଲା। କିଛି ବର୍ଷ ପୂର୍ବେ ଏହା ଏପ୍ରିଲ୍ ୮ରୁ ଦେଖାଦେବ ବୋଲି ଜଣାପଡିଥିଲା ଏବଂ ଏପ୍ରିଲ୍ ୨୧ରେ ସବୁଠାରୁ ଉଜ୍ଜଳ ରହିବ। ଏହା ପ୍ରାୟ ୧୮ ମାଇଲ ବ୍ୟାସ ଥିବା ଏକ ବଲ୍ ଯାହା ପ୍ରତି ୭୦-୭୧ ବର୍ଷରେ ଥରେ ସୂର୍ଯ୍ୟଙ୍କୁ ପରିକ୍ରମା କରେ। ଯେତେବେଳେ ଏହି ଧୂମକେତୁ ପେରିହେଲିଅନ୍‌ରେ ସୂର୍ଯ୍ୟଙ୍କୁ ପରିକ୍ରମା କରେ, ଏହା ୦.୮ ଜ୍ୟୋତିର୍ବିଜ୍ଞାନ ୟୁନିଟ୍ (୧୧୯.୭ ମିଲିୟନ୍ କିଲୋମିଟର ଦୂରତା)ରେ ରହେ। ଏଠାରେ ସୂଚାଇ ଦିଆଯାଇପାରେ ଯେ ୧ ଜ୍ୟୋତିର୍ବିଜ୍ଞାନ ୟୁନିଟ୍ [AU] ହେଉଛି ହାରାହାରି ପୃଥିବୀଠାରୁ ସୂର୍ଯ୍ୟର ଦୂରତା - ମାନେ ୧୪୮.୯୯ ମିଲିୟନ୍ କିଲୋମିଟର।
ଅନୁମାନ କରାଯାଇଥିଲା ଯେ ଏହି ମାସରେ ଯେତେବେଳେ ସମୁଦାୟ ଚନ୍ଦ୍ରଗ୍ରହଣ ଘଟିବ, ସେତେବେଳେ ଏହା ଏକ ଡଜନରୁ ଅଧିକ ଆମେରିକୀୟ ରାଜ୍ୟରେ ଦୃଶ୍ୟମାନ ହେବ। ଏହା ଏପ୍ରିଲ୍ ୮ରେ ପଡିଥିଲା। ଏହି ଧୂମକେତୁ ବର୍ତ୍ତମାନ ପର୍ଯ୍ୟନ୍ତ ଅତି କମରେ ଚାରିଥର ବିସ୍ଫୋରଣ ହୋଇଛି। ଏହା ମହାକାଶରେ ଏକ ବରଫ- ପଥର ପରି ଆକାରର ଏବଂ ଏଭରେଷ୍ଟ ମାଉଣ୍ଟ ଠାରୁ ବଡ ବୋଲି କୁହାଯାଏ।
ଏନଡିଟିଭିର ଏକ ରିପୋର୍ଟ ଅନୁଯାୟୀ, ଧୂମକେତୁ ଚିହ୍ନିବା ଟିକେ କଷ୍ଟସାଧ୍ୟ ହୋଇପାରେ, ତେଣୁ ଦୃଶ୍ୟମାନତା ପାଇଁ ମଧ୍ୟମ ଆକାରର ଟେଲିସ୍କୋପ ବ୍ୟବହାର କରିବାକୁ ଦର୍ଶକମାନଙ୍କୁ ପରାମର୍ଶ ଦିଆଯାଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଶିଙ୍ଗ ସହିତ ପୃଥିବୀ ଆଡକୁ ଯାଉଥିବା 'ଡେଭିଲ୍ ଧୂମକେତୁ' ଶୀଘ୍ର ବିସ୍ଫୋରଣ ହେବ। କିନ୍ତୁ ପୃଥିବୀ ଉପରେ କୌଣସି ପ୍ରଭାବ ପଡିବ ନାହିଁ। କେତେ ଗୁଡିଏ ସଂସ୍ଥା ପୂର୍ବାନୁମାନ କରିଛନ୍ତି ଯେ ପଶ୍ଚିମବଙ୍ଗ, ଓଡ଼ିଶା, ଲଦାଖ ଏବଂ ଦେଶର ଅନେକ ଉତ୍ତର-ପୂର୍ବ ରାଜ୍ୟ ସମେତ ଭାରତର ବିଭିନ୍ନ ସ୍ଥାନରେ ଏହି ଧୂମକେତୁ ଦୃଶ୍ୟମାନ ହେବ। ଏପ୍ରିଲ ୨୧ରେ ଉତ୍ତର କିମ୍ବା ଉତ୍ତର ପଶ୍ଚିମ ଆକାଶ ଉପରେ ଦିଆଯାଇଥିବା ଚିତ୍ର ପରି ଧୂମକେତୁ ଦେଖିବାକୁ ଚେଷ୍ଟା କରିବା। ଖାଲି ଆଖିରେ ମଧ୍ୟ ଦେଖାଯାଇପାରେ। ଏହା ଏକ ଅଦ୍ଭୁତ ଅଭିଜ୍ଞତା ହେବ ଯାହା ବରିଷ୍ଠ ଲୋକମାନଙ୍କର ଜୀବ କାଳରେ ଆଉ ଆସିବ ନାହିଁ।



ସୌଜନ୍ୟ : ୱାଶିଂଟନ ପୋଷ୍ଟ

ମାସିକ ଗଳ୍ପ ପତ୍ରିକା
କଥା କଳିକା
୧୦ମ ବାର୍ଷିକ ଜନ୍ମୋତ୍ସବ
୪୬୪, ଶହୀଦ ନଗର, ଭୁବନେଶ୍ୱର-୭
ସମ୍ବର୍ଦ୍ଧନା•ସମ୍ମାନ ଓ ପ୍ରତିଭା ପୁରସ୍କାର ପ୍ରଦାନ ସମାରୋହ
୨୫ ମାର୍ଚ୍ଚ ୨୦୨୪ • ସୋମବାର • ଦୋଳପୂର୍ଣ୍ଣିମା • ପୂର୍ବାହ୍ନ ୧୦ ଘଣ୍ଟା •
ସ୍ଥାନ : ଦି ପ୍ରେସ କ୍ଲବ ଅଫ୍ ଓଡ଼ିଶା • ମାଷ୍ଟରକ୍ୟାଣ୍ଟିନ୍ ଛକ ପାଖ • ଭୁବନେଶ୍ୱର
ପ୍ରିୟ ସୁହୃଦ୍,
ସପ୍ରେମ ସାରସ୍ୱତ ଶୁଭେଚ୍ଛା ଓ ଅଭିନନ୍ଦନ।
ଚଳିତ ବର୍ଷର ଏହି ସାରସ୍ୱତ ସମାରୋହରେ ଆମକୁ ସଖ୍ୟ ପ୍ରଦାନ କରିବେ...
ଶ୍ରୀଯୁକ୍ତ ତଥାଗତ ସତପଥୀ
ସମ୍ପାଦକ ଦୈନିକ ଧରିତ୍ରୀ : ବରେଣ୍ୟ ଉଦ୍‌ଘାଟକ
ଡକ୍ଟର ଗୌରହରି ଦାସ
ବିଶିଷ୍ଟ କଥାଶିଳ୍ପୀ : ବରେଣ୍ୟ ମୁଖ୍ୟଅତିଥି
ଶ୍ରୀଯୁକ୍ତ ଦିଲ୍ଲୀପ ରାଉତରାଏ, ଭା.ପ୍ର.ସେ.
ନିର୍ଦ୍ଦେଶକ ସଂସ୍କୃତି ବିଭାଗ, ଓଡ଼ିଶା ସରକାର : ବରେଣ୍ୟ ପ୍ରମୁଖ ଅତିଥି
ଡକ୍ଟର ନୃସିଂହ ଚରଣ ଷଡ଼ଙ୍ଗୀ
ବିଶିଷ୍ଟ କବି-ସାହିତ୍ୟିକ, ସମାଲୋଚକ : ବରେଣ୍ୟ ମୁଖ୍ୟବକ୍ତା
ଏହି ଭବ୍ୟ ସମାରୋହରେ ସଭାପତିତ୍ୱ କରିବେ ସର୍ବଜନାଦୃତ ବିଶିଷ୍ଟ ଭାରତୀୟ ଔପନ୍ୟାସିକ, କଥାଶିଳ୍ପୀ ତଥା ସ୍ତମ୍ଭକାର ଡକ୍ଟର ବିଭୂତି ପଟ୍ଟନାୟକ।
ସମ୍ମାନର ସହ
ଭବଦୀୟ
ଦୁର୍ଗାଚରଣ ଷଡ଼ଙ୍ଗୀ – କାର୍ଯ୍ୟନିର୍ବାହୀ ସମ୍ପାଦକ
ସୁପ୍ରଭା ରାୟ – ମୁଖ୍ୟ ସମ୍ପାଦିକା
ଜୟାଶୀଷ ରାୟ – ସମ୍ପାଦକ

30 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ମାର୍ଚ୍ଚ ୨୦୨୪ ଗୁରୁବାର







**କେନ୍ଦୁଝର:** ଅବିଭାବକ କେତେ ସଚେତନ ?ଚଳନ୍ତା ଯାନରେ ହାତ ଧରି ଯାଉଛନ୍ତି



କାମ ଅନ୍ୱେଷଣରେ ସହର ମୁହାଁ ଗ୍ରାମ୍ୟ ଅଧିବାସୀ



ଜାଳ କାଠ ନାମରେ ଜଙ୍ଗଲ ନଷ୍ଟ



ଦକ୍ଷତା ଅଛି କିନ୍ତୁ ସରକାରୀ ପ୍ରୋତ୍ସାହନ ନାହିଁ **(ଫଟୋ: ସୁରଜିତ, ନ୍ୟୁଜ୍)**

## ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଆଗାମୀ ଲୋକସଭା ଓ ବିଧାନ ସଭା ପାଇଁ ସାଧାରଣ ନିର୍ବାଚନ - ୨୦୨୪ ନିମନ୍ତେ ନିର୍ବାଚନ ଆୟୋଗ ଦ୍ୱାରା କାର୍ଯ୍ୟସୂଚୀ ଘୋଷଣା ଓ ଆଦର୍ଶ ଆଚରଣ ବିଧି ଲାଗୁ କରାଯିବା ପରେ ରବିବାର ପୂର୍ବାହ୍ନରେ ଭଦ୍ରକ ଜିଲ୍ଲା ପ୍ରଶାସନ ଦ୍ୱାରା ଗଣମାଧ୍ୟମ ଓ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ଡ଼େପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ ପ୍ରମୁଖ ଯୋଗଦେଇଥିଲେ । ମାର୍ଚ୍ଚ ୧୬ରେ ନିର୍ବାଚନ ଆୟୋଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭଦ୍ରକ ଜିଲ୍ଲାରେ ଶେଷ ଅର୍ଥାତ୍ ୭ମ ପର୍ଯ୍ୟାୟରେ ଜୁନ୍ ୧ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ସେହି ଅନୁଯାୟୀ ମଇ ୭ରେ ନୋଟିଫିକେସନ୍, ମଇ ୭ ରୁ ୧୪ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ, ମଇ ୧୫ରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ମଇ ୧୭ ଥିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଜୁନ୍ ୧ରେ ମତଦାନ ଓ ଜୁନ୍ ୪ରେ ଗଣତି କରାଯିବା ନେଇ ଜିଲ୍ଲା ପ୍ରଶାସନର ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ସମ୍ବନ୍ଧରେ ପ୍ରକାଶ କରିଥିଲେ । ଅବାଧ, ମୁକ୍ତ, ନିରପେକ୍ଷ, ହିଂସାମୁକ୍ତ, ସ୍ୱଚ୍ଛ ନିର୍ବାଚନ ପାଇଁ ପ୍ରଶାସନ ସହିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି, ରାଜନୈତିକ ଦଳର କର୍ମକର୍ତ୍ତା, ପ୍ରାର୍ଥୀ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ପ୍ରତି ନିର୍ବାଚନ ମଣ୍ଡଳୀ ପାଇଁ ୩ଟି ଲେଖାଏଁ ସମୁଦାୟ ୧୫ଟି ଫ୍ଲାଇଂ ସ୍କ୍ୱାର୍ଡ଼ ମାର୍ଚ୍ଚ ୧୬ ଠାରୁ କାମ ଆରମ୍ଭ କରିଥିବା ନେଇ ମଧ୍ୟ ସେ ସୂଚନା ପ୍ରଦାନ କରିଥିଲେ । ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ନେଇ ଫୋନ୍ ଦ୍ୱାରା ୧୧୨ ନମ୍ବରରେ ଜଣାଇ ପାରିବେ । ଡ଼ିସ୍‌ପରସାଲ ଓ ଗଣତି ପାଇଁ ୪ଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଓ କେବଳ ଧାମନଗର ପାଇଁ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜନ କରାଯିବା ନେଇ ବ୍ୟବସ୍ଥା କରାଯାଉଛି । ରାଜନୈତିକ ଦଳର ପ୍ରତିନିଧି, ପ୍ରାର୍ଥୀମାନେ ଇ.ଭି.ଏମ୍. ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରନ୍ତୁ, ଇ.ଭି.ଏମ୍. କମିଶନିଂ ଓ ସଂପୃକ୍ତ ଅନ୍ୟ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଭାବେ ସାମିଲ ହୁଅନ୍ତୁ ବୋଲି ଜିଲ୍ଲାପାଳ ଜଣାଇଥିଲେ । ଆହୁରି ମଧ୍ୟ ସୂଚନା ଦେଇଥିଲେକି ସକାଳ ୭ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ । ଜିଲ୍ଲାର ସମୁଦାୟ ୧୩୦୯ ବୁଥ୍‌ରୁ ଶତାକଡ଼ା ୬୦ ଭାଗ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା ରହିବ । ପ୍ରଚାର ପାଇଁ ଶୋଭାଯାତ୍ରା, ସଭା ହେବାକୁଥିବା ପଡ଼ିଆ, ରାସ୍ତା, ଡ଼ାକବାଜି ଯନ୍ତ୍ର, ଯାନ ଆଦି ପାଇଁ ଶତକଡ଼ା ଶହେ ଭାଗ ଅନ୍‌ଲାଇନ୍‌ରେ ଆବେଦନ କରିବେ । କୌଣସି ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦି ଧାର୍ମିକ ପୀଠରେ ସଭା ସମିତି ନିଷେଧ ଅଟେ । ରାତ୍ରି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ପ୍ରଚାର ବନ୍ଦ ରହିବ । ଗଣମାଧ୍ୟମ ଉପରେ କଡ଼ା ନଜର ରଖାଯିବ । ଦୁରୁପୋଯୋଗକାରୀଙ୍କ ବିରୁଦ୍ଧରେ ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ସରକାରୀ କୋଠାବାଡ଼ି, ବିଦ୍ୟୁତ୍ ଖୁଣ୍ଟ, ସରକାରୀ ଜାଗା ଆଦିରେ ପୋଷ୍ଟର, ବ୍ୟାନର ମାରିବା ନିଷେଧ । ଭୋଟର ମାନଙ୍କୁ ପ୍ରଭାବିତ କରାଗଲା ଭଳି ଅବୈଧ କାରବାର ସବୁ ରୋକିବା ପାଇଁ ସୂଚନା ମିଳିଲା ମାତ୍ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗଣମାଧ୍ୟମ ପ୍ରତିନିଧିମାନେ ସମାଜର ଆଖି କାନ ସଦୃଶ କାର୍ଯ୍ୟ କରୁଥିବାରୁ ସେମାନଙ୍କ ଜରିଆରେ ଗଣତନ୍ତ୍ରର ମହତ ଉଦ୍ଦେଶ୍ୟ ପ୍ରତି ଭୋଟର ପାଖରେ ପହଞ୍ଚି ପାରିବ ଏବଂ କ୍ଷେତ୍ର ସ୍ତରୀୟ ଦୋଷ ଦୁର୍ବଳତା ସମ୍ବନ୍ଧରେ ଅବଗତ ହେଲେ ଜିଲ୍ଲା ପ୍ରଶାସନ ନିର୍ବାଚନ ପ୍ରକ୍ରିୟାରେ ସୁଧାର ଆଣିପାରିବ । ବିଶେଷ କରି ଆଗାମୀ ନିର୍ବାଚନରେ ମତଦାନ ହାର ବୃଦ୍ଧି କରିବା ଦିଗରେ ଗଣମାଧ୍ୟମର ସହଯୋଗ କାମ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଗତ ଜାନୁୟାରୀ ୫ରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ବୁଥ୍ ଅନୁଯାୟୀ ଭୋଟର ସଂଖ୍ୟା ଯୋଗ, ବିୟୋଗ ବା ଅନ୍ୟାନ୍ୟ ତ୍ରୁଟି ଥିଲେ ରାଜନୈତିକ ଦଳର ପ୍ରତିନିଧିମାନେ ତୁରନ୍ତ ଜଣାଇବାକୁ ମଧ୍ୟ ସେ ଅବଗତ କରାଇଥିଲେ ।

## ବେସରକାରୀ ଠିକା ସଂସ୍ଥାର ମେରିରାୟ ଶାସନ:ମାସିକ ପାରିତୋଷିକରେ ବିଳମ୍ବ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇ ଯୁବକ/ ଯୁବତୀ ମାନଙ୍କୁ ଆତ୍ମ ନିଯୁକ୍ତି ଦିଆଯାଉଛି । ଗରିବ, ଖଟିଖିଆ, ଋଷୀ ମୁଲିଆ, ମତ୍ସ୍ୟଜୀବୀ ପରିବାର ଓ ଦିନମଜୁରିଆ ଘରର ଶିକ୍ଷିତ ପୁଅଝିଅମାନେ ପୁରୀ, ଭୁବନେଶ୍ୱର, କଟକ, ଫୁଲବାଣୀ, ରାୟଗଡା ଯାଏଁ ପରିବାରର ଜୀବନ ଜୀବିକା ପ୍ରତିପୋଷଣ ପାଇଁ ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଗରିବ ସ୍ତ୍ରୀ ପୁରୁଷ କାମ କରନ୍ତି । ସରକାର ପ୍ରାୟ ସଂସ୍ଥା ଗୁଡିକ ଠିକା ଅନୁଷ୍ଠାନକୁ କିମ୍ବା ଠିକାଦାର ମାନଙ୍କୁ ଟେକି ଦେବା ଦ୍ୱାରା ଆର୍ଥର ବିଋରରେ ସମତୁଲ ରହୁନଥିବା ଅଭିଯୋଗ ବାଢିଛନ୍ତି । ତତ୍ ସହିତ ସ୍ଥାନେ ସ୍ଥାନେ ଠିକା ସଂସ୍ଥା ଗୁଡିକ ପାରିତୋଷିକରେ ଭୟଭୀତ କରାଇ ପ୍ରକୃତ ଦରମାରୁ ବଞ୍ଚିତ କରାଉଛନ୍ତି । ସମୟେ ସମୟେ ମାସ ମାସ ଧରି କାମ କରୁଥିଲେ ମଧ୍ୟ ଗେନ୍ଦୁରିଆ ଗୋଳିଆ କରି କିମ୍ବା ନୂଆ ଠିକାଦାରଙ୍କର ପରିଚୟ ସୃଷ୍ଟି ଚିହ୍ନିତ ଓ ବିଋର ତାଳମେଳରେ ଠିକ୍ ନରହିଲେ ଶୋଷଣ କଷଣ ସାଙ୍ଗକୁ ବେତନ ପ୍ରଦାନରେ ଅହେତୁକ ବିଳମ୍ବ କରୁଥିବା ରମ୍ଭା ସିପିଆଇ ଶାଖାର ଗଞ୍ଜାମ ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ପୂର୍ବତନ ସମ୍ପାଦକ ଅରକ୍ଷିତ ନାୟକ, କ୍ଷେତ ମଜ୍‌ଦୁର୍ ସମ୍ପାଦକ ରଜନୀ ବେହେରା, ସିପିଆଇର ସମ୍ପାଦକ କ୍ଷେତ୍ରମଣି ବେହେରା, ଭାସ୍କର ପାତ୍ର, ନାରାୟଣ ନାୟକ ପ୍ରମୁଖ ଉପରୋକ୍ତ ସମସ୍ୟା ପ୍ରତି ଠିକା ସଂସ୍ଥା ଓ ଉଚ୍ଚ ପଦପଦୀ ସ୍ଥାନୀତ ବ୍ୟକ୍ତିମାନଙ୍କୁ ତାଗିଦ୍ କରନ୍ତୁ ବୋଲି ଜଣାଇଛନ୍ତି ।



## ଓସ୍ତପୁର ପଞ୍ଚାୟତ ହେଲା ଆଲୋକୀ କରଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପଞ୍ଚାୟତ ଅଞ୍ଚଳର ମଣିଛକ ଠାରୁ ତାରିଣୀଗଡା ପର୍ଯ୍ୟନ୍ତ ଆଲୋକୀ କରଣ କରାଯାଇ ବିଧାୟକ ଶଶି ଭୂଷଣ ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ ଆଲୋକୀ କରଣ ପାଇଁ ଦୀର୍ଘଦିନ ଧରି ଦାବି କରି ଆସୁଥିବାରୁ ବିଧାୟକ ଶ୍ରୀ ବେହେରା ନିଜସ୍ୱ ଅନୁଦାନ ପାଣ୍ଠିରୁ ପ୍ରାୟ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଏହି ଆଲୋକୀ କରଣ ହେବା ଫଳରେ ପଞ୍ଚାୟତବାସୀ ଏବଂ ଆଖପାଖ ଅଞ୍ଚଳର ଜନ ସାଧାରଣ ଉପକୃତ ହେବେ । ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ସମିତି ସଭ୍ୟ ରାଜ ଅମାନତ, ପଞ୍ଚାୟତ ଯୁବ ସଭାପତି ପ୍ରଶାନ୍ତ ସାମଲଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା, ବୁଦ୍ଧିଜୀବୀ ଓ ମହିଳାମାନେ ଉପସ୍ଥିତ ଥିଲେ ।

## ୫ ଦିନ ବ୍ୟାପି ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି



**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ବାବା ଆରକ୍ଷିତ ଓଝାଙ୍କ ସଂଯୋଜନାରେ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ବରପଡା ସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାରୁଦ୍ରଙ୍କ ବିଜେସ୍ଥଳୀରେ ୫ ଦିନ ବ୍ୟାପି ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟବିଂଶତିତମ ସାମ୍ବତ୍ସରିକ ନାମଯଜ୍ଞ ଆନନ୍ଦ ଉଲ୍ଲାସ ମଧ୍ୟରେ ପୂର୍ଣ୍ଣାହୁତି ହୋଇଯାଇଛି । ଏହି ଅବସରରେ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ଏକ ବିରାଟ କଳସ ଶୋଭାଯାତ୍ରା ଆସିଥିଲା । ଏହି କଳସୀଗୁଡିକୁ ଯଜ୍ଞସ୍ଥଳରେ ସ୍ଥାପନ କରାଯାଇଥିଲା । ବିଶ୍ୱଗୁରୁ ବ୍ରହ୍ମକଳକୀ ବ୍ରହ୍ମ ବିରାଟ ପୁରୁଷଙ୍କ ଆବାହନ ସତ୍ୟ ସନାତନ ପ୍ରତିଷ୍ଠା ନିମନ୍ତେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରତ୍ୟହ ରାତ୍ରରେ ଓଡ଼ିଶାର ସୁନାମଧନ୍ୟ ପ୍ରବଚକ ପଣ୍ଡିତ ଡ. ଗୌତମ ମହାରଣା, ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ମହନ୍ତ ମହରାଜ ହୃଷିକେଶ ଦାସ, ବିଭୂତି ପାଲ, ଅଧ୍ୟାପକ ସାରଦା ପ୍ରସନ୍ନ କର ପ୍ରମୁଖ ବହୁ ବିଶିଷ୍ଟ ପ୍ରବଚକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ପ୍ରବଚନ ଦେଇଥିଲେ । ଏହି ପ୍ରବଚନ ଶୁଣିବା ନିମନ୍ତେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା । ଏପରିକି ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଇନ୍‌ଫରମେସନ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏଲୋପାଥିକ, ହୋମିଓ ପାଥିକ ଓ ଆୟୁର୍ବେଦର ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ଦାତବ୍ୟ ଚିକିତ୍ସା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଗୋପାଳ ମାନଙ୍କ ଦ୍ୱାରା ଲଉଡି ଖେଳ, ଘୋଡାନାଚ ଓ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା । ରାତ୍ରର ବିଳମ୍ବିତ ପ୍ରହରରେ ବିମାନ ଯାତ୍ରା, ହରିହର ଭେଟ, ଭଜନ ସନ୍ଧ୍ୟା ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା । ଏଥିରେ ବାବା ତପନ କୁମାର ଓଝା, ପ୍ରବଚକ ନାରାୟଣ ଓଝା, ସଞ୍ଜୟ କୁମାର ଓଝା, ବିପିନ କୁମାର ଓଝା, ହିମାଂଶୁ ମହାପାତ୍ରଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ପୂର୍ଣ୍ଣ ସହଯୋଗ କରିଥିଲେ । ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ଅଶୋକା କୁମାର ଓଝା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶୋଭନ କୁମାର କର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ବିଭୂକୃପା ଲାଭ କରିଥିଲେ ।



## ବରିଷ୍ଠ ନାଗରିକ ପରିଷଦର ପ୍ରାକ୍ତନ ସଭାପତିଙ୍କ ସ୍ମୃତିସଭା

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ ଦିବା ୧୧ ଘଟିକା ସମୟରେ ପୂର୍ବତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତଥା ବରିଷ୍ଠ ନାଗରିକ ପରିଷଦ, ଆନନ୍ଦପୁରର ପ୍ରାକ୍ତନ ସଭାପତି ସ୍ୱର୍ଗତ ମହେଶ୍ୱର ମିଶ୍ରଙ୍କର ସାଇକଲୋନୀ ସ୍ଥିତ ବାସଭବନରେ ଏକ ସ୍ମୃତି ଋରଣ ଦ୍ୱାଦଶାହ କ୍ରିୟା ଅବସରରେ ଏକ ସ୍ମୃତି ଋରଣ ସଭା ପୂଜ୍ୟ ପୂଜା ସାଂସ୍କୃତିକ ଓ ବରିଷ୍ଠ ନାଗରିକ ପରିଷଦ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଦିବଂଗତ ଶ୍ରୀ ମିଶ୍ରଙ୍କର ଗୁଣାବଳୀ ବର୍ଣ୍ଣନା ସହିତ ଆତ୍ମାର ସଦ୍‌ଗତି କାମନା କରାଯାଇଛି । ଏହି ଶୋକସଭାରେ ରମାକାନ୍ତ ନାୟକ ସଭାପତିତ୍ୱ କରିଥିଲେ । ଅନ୍ୟ ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରୁ ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ଅରୁଣ କୁମାର ମହାନ୍ତି, ଶିଶୁ ସାହିତ୍ୟିକ କୀର୍ତ୍ତନ ସାହୁ ଏବଂ ଅବସର ପୋଲିସ ମଙ୍ଗଳ ପରିଷଦ, ଭୁବନେଶ୍ୱରର ତଥା ସମ୍ପର୍କୀୟ ସୂର୍ଯ୍ୟମଣି ତ୍ରିପାଠୀ ସ୍ୱର୍ଗତ ଆତ୍ମାଙ୍କର ନିଷ୍ଠା, ସମାଜ ସେବା ଓ କାର୍ଯ୍ୟ ଦକ୍ଷତା ବିଷୟରେ ଅବତାରଣା କରିଥିଲେ । ଏହି ସଭାରେ ପୂଜ୍ୟପୂଜା ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ସମ୍ପାଦକ ରାମଚନ୍ଦ୍ର ଜେନା, ସାବିତ୍ରୀ ଦାସ, ରଘୁନାଥ ପଣ୍ଡିତ, ସାମ୍ବାଦିକ ନିରାକାର ଦଳାଇ, ସତ୍ୟବ୍ରତ ରାମ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଶିକ୍ଷାବିତ କନକଲତା ରାମ ଏବଂ ରବିନ୍ଦ୍ର ପ୍ରସାଦ ଋନ୍ଦ ସ୍ୱରଚିତ କବିତା ପାଠ କରିଥିଲେ । ଏହି ସଭାକୁ ଅଶୋକ କୁମାର ସାହୁ ପରିଋଳନା କରିବା ସହ ସ୍ୱର୍ଗତ ମିଶ୍ରଙ୍କର ସାନଭାଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବ୍ରହ୍ମପୁର ବନଖଣ୍ଡରେ ବନାଗ୍ନି ରୋକିବାକୁ ପଦକ୍ଷେପ:୩୦୦କି.ମି. ଫାୟାର ଲାଇନ୍, ସ୍ୱତନ୍ତ୍ର ସ୍କ୍ୱାଡ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଗତ ଦୁଇ ତିନି ବର୍ଷ ହେବ ଜଙ୍ଗଲ ନିଆଁ ଓଡ଼ିଶା ସରକାର ଓ ବନ ବିଭାଗକୁ ଅଡୁଆରେ ପକାଇଛି । ଜଙ୍ଗଲରେ ନିଆଁ ଲାଗିବାର ବିଭିନ୍ନ କାରଣ ଓ ଅଭିଯୋଗ ସାମ୍ନାକୁ ଆସିଛି । ଏହାକୁ ପ୍ରତିହତ କରିବାକୁ ଉଚ୍ଚସ୍ତରରେ ଅନେକ ଆଲୋଚନା, ପର୍ଯ୍ୟାଲୋଚନା, ରୋଡ୍‌ମ୍ୟାପ ଓ ମାଷ୍ଟର ପ୍ଲାନ୍ ତିଆରି ହୋଇ କାର୍ଯ୍ୟକାରୀ ଚାଲିଛି । ଏ ବାବଦରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି । ମାତ୍ର ନିଆଁ ଦାଉରୁ ଜଙ୍ଗଲକୁ ମୁକ୍ତ ରଖିବା ଏବଂ ଏହାର ସ୍ଥାୟୀ ପ୍ରତିକାର ଦିଗରେ ରାଜ୍ୟ ସରକାର ଉଦ୍ୟମରତ । ଏ ବର୍ଷ ବି ଫେବୃୟାରୀ ଶେଷ ବେଳଠୁ ବହୁ ଜଙ୍ଗଲରେ ନିଆଁ ଦେଖାଦେଲାଣି । ତେବେ ବଡ଼ ଧରଣର ବନାଗ୍ନି ହୋଇନଥିବାରୁ ସେଗୁଡ଼ିକୁ ପ୍ରଶମିତ କରିବାରେ ବନ ବିଭାଗ ସଫଳ ହୋଇଛି । ବ୍ରହ୍ମପୁର ବନଖଣ୍ଡରେ ମଧ୍ୟ କେତେକ ସ୍ଥାନରେ ଅଗ୍ନି ବ୍ୟାପିବାର ଖବର ଆସିଛି । ଉଣାଅଧିକେ ଏହି ବନଖଣ୍ଡ ପ୍ରଭାବିତ ହୋଇଛି । ବନ ବିଭାଗର ସକ୍ରିୟ ପଦକ୍ଷେପ ଓ ପୂର୍ବ ପ୍ରସ୍ତୁତି ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ଆଶ୍ୱସ୍ତିର ବିଷୟ ହେଲା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଏହି ବନଖଣ୍ଡରେ ଗୋଟିଏ ବି ସକ୍ରିୟ ଫାୟାର ପଏଣ୍ଟ ନଥିବା ବନଖଣ୍ଡ କାର୍ଯ୍ୟାଳୟରୁ ଜଣାପଡ଼ିଛି । ଏହାର ପ୍ରମୁଖ କାରଣ ହେଲା ବିସ୍ତୀର୍ଣ୍ଣ ଫାୟାର ଲାଇନ୍ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ତଦାରଖ । ବିସ୍ତୃତ ଓ ବିଶାଳ ବ୍ରହ୍ମପୁର ବନଖଣ୍ଡ । ୬୫୦୦୪ ହେକ୍ଟର ବିଶିଷ୍ଟ ଏହି ବନଖଣ୍ଡରେ ୪ଟି ବନାଞ୍ଚଳ ରହିଛି । ଏଥିମଧ୍ୟରୁ ବ୍ରହ୍ମପୁର, ଖଲ୍ଲିକୋଟ, ଦିଗପହଣ୍ଡି ବନାଞ୍ଚଳ ଅପେକ୍ଷା ସାମନ୍ତିଆପଲ୍ଲୀ ବନାଞ୍ଚଳ ଅପେକ୍ଷାକୃତ ଅଧିକ ସମ୍ବେଦନଶୀଳ । ଏ ବର୍ଷ ମଧ୍ୟ ସାମନ୍ତିଆପଲ୍ଲୀ ଓ ଦିଗପହଣ୍ଡି ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ଛୋଟ ଛୋଟ ବନାଗ୍ନି ଖବର ସାମ୍ନାକୁ ଆସିସାରିଛି । ମାର୍ଚ୍ଚ ପହିଲାରୁ ୯ ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ୪ଟି ବନାଞ୍ଚଳରେ ୪୭ଟି ଛୋଟମୋଟ ବନାଗ୍ନି ଚିହ୍ନଟ ହୋଇଛି । ବିଭିନ୍ନ ବନାଞ୍ଚଳ ତାଳଗୁଡ଼ି, ରଷିମାଳ, ନାକେଇ, ମୟୁରଝା, ଟମଣା ଓ ସିଂଘରାଜ ଆଦି ପାହାଡ଼ ଓ ଜଙ୍ଗଲ ଇଲାକାରେ ନିଆଁ ଲାଗିଥିବା ସୂଚନା ରହିଛି । ମାତ୍ର ନିଆଁ ଅଧିକ ଅଞ୍ଚଳକୁ ବ୍ୟାପିବା ଆଗରୁ ବନ କର୍ମଚାରୀଙ୍କ ତ୍ୱରିତ୍ ପଦକ୍ଷେପ ଏହାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲା । ମାର୍ଚ୍ଚ ୧୦ ତାରିଖ ବେଳକୁ ବନଖଣ୍ଡର ସମସ୍ତ ଫାୟାର ପଏଣ୍ଟ ନିଷ୍କ୍ରିୟ ହୋଇଯାଇଥିବା ସୂଚନା ମିଳିଛି । ବନ ବିଭାଗର ପୂର୍ବ ପ୍ରସ୍ତୁତି, ତ୍ୱରିତ୍ ପଦକ୍ଷେପ, ସ୍ଥାନୀୟ ଲୋକ ଏବଂ ବନ ସୁରକ୍ଷା ସମିତି ଗୁଡ଼ିକର ସହଯୋଗ ଯୋଗୁଁ ଏହା ସଫଳ ହୋଇପାରିଛି ବୋଲି ବନ ବିଭାଗ ମତ । ଅନ୍ୟପକ୍ଷରେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ବ୍ରହ୍ମପୁର ବନଖଣ୍ଡର ପ୍ରସ୍ତୁତି ସମ୍ପର୍କରେ ମିଳିଥିବା ସୂଚନା ମୁତାବକ, ଗୋଟିଏ ଅଞ୍ଚଳରୁ ଅନ୍ୟ ଅଞ୍ଚଳକୁ ନିଆଁ ବ୍ୟାପିବାରୁ ରୋକିବାକୁ ପ୍ରାଥମିକତା ଦିଆଯାଉଛି । ଏଥିପାଇଁ ଜଙ୍ଗଲ ଭିତରେ ପ୍ରାୟ ୩୦୦ କିଲୋମିଟର ଫାୟାର ଲାଇନ୍ ଟଣାଯାଇଛି । ଏହି ପ୍ରକ୍ରିୟା ଫେବୃଆରୀରୁ ଆରମ୍ଭ କରାଯାଇଛି । ବର୍ତ୍ତମାନ ଫାୟାର ଲାଇନ୍ ଟାଣିବା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସେହିପରି ବନାଗ୍ନି ନିୟନ୍ତ୍ରଣ ପାଇଁ ବିଭିନ୍ନ ବନାଞ୍ଚଳରେ ୩୦ଟି ଫାୟାର ବ୍ଲୋୟର ରହିଛି । ଅଭିଜ୍ଞ ଓ ପ୍ରଶିକ୍ଷିତ ବନ କର୍ମଚାରୀଙ୍କୁ ନେଇ ଫାୟାର ଫାଇଟିଂ ସ୍କ୍ୱାଡ୍ ଗଠନ କରାଯାଇଛି । ଏହି ସ୍କ୍ୱାଡ଼ ଜଙ୍ଗଲ ନିଆଁ ଉପରେ ତୀକ୍ଷ୍ଣ ନଜର ରଖିଛି । ପ୍ରସ୍ତୁତି କ୍ଷମତା ବଢ଼ାଇବାକୁ ବ୍ରହ୍ମପୁର ବନାଞ୍ଚଳ ଠାରେ କର୍ମଚାରୀଙ୍କୁ ତାଲିମ୍ ପ୍ରଦାନ ମଧ୍ୟ ଜାରି ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ବନ ସୁରକ୍ଷା ସମିତିଗୁଡ଼ିକର ସକ୍ରିୟ ସହଭାଗିତା ବନାଗ୍ନି ରୋକିବାରେ ମୁଖ୍ୟ ଅସ୍ତ୍ର ସାଜିଛି । ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବା ସମ୍ପର୍କିତ ଖବର ବନ ସୁରକ୍ଷା ସମିତିଗୁଡ଼ିକ ବନ ବିଭାଗ ପାଖରେ ପହଞ୍ଚାଉଛନ୍ତି । ଫଳରେ ନିଆଁ ତୀବ୍ରତର ହେବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରିବା ଓ ଲିଭାଇବା ସହଜ ହେଉଛି ବୋଲି ବନ ବିଭାଗର ମତ ।

## ଅଣସଂଗଠିତ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦେବାକୁ କଂଗ୍ରେସର ଦାବି

**ବାଲେଶ୍ୱର, ନ୍ୟୁଜ୍**




ରାଜ୍ୟର ନବୀନ ସରକାର ଅଣ ସଙ୍ଗଠିତ ଶ୍ରମିକ ଓ କର୍ମଋରୀଙ୍କୁ ସାମାଜିକ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଅଣ ସଂଗଠିତ ଶ୍ରମିକ କର୍ମଋରୀ କଂଗ୍ରେସର ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି ଏଭଳି ଅଭିଯୋଗ କରିଛନ୍ତି । ଅନ୍ୟ ରାଜ୍ୟର ସରକାର ଅଣ ସଂଗଠିତ ଶ୍ରମିକଙ୍କ କଲ୍ୟାଣ ପାଇଁ କଲ୍ୟାଣ ବୋର୍ଡ ଗଠନ କରିଥିଲା ବେଳେ ନବୀନ ସରକାର କଲ୍ୟାଣ ବୋର୍ଡ ଗଠନ କରିବାରେ ଜାଣିଶୁଣି କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି । ନିର୍ବାଚନ ଋତୁ ଆସିବା ବେଳେ ତରବରିଆ ଭାବେ ସରକାର ଅଣ କୁଶଳୀ ଶ୍ରମିକ ମଜୁରୀ ୪୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଯାହା ଶିଳ୍ପପତି ମାନଙ୍କୁ ସୁହାଇବ । ମାତ୍ର ଅଣ ସଂଗଠିତ ଶ୍ରମିକ ମାନଙ୍କ ମଜୁରୀ ବୃଦ୍ଧି ଘୋଷଣା ସରକାର କଲେନାହିଁ । ବାଲେଶ୍ୱର ଜିଲ୍ଲାରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ହୋଇଥିଲା ବେଳେ ବିଗତ ଚବିଶ ବର୍ଷ ମଧ୍ୟରେ ଜିଲ୍ଲାରେ ଗୋଟିଏ ଛୁଞ୍ଚି କାରଖାନାଟିଏ ମଧ୍ୟ ପ୍ରତିଷ୍ଠା ହୋଇପାରିନାହିଁ । ଫଳରେ ହଜାର ହଜାର ଶିଳ୍ପରେ ଆଜି ତାଲା ଝୁଲୁଛି ଓ ଲକ୍ଷାଧିକ ଶ୍ରମିକ ଋକିରୀ ହରାଇ ଓଡ଼ିଶା ବାହାରକୁ ଯାଇ ଋକିରୀ କରୁଛନ୍ତି । ଅଣ ସଂଗଠିତ ଶ୍ରମିକଙ୍କ ମଜୁରୀ ସାତ ଶହ ଟଙ୍କା ଓ କର୍ମଋରୀଙ୍କ ଦରମା ମାସିକ ୨୪,୦୦୦ ଟଙ୍କା ଧାର୍ଯ୍ୟ କରିବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି । କଂଗ୍ରେସ ଦଳର ନିର୍ବାଚନୀ ଇସ୍ତାହାର ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରି ଶ୍ରୀ ମହାନ୍ତି ନିର୍ମାଣ ଶ୍ରମିକ ଆଇନ୍-୧୯୯୬ କଂଗ୍ରେସ ସରକାର ପ୍ରଣୟନ କରିଥିବା ବେଳେ ବର୍ତ୍ତମାନର ସରକାର ଏ ଦିଗରେ ଆଦୌ ଧ୍ୟାନ ଦେଇନଥିବା କହିଛନ୍ତି । ତେତିଶ ଲକ୍ଷ ଶ୍ରମିକ ଏହି ଯୋଜନାରେ ନାମ ପଞ୍ଜିକୃତ କରିଥିଲେ ହେଁ ସେମାନଙ୍କୁ ସଠିକ୍ ସମୟରେ ଆଇନ୍‌ଗତ ସହାୟତା ମିଳିପାରୁନାହିଁ । କେନ୍ଦ୍ରରେ ଇଣ୍ଡିଆ ମେଣ୍ଟ ଓ ରାଜ୍ୟରେ କଂଗ୍ରେସ କ୍ଷମତାକୁ ଫେରିଲେ ସରକାର ସବୁ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ଶ୍ରୀ ମହାନ୍ତି କହିଥିଲେ । ଖବରଦାତା ସମ୍ମିଳନୀରେ ଜିଲ୍ଲା ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିକାଶ ଦାସ ଅଧ୍ୟକ୍ଷତା କରିଥିବାବେଳେ ରାଜ୍ୟ ଉପାଧ୍ୟକ୍ଷା ଜ୍ୟୋତ୍ସ୍ନା ସେନାପତି, ମୟୁରଭଞ୍ଜ ଜିଲ୍ଲା କେକେସି ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଓ ଜିଲ୍ଲା ସାମାଜିକ ଗଣମାଧ୍ୟମ ଜିଲ୍ଲା ଅଧ୍ୟକ୍ଷ ନବ ପ୍ରସାଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଆଗାମୀ ଲୋକସଭା ଓ ବିଧାନସଭା ସାଧାରଣ ନିର୍ବାଚନ -୨୦୨୪ ନିମନ୍ତେ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟସୂଚୀ ଘୋଷଣା ଓ ଆଦର୍ଶ ଆଚରଣବିଧି ଲାଗୁ କରିବା ପରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହ ଠାରେ ଗଣମାଧ୍ୟମ ଓ ରାଜନୈତିକ ଦଳର ପ୍ରତିନିଧି ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଗତସିଂହପୁର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର, ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର ସନ୍ଧ୍ୟାଞ୍ଜଳି ମାଝୀ ପ୍ରମୁଖ ଯୋଗଦେଇଥିଲେ । ମାର୍ଚ୍ଚ ୧୬ରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜଗତସିଂହପୁର ଜିଲ୍ଲାରେ ଶେଷ ଅର୍ଥାତ୍ ୭ମ ପର୍ଯ୍ୟାୟରେ ଜୁନ୍ ୧ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ସେହି ଅନୁଯାୟୀ ମେ ୭ରେ ନୋଟିଫିକେସନ୍, ମେ ୭ ରୁ ୧୪ ପର୍ଯ୍ୟନ୍ତ ପ୍ରାର୍ଥୀ ପତ୍ର ଦାଖଲ, ମେ ୧୫ ରେ ପ୍ରାର୍ଥୀ ପତ୍ର ଯାଞ୍ଚ, ପ୍ରାର୍ଥୀ ପତ୍ର ପ୍ରତ୍ୟାହାର ମେ ୧୭ ଥିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ । ଜୁନ୍ ୧ ତାରିଖରେ ଭୋଟ୍ ଗ୍ରହଣ ଓ ଜୁନ୍ ୪ ତାରିଖରେ ଭୋଟ୍ ଗଣତି କରାଯିବ । ଅବାଧ, ମୁକ୍ତ, ନିରପେକ୍ଷ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜଗତସିଂହପୁର ଜିଲ୍ଲା ରେ ମୋଟ ଭୋଟର ସଂଖ୍ୟା ୯,୪୮,୬୫୭ ମଧ୍ୟରୁ ୪,୯୧,୭୫୭ ଜଣ ପୁରୁଷ ଭୋଟର, ୪, ୫୬, ୮୦୨ ମହିଳା ଭୋଟର, ୯୮ ଜଣ ତୃତୀୟ ଲିଙ୍ଗ ଅନ୍ତର୍ଭୁକ୍ତ । ଜିଲ୍ଲାରେ ଲିଙ୍ଗ ଅନୁପାତ ୯୨୯ ଜଣ ଥିବାବେଳେ ୧୮ ରୁ ୧୯ ବର୍ଷର ୨୨,୭୮୭ ଜଣ ଯୁବ ଭୋଟର ରହିଛନ୍ତି । ୧୪୫୩ ଜଣ ସର୍ଭିସ ଭୋଟର ରହିଛନ୍ତି । ଜିଲ୍ଲାରେ ୧୩୧ ସଖୀବୁଥ୍ (ମହିଳା), ୮ଟି ଯୁବ ବୁଥ୍, ୨ଟି ଭିନ୍ନକ୍ଷମ ବୁଥ୍ ପ୍ରସ୍ତୁତି କରାଯାଇଛି । ସଖୀ ବୁଥ୍‌ରେ ମହିଳା କର୍ମଋରୀ, ୮ଟି ଯୁବ ବୁଥ୍‌ରେ ୩୦ ବର୍ଷରୁ କମ୍ ଯୁବ କର୍ମଋରୀ ଓ ଭିନ୍ନକ୍ଷମ ବୁଥ୍‌ରେ ଦିବ୍ୟାଙ୍ଗ କର୍ମଋରୀ ନିର୍ବାଚନ କାର୍ଯ୍ୟ ପରିଋଳନା କରିବେ । ୨୧୦ଟି ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି । ୬୦ ପ୍ରତିଶତ ବୁଥ୍‌ରେ ୱେବ କାଷ୍ଟିଂ ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରତ୍ୟେକ ବୁଥ୍‌ରେ ସେଡ, ବାଉଣ୍ଡରୀ ୱାଲ, ଆଲୋକୀକରଣ ସୁବିଧା କରାଯିବ । ହୁଇଲ୍ ଚେୟାର ବନ୍ଦୋବସ୍ତ କରାଯାଇଛି । ଜିଲ୍ଲାରେ ମୋଟ ୧୦୪୭ ବୁଥ୍ ମଧ୍ୟରୁ ୯୭୯ଟି ଗ୍ରାମାଞ୍ଚଳ ଓ ୬୮ଟି ସହରାଞ୍ଚଳରେ ଅବସ୍ଥିତ । ପ୍ରଋର ପାଇଁ ଶୋଭାଯାତ୍ରା, ସଭା ହେବାକୁଥିବା ପଡିଆ, ଡାକବାଜି ଯନ୍ତ୍ର ଯାନ ଆଦି ପାଇଁ ସୁବିଧା ଆପ୍ ମାଧ୍ୟମରେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ପଡିବ । କୌଣସି ଧର୍ମାନୁଷ୍ଠାନ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଗୁରୁଦ୍ୱାର ଆଦି ପୀଠରେ ସଭା ସମିତି ନିଷେଧ ଅଟେ । ସରକାରୀ କୋଠାବାଡ଼ି, ସରକାରୀ ଜାଗା, ବିଦ୍ୟୁତ୍ ଖୁଣ୍ଟ ଆଦିରେ ବ୍ୟାନର, ପୋଷ୍ଟର ମାରିବା ନିଷେଧ । ଭୋଟର ମାନଙ୍କୁ ପ୍ରଲୋଭନ ଓ ପ୍ରଭାବିତ କରିବା ଭଳି ଅବୈଧ କରାଇବାକୁ ରୋକିବା ପାଇଁ ସୂଚନା ମିଳିବା ମାତ୍ରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜନପ୍ରତିନିଧି ଅଧିନିୟମ ଅନୁଯାୟୀ ଭୋଟର ମାନଙ୍କୁ ଉତ୍‌କୋଚ ଦେବା ଅନୁଚିତ, ପ୍ରଭାବିତ କରିବା, ଜାତି ଧର୍ମ ସମ୍ପ୍ରଦାୟ, ଗୋଷ୍ଠୀ, ଭାଷାକୁ ନେଇ ଆପତ୍ତି କରିବା, ଶ୍ରେଣୀ ବା ବର୍ଗ ମଧ୍ୟରେ ବିଭେଦ ସୃଷ୍ଟି କରିବା, ବୁଥ୍ କ୍ୟାପଚରିଙ୍ଗ କରିବା, ଅନ୍ୟ ଜଣଙ୍କ ପାଇଁ ଭୋଟ ଦେବା ଏବଂ ବୁଥ୍ ଠାରୁ ୧୦୦ ମିଟର ମଧ୍ୟରେ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ପ୍ରାର୍ଥନା କରିବା ଦଣ୍ଡନୀୟ ଅପରାଧ । ୧୯୫୦ ହେଲ୍ପ ଲାଇନ୍ ନମ୍ବର ଅଭିଯୋଗ କରିବା, ସକ୍ଷମ ଆପରେ ଆବେଦନ ମାଧ୍ୟମରେ ଭିନ୍ନକ୍ଷମ ମାନଙ୍କ ପାଇଁ ସୁବିଧା ପାଇବା ବ୍ୟବସ୍ଥା କରାଯାଇଛି । ସାଧାରଣ ନିର୍ବାଚନରେ ଅଧିକରୁ ଅଧିକ ମତଦାନ, ଜିରୋ ଭାୟଲେନ୍ସ ଓ ପୁନଃ ମତଦାନକୁ ହ୍ରାସ କରିବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହି ବୈଠକରେ ଗଣମାଧ୍ୟମ ପ୍ରତିନିଧି ଓ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।





## ।।।।।।।। ୨୦୨୪ ସାଧାରଣ ନିର୍ବାଚନ ।।।।।।।।

# ଦକ୍ଷ ପ୍ରାର୍ଥୀ ଖୋଜିବାରେ ୩ ପ୍ରମୁଖ ରାଜନୈତିକ ଦଳର ବଡ଼ ଚାଲେଞ୍ଜ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଜିଲା ନିର୍ବାଚନୀ ବିଗୁଲ୍ । ତେଜିଲା ଟିକେଟ କସରତ୍ । ବିଜେଡି, ବିଜେପି, କଂଗ୍ରେସ ଦକ୍ଷ ପ୍ରାର୍ଥୀ ବାଛିବାରେ ଲାଗି ପଡ଼ିଛନ୍ତି । ତିନି ଦଳ ସର୍ଭେ ରିପୋର୍ଟ ଆଧାରରେ ଅଙ୍କ କଷୁଛନ୍ତି ଶୀର୍ଷ ନେତୃତ୍ୱ ମହିଳା, ଯୁବ ଓ ବରିଷ୍ଠଙ୍କୁ ଟିକେଟ ଦେବା ନେଇ ଚାଲିଛି ବିଚାର ବିମର୍ଶ । ବିଜେଡି ୨୦୨୪ ନିର୍ବାଚନ ପାଇଁ ସାଂଗଠନିକ ସ୍ତରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହୁଥିବାବେଳେ ମୈଦାନରେ ମାଳ ମାଳ ଆଶାୟୀ ଟିକେଟ ବଣ୍ଟନ ଅଙ୍କକୁ ଆହୁରି ଜଟିଳ କରୁଛନ୍ତି । ବିଦ୍ରୋହୀଙ୍କୁ କିପରି ମ୍ୟାନେଜ କରାଯିବ ଏବଂ ଷଷ୍ଠ ପାଳିରେ ରେକର୍ଡ ସଂଖ୍ୟକ ସିଟ୍ ହାତେଇବ ତା ଉପରେ ଗୁରୁତ୍ୱ ଦେଉଛି ଶାସକ ଦଳ । ସେପଟେ ବିଜେପି ମଧ୍ୟ ଯେଉଁସବୁ ଅଞ୍ଚଳରେ ଗତ ନିର୍ବାଚନରେ କଡ଼ା ମୁକାବିଲା ଦେଇଥିଲା ସେଠି କୋର୍ସ କରେକସନ୍ କରି ଦଳ ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରୁଛି । ସଂଗଠନ ଓ ବିଜୟ ଦକ୍ଷତା ଥିବା ପ୍ରାର୍ଥୀଙ୍କ ନାଁକୁ ନିର୍ବାଚନ କମିଟି ସୁପାରିଶ କରିଛି । ଉଭୟ ବିଜେଡି ଓ ବିଜେପି ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଓ କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଆଉ ଏପଟେ ରାଜ୍ୟ କଂଗ୍ରେସ ରହିଁଛି ବିଜେଡି ଓ ବିଜେପି ମେଣ୍ଟ ଖବରକୁ । ସ୍କ୍ରିନିଂ କମିଟି ବୈଠକ ହୋଇ ପ୍ରାର୍ଥୀ ଚୂଡାନ୍ତ ହୋଇଥିଲେ ବି ଏଯାଏ ଓଡ଼ିଶା ପ୍ରାର୍ଥୀଙ୍କ ନାଁ ଘୋଷଣା କରିନି କଂଗ୍ରେସ । ଯେହେତୁ ଦଳର ସଂଗଠନ ଦୁର୍ବଳ ରହିଛି ସେଥିପାଇଁ ବିଜେଡି ଓ ବିଜେପି ବିଦ୍ରୋହୀଙ୍କୁ ନେଇ ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରସ୍ତୁତି ଚଳାଇଛି ହାତ ଦଳ । ରଣକ୍ଷେତ୍ରକୁ ଓହ୍ଲାଇବା ପୂର୍ବରୁ ଯୋଦ୍ଧା ଚୟନ ଉପରେ ଏବେ ସବୁ ଦଳର ଫୋକସ୍ । ରାଜନୈତିକ ସମୀକ୍ଷକଙ୍କ ମତ ହେଲା ଅନ୍ୟ ଦଳ ଅପେକ୍ଷା ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାରୁ ବିଜେଡି ପାଇଁ ବେଶି ଅଡୁଆ କରୁଛି ଟିକେଟ ଟେନ୍ସନ୍ । ମେ ୨୦ରେ କନ୍ଧମାଳରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପଡ଼ିବ । ହାତରେ ସମୟ କମ୍ ଥିବାରୁ ଦଳୀୟ କନ୍ଦଳକୁ ଦୂର କରି ଟିକେଟ ତାଲିକା ଚୂଡାନ୍ତ କରିବାକୁ ତିନି ପ୍ରମୁଖ ରାଜନୈତିକ ଦଳ ଗୁଡକ ପ୍ରସ୍ତୁତି କରୁଛନ୍ତି ତେବେ ବିଦ୍ରୋହକୁ ପ୍ରଶମିତ କରି ଟିକେଟ ବାଣ୍ଟିବା ବିଜେଡି ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି କରିବ ।

## ମହିଳାଙ୍କ ପ୍ରତି ଅସଦାଚରଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଞ୍ଚାୟତ ଦିକ୍ଷିତପଡା ଗ୍ରାମର ଜଣେ ମହିଳାଙ୍କ ପ୍ରତି ଜନୈକ ଯୁବକ ଅସଦାଚରଣ କରିଥିବାର ଥାନାରେ ଅଭିଯୋଗ ହୋଇଛି । ରାତ୍ର ୧୦ଟା ବେଳେ ଦିକ୍ଷିତପଡା ଗ୍ରାମର ଚନ୍ଦନ କୁମାର ବାରିକ ତାଙ୍କର ପତ୍ନୀ ମିତାଞ୍ଜଳୀ ବାରିକ ଓ ଭାଉଜ ସସ୍ମିତା ବାରିକ ସ୍ଥାନୀୟ ଅସୁରେଶ୍ୱର କେଣ୍ଟାଳୋ ମଲ୍ଲିପୁର ସ୍ଥିତ ମନ୍ଦିରରୁ ପ୍ରସାଦ ସେବନ କରି ଏକ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ସ୍ଥାନୀୟ ଗ୍ରାମର ଜଣେ ଯୁବକ ତାଙ୍କ ବାଇକ୍‌କୁ ଅଟକାଇ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ । ଏପରିକି ସମ୍ପୃକ୍ତ ବ୍ୟକ୍ତି ମିତାଞ୍ଜଳୀ ପ୍ରତି ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ । ମିତାଞ୍ଜଳୀଙ୍କ ସ୍ୱାମୀ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ । ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବାର ମିତାଞ୍ଜଳୀ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ କେନ୍ଦ୍ରକରି ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

## ବୈତରଣୀ ନଦୀକୂଳରେ ମାଳ ମାଳ ବେଆଇନ୍ ବାଲିଘାଟ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**



ଆନନ୍ଦପୁର ବୈତରଣୀ ନଦୀ କୂଳରେ ନୂଆ ନୂଆ ବାଲିଘାଟ ତିଆରି କରି ବେଧଡକ ରାତି ଦିନ ଚୋରା ବାଲି ଚାଲାଣ ହେଉଥିବା ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପାଉଥିଲେବି ପ୍ରଶାସନ ଜାଣି ନଜାଣିଲାପରି ରହୁଛି । ଏହାର ଜ୍ୱଳନ୍ତ ଉଦାହରଣ ଆନନ୍ଦପୁର ବ୍ରିଜ ତଳୁ ବାଲି ଉଠାଇବା, ପଦ୍ମପୁର ବାଲିଘାଟରୁ ବାଲି ବାରମ୍ବାର ବାଲି ଚାଲାଣ, ବୁଡିକୁଦ ବାଲିଘାଟରୁ ଟ୍ରାକ୍ଟର ଯୋଗେ ଦିନରେ ବାଲିବୋହିବା ଏବଂ ସବୁଠୁ ବଡ ଉଦାହରଣ ହେଲା ରଣା ସମଣ ରାସ୍ତା, ହାବେଳେଶ୍ୱର ଡଅଁର ରାସ୍ତାରେ ବେଧଡ଼କ ଖୁଲମ ଖୁଲା ରାତିଦିନ ବାଲି ଟ୍ରାଲର ଟ୍ରାକ୍ଟର ଯୋଗେ ବାଲିଚୋରି ହେଉଥିଲେ ମଧ୍ୟ ପ୍ରଶାସନ ଜାଣି ନଜାଣି ଲାପରି ରହୁଛି । ଯାହାକୁ ନେଇ ପୁଲିସ ଖଣି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି ହେଉଛି । ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ବାଲିଘାଟ ଗୁଡିକରେ ଚଢ଼ଉ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ସୁବର୍ଣ୍ଣପୁର ଜିଲ୍ଲାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପାଇଁ ଭାରତ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ସହିତ ନିର୍ବାଚନ ଆଚରଣବିଧି ଗତ ୧୬ /୩/ ୨୪ ଠାରୁ ଲାଗୁ କରିଛନ୍ତି । ରାଜ୍ୟରେ ମେ ୧୩ ରୁ ଜୁନ୍ ୧ ମଧ୍ୟରେ ୪ଟି ପର୍ଯ୍ୟାୟରେ ଏହି ମତଦାନ ଅନୁଷ୍ଠିତ ହେବ । ଜୁନ୍ ୪ରେ ଭୋଟ ଗଣତି ହେବ । ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲାରେ ବଲାଙ୍ଗୀର ସଂସଦୀୟ କ୍ଷେତ୍ର (୧୦) ସହ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ-୬୪ ଓ ସୋନପୁରବିଧାନସଭା ନିର୍ବାଚନ ମଣ୍ଡଳୀ -୬୫ ନିମନ୍ତେ ଏକକାଳୀନ ଭୋଟ୍ ଗ୍ରହଣ ଆସନ୍ତା ତା ୨୦/୦୫/୨୦୨୪ରେ ସକାଳ ୭ ଟାରୁ ସନ୍ଧ୍ୟା ୬ଟା ଯାଏ ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ତଥା ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ ନିମନ୍ତେ ଗୁରୁତ୍ୱ ଦେବା ସହ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ କଡାକଡି ପାଳନ କରାଯିବ ବୋଲି ସୂଚନା ଦେଇଛନ୍ତି । ଏଥିସହ ନିର୍ବାଚନ ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଛନ୍ତି । ମେ ମାସରେ ନିର୍ବାଚନ ହେବାକୁ ଥିବାରୁ ଗ୍ରୀଷ୍ମ ପ୍ରବାହ, କାଳବୈଶାଖୀର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ । ଏଣୁ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଭୋଟରଙ୍କ ସୁବିଧା ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ସୂଚୀତ କରିଥିଲେ । ଆଚରଣବିଧି ଲାଗୁ ହେବାପରେ ଜିଲ୍ଲାରେ ଏହାର ପାଳନକୁ ନିଶ୍ଚିତ ଓ କଡାକଡି କରିବା ନିମନ୍ତେ ଏଥିପାଇଁ ପୂର୍ବରୁ ସମସ୍ତ ଟିମ୍‌ରେ ନୋଡାଲ ଅଧିକାରୀ ନିଯୁକ୍ତ ହୋଇସାରିଥିବା ସୂଚନା ଦେଇଛନ୍ତି । ନିର୍ବାଚନ ଆଚରଣ ଵିଧି ଉଲ୍ଲଂଘନ ନେଇ ସି ଭିଜିଲ ଆପ୍ ଅଥବା ଟୋଲ୍ ଫ୍ରି ନମ୍ବର ୧୯୫୦ରେ ଜନସାଧାରଣ ସୂଚନା କିମ୍ବା ଅଭିଯୋଗ କରିପାରିବେ । ବଲାଙ୍ଗୀର ଲୋକସଭା (୧୦) ଅନ୍ତର୍ଗତ ସୁବର୍ଣ୍ଣପୁର ଜିଲ୍ଲାରେ ଦୁଇଟି ବିଧାନସଭା କ୍ଷେତ୍ର ବୀରମହାରାଜପୁର (୬୪) ଓ ସୋନପୁର (୬୫) ବିଧାନସଭା କ୍ଷେତ୍ର ରହିଛି । ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ ୪,୭୦,୦୪୯ ଭୋଟର ରହିଥିବା ବେଳେ ପୁରୁଷ ଭୋଟର ୨,୪୩,୪୩୪ ଓ ମହିଳା ଭୋଟର ୨,୨୬,୬୦୦ ରହିଛନ୍ତି । ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ୨,୧୫,୩୫୩ ରହିଥିବା ବେଳେ ପୁରୁଷ ଭୋଟର ୧,୧୧,୯୯୪ ଓ ମହିଳା ଭୋଟର ୧,୦୩,୩୫୬ ଅଛନ୍ତି । ସେଥିମଧ୍ୟରୁ ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୦୩, ସିନିଅର ସିଟିଜେନ ଭୋଟର ସଂଖ୍ୟା ୧୮୦୦, ଯୁବ ଭୋଟର ସଂଖ୍ୟା ୫୧୮୬ ଓ ଶାରୀରିକ ଅକ୍ଷମ ଭୋଟର ସଂଖ୍ୟା ୧୩୦୯ ଜଣ ଅଛନ୍ତି । ସେହିପରି ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟର ୨,୫୪,୬୯୬ ରହିଛନ୍ତି । ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧,୩୧,୪୪୦ ଜଣ ଓ ମହିଳା ଭୋଟର ସଂଖ୍ୟା ୧,୨୩,୨୪୪ଜଣ । ଏହି ନିର୍ବାଚନ ମଣ୍ଡଳୀରେ ତୃତୀୟ ଲିଙ୍ଗୀ ଭୋଟର ସଂଖ୍ୟା ୧୨ଜଣ, ସିନିଅର ସିଟିଜେନ ଭୋଟର ସଂଖ୍ୟା ୨୨୩୩ଜଣ, ଯୁବ ଭୋଟର ସଂଖ୍ୟା ୬୮୩୬ ଜଣ ଓ ଶାରୀରିକ ଅକ୍ଷମ ଭୋଟର ସଂଖ୍ୟା ୨୨୧୧ଜଣ ଥିବା ଜଣାଯାଇଛି । ବଲାଙ୍ଗୀର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବୀରମହାରାଜପୁର ଓ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦/୫/୨୦୨୪ରେ ଭୋଟ୍ ଗ୍ରହଣ ହେବାକୁ ଥିବାବେଳେ ଏଥିପାଇଁ ୨୬/୦୪/୨୪ରେ ଗେଜେଟ ନୋଟିଫିକେସନ୍ ହେବ, ତା ୦୩/୦୫/୨୦୨୪ ରେ ପ୍ରାର୍ଥୀ ପତ୍ର ଦାଖଲର ଶେଷ ତାରିଖ, ତା ୦୪/୦୫/୨୦୨୪ ପ୍ରାର୍ଥୀ ପତ୍ର ଯାଞ୍ଚ, ତା ୦୬/୦୫/୨୦୨୪ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷତାରିଖ ଓ ଭୋଟ ଗଣତି ତା ୦୪/୦୬/୨୦୨୪ରେ ଅନୁଷ୍ଠିତ ହେବ । ସୁବର୍ଣ୍ଣପୁର ଜିଲ୍ଲାରେ ଶାନ୍ତି ଶୃଙ୍ଖଳାର ସହିତ କିପରି ଭୋଟ୍ ଗ୍ରହଣ ହେବ । ସେ ନେଇ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ସୂଚନା ଦେଇଥିଲେ । ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ଭୋଟ କେନ୍ଦ୍ର ଗୁଡିକରେ ଅଧିକ ସୁରକ୍ଷା ବାହିନୀକୁ ମୁତୟନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ କୁମାର ମେହେର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ରନାଥ କହଁର, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ) ଅଞ୍ଜଳୀନା ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ଯଶସ୍ୱିନୀ ପୋଥାଳ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର କେ ରିଚି କୁମାର ପ୍ରମୁଖ ଯୋଗ ଦେଇଥିଲେ । ପରେ ପରେ ଜିଲ୍ଲାର ସମସ୍ତ ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପାଳ ନିର୍ବାଚନ ଆଚରଣ ବିଧି ଓ ରାଜନୈତକ ଦଳ ବା ପ୍ରାର୍ଥୀଙ୍କ ନିମନ୍ତେ ଆବଶ୍ୟକ ନିର୍ବାଚନ ସମ୍ବନ୍ଧୀୟ ସୂଚନା ପ୍ରଦାନ ସହ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ଗଣମାଧ୍ୟମର ସମସ୍ତ ଜିଲ୍ଲା ପ୍ରତିନିଧିମାନେ ଯୋଗ ଦେଇଥିବା ବେଳେ ରାଜନୈତିକ ଦଳ ପ୍ରତିନିଧି ବିଜେଡିରୁ କଇଁରୁ ସ୍ୱାଇଁ, ଭାରତୀୟ ଜାତୀୟ କଂଗ୍ରେସରୁ ସୁଧୀର ପଣ୍ଡା, ଆମ ଆଦମୀ ପାର୍ଟି ଜିଲ୍ଲା ପ୍ରତିନିଧି ସୁରେଶ କଲତା ପ୍ରମୁଖ ଅଂଶଗ୍ରହଣ କରଥିଲେ ।

## କ୍ରସରରେ ଦୁର୍ଘଟଣା:ଜଣେ ମୃତ, ଜଣେ ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର ମୌଜାରେ ଥିବା ଶିବଶକ୍ତି କ୍ରସରରେ ଦୁର୍ଘଟଣା ଘଟି ଜଣେ ଶ୍ରମିକର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ବାରିକୁଳ ଅଞ୍ଚଳ ଶ୍ୟାମଚରଣ ହାଂସଦା (୩୫) ଓ ଅନିଲ ସୋରେନ (୩୦) ଉଭୟ କ୍ରସରରେ ମରାମତି କାର୍ଯ୍ୟ କରୁଥିବା ସମୟରେ ସେମାନଙ୍କ ଉପରେ କ୍ରସରର ଚକା ଖସି ପଡିଥିଲା । ଫଳରେ ଶ୍ୟାମଚରଣଙ୍କ ମୃତ୍ୟୁ ଘଟିଥିଲା ଓ ଗୁରୁତର ଅନ୍ୟ ଶ୍ରମିକକୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ବଡ଼ଚଣା ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଜେନାପୁର ପୋଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି ।




## ଗଳ୍ପ ସଂକଳନ 'ଆଞ୍ଜୁଳାଏ ଖୁସି' ଉନ୍ମୋଚିତ

**ତାଳଚେର, ନ୍ୟୁଜ୍ ବ୍ୟୁରୋ**

ଗଡ଼ତଳ ମହାବିଦ୍ୟାଳୟର ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ରଙ୍କ ପ୍ରଥମ ଗଳ୍ପ ସଂକଳନ ଆଞ୍ଜୁଳାଏ ଖୁସି ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିରରେ ଉନ୍ମୋଚିତ ହୋଇଯାଇଛି । ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ଦିଗରାଜ ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ପ୍ରଫେସର ଡ. ଚିତ୍ତ ରଞ୍ଜନ ମିଶ୍ର, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ମୁଖ୍ୟବକ୍ତା ଭାବେ ଗାଳ୍ପିକ ଡ. ଅଜୟ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷକ ନେତା ଅଧ୍ୟାପକ ଗୋଲକ ନାୟକ ତଥା ପୂର୍ବୀ ପ୍ରକାଶନୀର ପ୍ରତିଷ୍ଠାତା ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ପ୍ରମୁଖ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ । ସମାଜ ଗଠନରେ ଗଳ୍ପର ଭୂମିକା ଶୀର୍ଷକ ଆଲୋଚନାରେ ଅତିଥିମାନେ ସେମାନଙ୍କ ମୂଲ୍ୟବାନ ବକ୍ତବ୍ୟ ରଖିବା ସହ ଗଳ୍ପ ଆମ ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣାର ପ୍ରତିଫଳନ ଆଉ ଏହା ନିୟମିତ ପାଠ କରିବା ଦ୍ୱାରା ମଣିଷ ନିଜର ଅନେକ ଭୁଲ୍ ସଜାଡିବାର ସୁଯୋଗ ପାଇଥାଏ ବୋଲି କହିଥିଲେ । ଏହି ସଂକଳନଟିରେ ପ୍ରାୟ କୋଡିଏଟି ଗଳ୍ପ ରହିଛି । ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳିକୁ ଖୁବ ସ୍ୱାଭାବିକ ଓ ବାସ୍ତବ ଢଙ୍ଗରେ ଉପସ୍ଥାପନା କରିଛନ୍ତି ଗାଳ୍ପିକା । ଏହି ସଂକଳନର ବିଶେଷତ୍ୱ ହେଉଛି ଏହା ସମାଜର ବିଭିନ୍ନ ବର୍ଗଙ୍କ ହୃଦୟକୁ ଛୁଇଁବାକୁ ଚେଷ୍ଟା କରିଛି । କିଶୋର କିଶୋରୀଙ୍କ ଚପଳମତି ଆବେଗ ଠାରୁ ଆରମ୍ଭ କରି ଯୁବପିଢ଼ିଙ୍କ ଦାୟିତ୍ୱବୋଧ, ଗୋଟିଏ ପୁରୁଷ ମନର ଅକୁହା କ୍ଷୋଭ, ନାରୀ ସଶକ୍ତିକରଣ, ଅଙ୍ଗଦାନ ଆଦି ଅନେକ ସାମାଜିକ କଥାବସ୍ତୁକୁ ନେଇ ଗତିଶୀଳ ହୋଇଛି 'ଆଞ୍ଜୁଳାଏ ଖୁସି' । ଏହି ସଂକଳନର ବିଶେଷତ୍ୱ ହେଉଛି, ଏଥିରେ ପ୍ରତିଫଳିତ ହୋଇଥିବ ପ୍ରତିଟି ଚରିତ୍ର ଆମର ଖୁବ୍ ନିଜର । ପ୍ରତ୍ୟେକ ମଣିଷ ଓ ତାର ଆବେଗକୁ ପ୍ରତିଫଳିତ କରିବାକୁ ଚେଷ୍ଟା କରିଛନ୍ତି ଗାଳ୍ପିକା । ସଂକଳନଟି ପାଠକପାଠିକାଙ୍କ ନିକଟରେ ଆଦୃତ ହେବ ବୋଲି ଆଶା କରାଯାଏ ।

# ରମ୍ଭାରେ ପାନୀୟ ଜଳ ସଙ୍କଟ:ଉତ୍କ୍ଷିପ୍ତ ସାହିବାସିନ୍ଦାଙ୍କ ଗରା, ମାଠିଆ ଧରି ରାସ୍ତାରୋକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ରମ୍ଭା ସହରାଞ୍ଚଳ ମଧ୍ୟ ସ୍କୁଲ ହରିଜନ ସାହି ସମ୍ମୁଖରେ ଗରା ମାଠିଆ ଧରି ରାଜପଥ ଅବରୋଧ ପି. ଏଚ. ଡି ବିଭାଗର ଅଣଦେଖା, ହେୟଜ୍ଞାନ ଓ ମେରିରାୟ ଶାସନର ପ୍ରତିବାଦ ଜଣାଇ ଦୀର୍ଘ ଚାରି ଦିନ ଧରି ଜଳ ସଙ୍କଟ ଚାଲୁ ରହିଥିବା ବେଳେ ଉତ୍କ୍ଷିପ୍ତ ସାହି ବାସିନ୍ଦା ଅସହ୍ୟ ହୋଇ ରାଜପଥ ଅବରୋଧ କରିଥିଲେ । ଗାଁ ଲୋକଙ୍କୁ ପାନୀୟ ଜଳ ଯୋଗାଣ ଲାଗି ବ୍ୟାପକ ପ୍ରକଳ୍ପ କରାଯିବା ସହ ନିୟମିତ ଜଳ ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି ହେଲେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପାଇପଲାଇନ ଗତ ତ୍ରୁଟି ଯୋଗୁଁ ସ୍ଥାନେ ସ୍ଥାନେ ରାସ୍ତାରେ ଭାସୁଛି ପାଣି, କେଉଁଠି ପାଣି ପାଇଁ ମାଇଲ ମାଇଲ ଦୂରକୁ ଯିବାକୁ ପଡୁଛି । ଏଭଳି ଘଟଣା ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ ନାଁ ମିଳୁଛି କିଛି ପ୍ରତିକାର ନାଁ ହେଉଛି ସମାଧାନ । ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ସମନ୍ୱୟ ଅଭାବରେ ସବୁ ସୁବିଧା ଥାଇ ମଧ୍ୟ ନଥିବା ସଙ୍ଗେ ସମାନ । ଏଭଳି ଘଟଣା ଦେଖିବାକୁ ମିଳିଛି ରମ୍ଭା ଏନ. ଏ ସି ର ୧୨ ଓ ୨ ନଂ ୱାର୍ଡର ସାହିରେ । ବାସିନ୍ଦା ସାହି ବାସିନ୍ଦା ନିରୁପାୟ ହୋଇ ସକାଳ ୮ ଘଣ୍ଟା ଠାରୁ ୧୦ଘଣ୍ଟା ପର୍ଯ୍ୟନ୍ତ ରାଜପଥ ଅବରୋଧ କରିବା ସହ ଉଭୟ ପଟେ ଶହ ଶହ ସଂଖ୍ୟାରେ ଯାନବହାନ ଅଟକି ରହିଥିଲା । ରାସ୍ତା ରୋକରେ ୧୨ ନଂ କାଉନସିଲର କ୍ଷେତ୍ରବାସୀ ବେହେରା, ପୂର୍ଣ୍ଣଚନ୍ଦ୍ର ରଥ, ନାରାୟଣ ନାୟକ, ଅରକ୍ଷିତ ନାୟକ, କାବେରୀ ନାୟକ, ସୁନିତା ନାୟକ, ବିଜୟାନନ୍ଦ ମହାପାତ୍ର, କ୍ଷେତ୍ରବାସୀ ନାୟକ ଦମୟନ୍ତୀ ନାୟକଙ୍କ ସମେତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଝିଅ, ବୋହୂ, ପୁରୁଷ ରାସ୍ତା ରୋକରେ ସାମିଲ ହୋଇଥିଲେ । ପରବର୍ତ୍ତୀ ସମୟରେ ରମ୍ଭା ପୋଲିସ, ଅଧକ୍ଷ ପ୍ରତିନିଧି କାହ୍ନୁ ସ୍ୱାଇଁ, ପାନୀୟ ଜଳ ଯୋଗାଣ ବିଭାଗର ହସ୍ତକ୍ଷେପ, ପଦକ୍ଷେପ ନିର୍ଭର ପ୍ରତିଶ୍ରୁତି ଓ ୨ ଘଣ୍ଟା ପରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ରୋକରୁ ହଟିଥିଲେ ।

## ନଡ଼ିଆ ଗଛରୁ ପଡ଼ି ଯୁବକର ମୃତ୍ୟୁ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ନଡ଼ିଆ ତୋଳିବା ହୋଇଛି କାଳ । ଘର ନିକଟସ୍ଥ ନଡ଼ିଆ ଗଛରୁ ନଡ଼ିଆ ତୋଳିବା ବେଳେ ଗଛରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ତୁମୁଡ଼ିବନ୍ଧ ଥାନା ମାଲିପଡ଼ା ଅଞ୍ଚଳର ବାଦଲ ପରାସେଠ୍ ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ବାଦଲ ପରାସେଠ୍ ବେଲଘର ସ୍ଥିତ ବିଏସ୍‌ଏନ୍‌ଏଲ୍ ଟାୱାରରେ କାମ କରୁଥିଲେ । ସେ ରହୁଥିବା ଘର ନିକଟସ୍ଥ ଏକ ନିଡ଼ିଆ ଗଛରୁ ନଡ଼ିଆ ତୋଳିବା ପାଇଁ ଗଛରେ ଚଢିଥିଲେ । ହେଲେ ଅସାବଧାନତା କାରଣରୁ ଗଛରୁ ତଳକୁ ଖସି ପଡ଼ିବାରୁ ଗୁରୁତର ଆହାତ ହୋଇଥିଲେ । ଗୁରୁତର ଅବସ୍ଥାରେ ବାଦଲଙ୍କୁ ପରିବାର ଲୋକେ ପ୍ରଥମେ ବେଲଘର ଡାକ୍ତରଖାନାକୁ ନେଇଥିଲେ ସେଠାରୁ ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଶେଷରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ ଡାକ୍ତର । ହେଲେ ବାଲିଗୁଡ଼ାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିଛନ୍ତି ।

# ଟ୍ରକ୍ ଚାପାରେ ବାଇକ୍ ଚାଳକଙ୍କ ମୃତ୍ୟୁ:କ୍ଷତିପୂରଣ ଦାବିରେ ରାସ୍ତାରୋକ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ନିକଟ ଧୁମାବତୀ ଛକରେ ସଡ଼କ ଦୁର୍ଘଟଣାରେ ଜନୈକ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତ ଯୁବକ ଜଣକ ହେଲେ ଚୌଦ୍ୱାର ପୌରପାଳିକା ୧୩ନଂ ୱାର୍ଡ ପାଇକରାପୁର ଗ୍ରାମର ସୋମନାଥ ସ୍ୱାଇଁ । ସୋମନାଥ ସବୁଦିନ ଭଳି ମଙ୍ଗଳବାର ସକାଳେ ନିଜ ବାଇକ୍‌ରେ ସ୍ଥାନୀୟ କାରଖାନାକୁ କାମ କରିବାକୁ ଆସୁଥିବା ବେଳେ ପଛରୁ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ସେ ବାଇକ୍ ସହିତ ଟ୍ରକ୍ ଚକା ତଳେ ପଡିଯିବା ଫଳରେ ଟ୍ରକ୍‌ଟି ତାଙ୍କ ଉପରେ ଚଢିଯାଇଥିଲା । ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନା ପଠାଇଥିଲେ ହେଁ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି । ଦୁର୍ଘଟଣା ପରେ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଓ ପାଇକରାପୁର ଗ୍ରାମବାସୀ ରୁଣ୍ଡ ହୋଇଯିବା ଫଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଧୁମାବତୀ ଛକରେ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ଦାବିରେ ଲୋକମାନେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ କିଛି ସମୟ ପାଇଁ ଯାନ ବାହନ ଚଳାଚଳ ବ୍ୟାହତ ହୋଇଥିଲା । ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରି ଯାତାୟାତ ସ୍ୱାଭାବିକ କରାଇଥିଲେ । ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲୁଥିବା ଓ ସର୍ଭିସ୍ ରୋଡ଼ରେ ଭାରିଯାନ ସହିତ ସମସ୍ତ ହାଲୁକା ଯାନ ଚଳାଚଳ କରିବା ହେତୁ ବାରମ୍ବାର ଦୁର୍ଘଟଣାମାନ ଘଟି ବହୁ ଧନ ଜୀବନ ହାନୀ ହେଉଥିବାରୁ ଜାତୀୟ ରାଜପଥ ପ୍ରାଧିକାଣ ଏ ଦିଗରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି ହେଉଛି । ଏଥିସହିତ କମିସନରେଟ ପୋଲିସ୍ ଧୂମାବତୀ ଛକରେ ରୋଡ଼ ବ୍ୟାରିକେଡ଼ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

## ସ୍ୱର୍ଗତ ଶିବଶଙ୍କରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ କୃଷିମନ୍ତ୍ରୀ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**




ଆଠଗଡ ନଗର ଯୁବ ବିଜେଡି ସଭାପତି ସ୍ୱର୍ଗତ ଶିବଶଙ୍କର ଜେନାଙ୍କ ଏକଦଶାହ ତିଥିରେ ଆଠଗଡ ବିଜୁ ଜନତା ଦଳ ତରଫରୁ ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଞ୍ଜଳି ସଭା ପୂର୍ବରୁ ବିଜେଡି କର୍ମୀମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚି ଥିଲେ । ରାଜ୍ୟ କୃଷିମନ୍ତ୍ରୀ ତଥା ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ନିରୁପମା ଭଞ୍ଜ, ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡ଼େଇ, ନୃସିଂହ ମହାପାତ୍ର, ପୂର୍ବତନ ନଗରପାଳିକା ସୁଚିତ୍ରା ସାହୁ, ସୁଶ୍ରୀ ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ନଗରପାଳିକା ସସ୍ମିତା ରାଉତ, ନାରୀନେତ୍ରୀ ରଞ୍ଜିତା ବକ୍ସା, ଉପାଧ୍ୟକ୍ଷ ଭି ଶୁଭଙ୍କର ଜ୍ୟୋତି, ପୂର୍ବତନ ଉପାଧ୍ୟକ୍ଷ ଲଳିତ ମୋହନ ନାୟକ, ଜିଲ୍ଲାପରିଷଦ ସଦସ୍ୟା ଅଶାନ୍ତି ବେହେରା, ବଳଭଦ୍ର ବାଘ, ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୁନିଲ ପରିଡ଼ା, ଆଠଗଡ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସନାତନ ରାୟ, ନଗର ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ପୂର୍ବତନ କାଉନସିଲର ଲକ୍ଷ୍ମୀ ନାରାୟଣ ଭଞ୍ଜ, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ନଗର ଛାତ୍ର ବିଜେଡି ସଭାପତି ମହମ୍ମଦ ଖଲୀଦଙ୍କ ସହିତ ସମସ୍ତ କାଉନସିଲର, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦ –୧୯୪୩, ସମ୍ବତ୍ – ୨୦୭୮, ହିଜରୀ – ୧୪୪୫, କଳିଯୁଗାବ୍ଦ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୨୧।୩।୨୦୨୪, ଚୈତ୍ର ଦ୮ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୫୦।୪୧ ଚନ୍ଦ୍ରୋଦୟ- ଦିଘ୨।୫୧।୧୨**

ଦ୍ୱାଦଶୀ – ନିଘ ୪।୪୪ ପର୍ଯ୍ୟନ୍ତ । ଅଶ୍ଳେଷା ନକ୍ଷତ୍ର- ରାଘ ୧।୨୭ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର –** ରାଘ୧।୨୭ । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ୧।୨୭ ପରେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ରାଘ୧।୨୭ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୪।୪୪ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୩ ଗତେ ଘ ୭।୨୯ ମଧ୍ୟେ ଦିଘ ୧୦।୪୨ ଗତେ ଘ ୧।୦୬ ମଧ୍ୟେ ।

**ମେଷ:** କର୍ମକ୍ଷେତ୍ରରୁ ଆଶାନୁରୂପକ ଫଳ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଶତ୍ରୁ ନାଶ ହେବେ । ମନସ୍କାମନା ପୂରଣ ହେବ ।

**ବୃଷ:** ଚାକିରୀ କ୍ଷେତ୍ରରେ ଉନ୍ନତିର ସୂଚନା । ହଠାତ୍ କୌଣସି ଶୁଭ ଖବର ମିଳିପାରେ । ରୋଜଗାର ଭଲ ହେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଗୃହେ ଆନନ୍ଦ ।

**ମିଥୁନ:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ଆୟର ପରିମାଣ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ ।

**କର୍କଟ:** ଅଟକି ରହିଥିବା କାମଟି ପୂରଣ ହେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବାର ସୂଚନା ।

**ସିଂହ:** କର୍ମକ୍ଷେତ୍ରରେ ସମସ୍ତ କାର୍ଯ୍ୟ ବିଳମ୍ବ ହେବ । ଆର୍ଥିକ ସ୍ଥିତି ସ୍ଥିର ରହିବ । ପରିବାରରେ ପିଲାଙ୍କ ନିମନ୍ତେ ସାମାନ୍ୟ ଚିନ୍ତିତ ହୋଇପାରନ୍ତି । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।

**କନ୍ୟା:** ବ୍ୟବସାୟରେ କ୍ଷତି ହୋଇପାରେ । ଶାରୀରିକ ଅସୁସ୍ଥତା ଦେଖାଦେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ପରିମାଣ ଅଧିକ ହେବ । ମାନସିକ ଦୁଶ୍ଚିନ୍ତା ଦେଖାଦେବ ।

**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁ ଦର୍ଶନ ସହିତ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଆୟରେ ଉନ୍ନତି ହେବ ।

**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । କାମ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଘରେ ସୁଖ ଶାନ୍ତି ରହିବ । ଉତ୍ତମ ଭୋଜନ କରିପାରନ୍ତି । ପୁରାତନ ବନ୍ଧୁଙ୍କ ସହ ଭେଟ ହୋଇପାରେ ।

**ଧନୁ:** ହଠାତ୍ କୌଣସି ଖବର ପାଇ ଆନନ୍ଦିତ ହେବେ । ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟରେ ମନ ଦେବେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ରୋଜଗାର ଭଲ ହେବ । ଶରୀର ସୁସ୍ଥ ରହିବ ।

**ମକର:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ । ଦିନଟି ଆପଣଙ୍କ ନିମନ୍ତେ ସମସ୍ୟା ବହୁଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଦୁଶ୍ଚିନ୍ତା ଦେଖାଦେବ । ମନ ଅସ୍ଥିର ରହିବ ।

**କୁମ୍ଭ:** ଉତ୍ତମ ଭୋଜନ କରିପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ଆୟରେ ଉନ୍ନତି ଦେଖାଦେବ । ଗୃହେ ଶାନ୍ତି ଲାଭ । ଦେହ ଓ ମନ ଭଲ ରହିବ ।

**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଲାଗିଥିବା ବିବାଦରେ ବିଜୟୀ ହେବେ । ଆୟ ଭଲ ହେବ । ଘରେ ସୁଖ ଶାନ୍ତି ରହିବ । ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ




**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ତିନି ଘରିଆ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୫ତମ ବାର୍ଷିକ ଉତ୍ସବ ରବିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ସ୍କୁଲର ପ୍ରିନ୍ସିପାଲ୍ ଡକ୍ଟର ଶୁଭଲକ୍ଷ୍ମୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ଭାବରେ ମହିଳା କମିଶନ ଓଡ଼ିଶାର ଚେୟାରମ୍ୟାନ ଡକ୍ଟର ମୀନତି ବେହେରା ଯୋଗଦେଇ ତାଙ୍କ ଉଦ୍‌ବୋଧନରେ ଛାତ୍ର ଜୀବନରେ ଶୃଙ୍ଖଳା ଜ୍ଞାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କନ୍ଦରପୁର୍ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପ୍ରିନ୍ସିପାଲ୍ ପ୍ରଫେସର ଖଲିକୁଜ ଜମନ୍ ଖାନ୍ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚେୟାରମ୍ୟାନ ରମଣୀ ରଞ୍ଜନ ରାଉତରାୟ ଓ ୟୁଟ୍ୟୁବର ଏମ ଏନ ମୂରଲୀଧର ଶର୍ମା ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନ କ୍ଷେତ୍ର ରେ ଶିକ୍ଷା ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ପରେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଅଣ ଶିକ୍ଷକ ଓ ସମସ୍ତ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସହଯୋଗ କରିଥିଲେ । ବହୁ ସଂଖ୍ୟାରେ ଆଖପାଖ ଅଞ୍ଚଳରୁ ଓ ସ୍କୁଲର ଅଭିଭାବକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ବେଶ୍ ଆନନ୍ଦ ଉଲ୍ଲାସ ସହ ଉପଭୋଗ କରିଥିଲେ । ପ୍ରିନସିପାଲ୍ ଡକ୍ଟର ଶୁଭଲକ୍ଷ୍ମୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ହରୀୟକ୍ଷା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଚୀନ୍ ସମକକ୍ଷ ହୋଇପାରିବନି ଭାରତ

ଭାରତୀୟ ଅର୍ଥନୀତିର ଭବିଷ୍ୟତ ବେଶ ଉଜ୍ଜ୍ୱଳ ଥିଲେ ମଧ୍ୟ ଚୀନ୍ ଅତୀତରେ ଯେଉଁଭଳି ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ମର୍ଗାନ୍ ଷ୍ଟାନ୍‌ଲିର ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ ଚେତନ ଆହ୍ୟା ଏହା କହିଛନ୍ତି। ସେ କହିଛନ୍ତି ଯେ ଲମ୍ବା ସମୟ ଭିତ୍ତିରେ ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ। କିନ୍ତୁ ୧୯୭୮ର ଅର୍ଥନୈତିକ ସଂସ୍କାର ପରେ ଚୀନ୍ ଯେଉଁଭଳି ତିନି ଦଶନ୍ଧି ଧରି ୮-୧୦% ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି। ବିଶ୍ୱର ମାନୁଫାକ୍ଚରିଂ ହବ୍ ଭାବେ ଚୀନର ସ୍ଥାନ ନେବାଠାରୁ ଭାରତ ବହୁ ଦୂରରେ ରହିଥିବା ସେ କହିଛନ୍ତି। ଆହ୍ୟାଙ୍କ ମତରେ ଭାରତର ଅଭିବୃଦ୍ଧିରେ ରହିଥିବା ଦୁଇଟି ବଡ଼ ପ୍ରତିବନ୍ଧକ ହେଉଛି ଭିତ୍ତିଭୂମିର ଅଭାବ ଓ ଅଳ୍ପ କୁଶଳୀ ଶ୍ରମଶକ୍ତି। ଏହି ଦୁଇ ବଡ଼ କାରଣ ପାଇଁ ଭାରତର ଅଭିବୃଦ୍ଧି ୬-୭% ମଧ୍ୟରେ ରହିଯିବ। କିଛି ଦିନ ପୂର୍ବେ ମର୍ଗାନ ଷ୍ଟାନ୍‌ଲି ଏକ ରିପୋର୍ଟରେ କହିଥିଲା ଯେ ୨୦୦୩ରୁ ୦୭ ପର୍ଯ୍ୟନ୍ତ ଭାରତ ହାରାହାରି ଭାବେ ୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିଲା। ବର୍ତ୍ତମାନ ଅର୍ଥନୀତି ଯେଉଁଭଳି ଭାବେ ଗତି କରୁଛି ତାହା ସେହି ସମୟର ସ୍ମୃତିକୁ ତାହା କରିଛି। ମାନୁଫାକ୍ଚରିଂ କ୍ଷେତ୍ରରେ ଏକ ମହାଶକ୍ତିରେ ପରିଣତ ହେବା ଲାଗି ଭାରତ ଉଦ୍ୟମ କରୁଛି। ଚୀନରୁ ମୁହଁ ଫେରାଉଥିବା କମ୍ପାନିଗୁଡ଼ିକୁ ଆକୃଷ୍ଟ କରିବା ଲାଗି ଏହା ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ସ୍କିମ୍ ଘୋଷଣା କରିଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଫ୍ୟାବଲେସ୍, ଇଲେକ୍ଟ୍ରିକ୍ ଯାନ ଉପକରଣ କ୍ଷେତ୍ରରେ ଏହା ବିଶେଷ ଅଗ୍ରଗତି ହାସଲ କରିଛି। ଫୋନ୍ ଉତ୍ପାଦନରେ ଏହା ଆପଲ୍ ଓ ସାମସଙ୍ଗ ଭଳି କଂପାନି ଆକୃଷ୍ଟ କରିପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମ୍ମୁତେ।'**

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ତ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ଜଣେ ସାଇଙ୍କ ଫଟୋ ଉଠିଲା କିନ୍ତୁ ଭକ୍ତମାନେ ଦୁଇଜଣ ସାଇଙ୍କୁ ଦେଖିଲେ



ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୫୩**

ବାଳକ ସତ୍ୟଙ୍କ ନିଜକୁ ସାଇବାବା ବୋଲି ଘୋଷଣା କରିବା ଦ୍ୱାରା ସମସ୍ତେ ଏଥିରେ ସନ୍ତୁଷ୍ଟ ହୋଇ ପାରିନଥିଲେ। ଏଥିପାଇଁ ପ୍ରମାଣ ଖୋଜିଲେ। ସେତେବେଳେ ସେଠାରୁ ୨୫କି.ମି. ଦୂରରେ ଥିବା ପେନୁକୋଣ୍ଡାକୁ ଜଣେ ସରକାରୀ ଅଫିସର ଆସିଥିଲେ। ସେ ସିରିଡି ବାବାଙ୍କର ଜଣେ ପରମଭକ୍ତ ଥିଲେ ଓ ସେ ବଞ୍ଚିଥିବା ବେଳେ ତାଙ୍କର ଦର୍ଶନ କରିଥିଲେ। ବାଳକ ସତ୍ୟଙ୍କୁ ତାଙ୍କ ପାଖକୁ ନିଆଗଲା। ଉଦ୍ଦେଶ୍ୟ ଥିଲା ଯେ, ସେ ଯଦି ବାଳକ ସତ୍ୟକୁ ଚିହ୍ନି ସେ ସିରିଡି ବାବାଙ୍କ ପର ଅବତାର ବୋଲି କହିପାରିବେ। ସେ ସତ୍ୟଙ୍କୁ ଦେଖି କହିଲେ, ୧୯୧୮ ମସିହାରେ ଦେହତ୍ୟାଗ କରିଥିବା ସିରିଡି ବାବାଙ୍କର ପର ଅବତାରଏହି ପ୍ରଗଲ୍‌ଭ ବାଳକ ହୋଇ ନପାରେ। ଏହା ଏକ ମାନସିକ ବିକୃତି। ତାଙ୍କର ଚିକିତ୍ସା ପାଇଁ ଏକ ମନସ୍ତାତ୍ତ୍ୱିକ ଅନୁଷ୍ଠାନକୁ ନିଆଯାଇପାରେ। ସେତେବେଳ ଯାଏ ବାଳକ ସତ୍ୟ ନୀରବ ରହିଥିଲେ। ସରକାରୀ ଅଫିସରଙ୍କ କଥା ସରିବାପରେ ସେ ନୀରବତା ଭଙ୍ଗ କରି କହିଲେ 'ହଁ ଏଇଟା ମୁଣ୍ଡଖରାପ ହେବାର ଲକ୍ଷଣ, ତେବେ ମୋର ନୁହେଁ ତୁମର, ତୁମେ ତ ଜଣେ ପୂଜାରୀ। ଯେଉଁ ସାଇବାବାଙ୍କୁ ତୁମେ ପୂଜା କରୁଛ ତାଙ୍କୁ ତୁମେ ଚିହ୍ନିପାରୁନ।' ଏହା କହି ବାଳକ ସତ୍ୟ ଶୂନ୍ୟରୁ ଆଞ୍ଜୁଳା ଆଞ୍ଜୁଳା ବିଭୂତି ଆଣି ସେଠାରେ ବିଞ୍ଚି ଦେଇଗଲେ। ଏହାର କିଛିଦିନ ପରେ ଏକ ରବିବାସରୀୟ ସମାରୋହରେ ଜଣେ କେହି କହିଲେ,'' ଆପଣ ଯଦି ସିରିଡି ବାବାଙ୍କର ଅବତାର ତେବେ ଆମକୁ କିଛି ପ୍ରମାଣ ଦେଖାନ୍ତୁ' ବାଳକ ସତ୍ୟ ମଧ୍ୟ ଅନୁଭବ କଲେ ଯେ ଏହାର ଦରକାର ଅଛି। ସତ୍ୟ ସେ କୋଠରୀରେ ଥିବା ଜଣକୁ କୋଠରୀରେ ଥିବା ଚକମଲି ଫୁଲ ଗୁଡିକ ତାଙ୍କୁ ଆଣିବାକୁ କହିଲେ। ସେ ଫୁଲଗୁଡିକୁ ହାତରେ ଧରି ସତ୍ୟ ସେଗୁଡିକୁ ଚଟାଣ ଉପରେ ବିଞ୍ଚି ଦେଲେ। ଫୁଲ ଗୁଡିକ ଆପେ ଆପେ ସଜାଡ଼ି ହୋଇ ତେଲୁଗୁ ଅକ୍ଷରରେ ସାଇବାବା ଲେଖି ହୋଇଗଲା। ଏସବୁ ପ୍ରମାଣ ସତ୍ତ୍ୱେ ସତ୍ୟଙ୍କୁ ପାରିବାରିକ ଚାପରେ ବାଧହୋଇ ପୁଣି ବିଛା କାମୁଡିବାର ଛଅମାସ ପରେ ଜୁନ୍ ମାସରେ ଉରବକୋଣ୍ଡା ହାଇସ୍କୁଲକୁ ଯିବାକୁ ହେଲା।

ଦେଖୁ ଦେଖୁ ଉରବକୋଣ୍ଡାରେ ରବିବାରଦିନ ମହୋତ୍ସବ ଚାଲିଲା। ଭକ୍ତମାନେ ସତ୍ୟଙ୍କ ଚାରିପଟେ ଏକତ୍ରିତ ହେଉଥିଲେ। ସତ୍ୟ ଶୂନ୍ୟରେ ହାତବୁଲେଇ ଭକ୍ତମାନଙ୍କୁ ସିରିଡି ବାବାଙ୍କ ସହିତ ସଂପୃକ୍ତ କରୁଥିବା ପଦାର୍ଥ ମାନ ସୃଷ୍ଟି କରି ଦେଖେଇଲେ। ସେଇ ପୁରାତନ ଶରୀରର ଫଟୋଗ୍ରାଫ, ସିରିଡିବାବା ପିନ୍ଧୁଥିବା କୌପୀନର ଗୈରିକ ବସ୍ତ୍ରାଂଶ ସିରିଡିରେ ବାବାଙ୍କ ପାଖରେ ସେଦିନ ନିବେଦିତ ଖଜୁରୀ ଓ ଫୁଲ ଅନ୍ତର୍ଭୁକ୍ତ ଥିଲା। ଶିକ୍ଷକ ମାନଙ୍କୁ ଶିକ୍ଷା ଦେଉଥିବା ସତ୍ୟ ସାଇଙ୍କ ପାଇଁ ହାଇସ୍କୁଲ ପ୍ରକୃଷ୍ଟ କ୍ଷେତ୍ର ନଥିଲା। କହିବାକୁ ଗଲେ ପ୍ରକୃତରେ ସେଠାକାର ପ୍ରଧାନ ଶିକ୍ଷକ ସମେତ ଆଉ କିଛି ଶିକ୍ଷକ ସତ୍ୟକୁ ପ୍ରଣାମ କରୁଥିଲେ। ତାଙ୍କ ଠାରୁ ମାୟା ଶରୀରର ସଂପର୍କରେ ଅଭିହିତ ରହି ଉତ୍ସାହପ୍ରଦ ବାଣୀ ଶ୍ରବଣ କରୁଥିଲେ।



୧୯୪୦ ମସିହା ଅକ୍ଟୋବର ମାସ ୨୦ ତାରିଖରେ ନିଜର ହାଇସ୍କୁଲ ଶିକ୍ଷାର ଅବସ୍ଥାନ ଘଟାଇଲେ। ସେଦିନ ସକାଳେ ସେ ହାଇସ୍କୁଲରୁ ଫେରି ତାଙ୍କ ବଡଭାଇଙ୍କ ଘରେ ଭାଉଜଙ୍କ ପାଖରେ ନିଜର ବହି ଖାତା ସବୁ ଫୋପାଡି ଦେଇ ସେ ଚାଲିଯାଇଛନ୍ତି ବୋଲି ଘୋଷଣା କଲେ। ସେ କହିଥିଲେ, 'ମୋର ଭକ୍ତ ମାନେ ମୋତେ ଡାକୁଛନ୍ତି। ମୋ କାମ ମୋତେ କରିବାକୁ ପଡିବ।' ସେଠାରୁ ସେ ଯାଇ ତାଙ୍କର ଅନୁରକ୍ତ ଇନିସ୍‌ପେକ୍ଟରଙ୍କ ଘରେ ସେଦିନ ରହିଲେ। ଇନିସ୍‌ପେକ୍ଟରଙ୍କ ବଗିଚାର ଏକ ଗଛମୂଳେ ସତ୍ୟ ଅଧିକାଂଶ ସମୟ ଅତିବାହିତ କରୁଥିଲେ। ଭକ୍ତମାନେ ତାଙ୍କ ଚାରିପଟେ ଘେରି ବସୁଥିଲେ। ଉପାସନା ପାଇଁ କିଏ କର୍ପୂର, କିଏ ଧୂପ ଇତ୍ୟାଦି ସଙ୍ଗରେ ନେଇ ଆସୁଥିଲେ। ସତ୍ୟ ତାଙ୍କ ଚାରିପଟେ ଘେରି ବସିଥିବା ଭକ୍ତମାନଙ୍କୁ ଘଣ୍ଟା ଘଣ୍ଟା ଧରି ଭଜନ ଶିକ୍ଷା ଦେଉଥିଲେ। ଜଣେ ଫଟୋଗ୍ରାଫର ଆସି ସତ୍ୟଙ୍କର ଫଟୋ ଉଠାଇବାକୁ ଯାଇ ଦେଖିଲେ ସତ୍ୟଙ୍କ ସମ୍ମୁଖରେ ଏକ ପଥର ରହିଥିଲା। ଫଟୋଗ୍ରାଫର ଫଟୋରେ ଏ ପଥର ଉଠିଯିବ ଏହି ଆଶଙ୍କାରେ ସତ୍ୟଙ୍କୁ ଟିକିଏ ଘୁଞ୍ଚି ବସିବାକୁ କହିଲେ। ସତ୍ୟ କିନ୍ତୁ ସେଥିରେ ରାଜି ହେଲେ ନାହିଁ।

ବାଧ ହୋଇ ଫଟୋ ଗ୍ରାଫର ସେ ପଥର ସହିତ ସତ୍ୟଙ୍କ ଫଟ ଉଠାଇଲେ। ସେଦିନ ଘରକୁ ଯାଇ ଫଟୋଗ୍ରାଫର ସେ ଫଟୋର ପଜିଟିଭ୍ ବାହାର କରିବାକୁ ଯାଇ ଚମକିପଡିଲେ। ସେ ଦେଖିଲେ ଉକ୍ତ ଅଲୋଡା ପଥରଟି ସିରିଡିବାବା ରୂପ ନେଇଯାଇଛି। ଭକ୍ତମାନେ ଗୋଟିଏ ବାବାଙ୍କୁ ବସିଥିବା ଦେଖିଥିଲେ ଆଉ ଫଟୋରେ ଦେଖିଲେ ଦୁଇଜଣ ବାବା ଜଣେ ସତ୍ୟସାଇ ବାବା ଓ ଅନ୍ୟଜଣକ ସିରିଡି ବାବାଙ୍କ ମୂର୍ତ୍ତି। ପୁଟ୍ଟାପାର୍ତ୍ତିରୁ ସତ୍ୟଙ୍କର ପିତାମାତା ଆସି ପହଞ୍ଚିଲେ। ସେମାନଙ୍କର ସତ୍ୟ, ଅର୍ଥାତ୍ ସତ୍ୟ ସାଇବାବା ଯେ ଆଉ ସ୍କୁଲକୁ ଯିବେ ନାହିଁ ଏହା ସେମାନେ ବୁଝିପାରିଲେ। ସେମାନେ ତାଙ୍କୁ ସେମାନଙ୍କ ସହ ପୁଟ୍ଟାପାର୍ତ୍ତି ଯିବା ପାଇଁ ଡାକିଲେ। ସତ୍ୟ ସାଇବାବା ଏଥିରେ ରାଜିହେଲେ ନାହିଁ। ତାଙ୍କ ପିତାମାତା ତାଙ୍କୁ କଥାଦେଲେ ଯେ ସତ୍ୟସାଇ ବାବାଙ୍କର କୌଣସି କାମରେ ସେମାନେ ହସ୍ତକ୍ଷେପ କରିବେ ନାହିଁ ସତ୍ୟସାଇବାବା ରାଜି ହୋଇ ପିତାମାତାଙ୍କ ସହ ପୁଟ୍ଟାପାର୍ତ୍ତି ଫେରିଗଲେ। ସେଠାରେ ସେ ନିଜର ଆଶ୍ରମ ପ୍ରତିଷ୍ଠା କରି ମାନବ ସମାଜକୁ ନୀତିଶିକ୍ଷା ଦେଲେ। (କ୍ରମଶଃ)

# ଗୋଦରା କୋଡ଼େ ଯେତେ- ମାଡ଼େ ସେତେ



ଇଂ. ଅଭୟ ସୂତାର
ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଭୁବନେଶ୍ୱର
ମୋ-୯୪୩୭୩୭୬୯୬୭

ପୁରାଣର କଥା , ଥରେ ରାଜା ବିଶ୍ୱାମିତ୍ର ସୈନ୍ୟମାନଙ୍କସହ ଜଙ୍ଗଲ ମଧ୍ୟ ଦେଇ ଆସୁଥିବାବେଳେ ବାଟବଣା ହୋଇ ବହୁଆଡ଼େ ବୁଲି ବୁଲି ଶେଷରେ ରାତି ଅଧରେ ଆସି ବଶିଷ୍ଠଙ୍କ ଆଶ୍ରମରେ ପହଞ୍ଚିଲେ। ଏତେ ଲୋକଙ୍କୁ ଖାଇବାକୁ ଦେବାକୁ ଋଷିଙ୍କ ଆଶ୍ରମରେ କିଛି ନ ଥିଲା । ଲୋକମାନେ ସେଠାରେ ଉପବାସରେ ରହିଲେ ଋଷିଙ୍କୁ ପାପ ଲାଗିବ। ତେଣୁ ଅନନ୍ୟୋପାୟ ହୋଇ ଋଷି ଆଶ୍ରମରେ ଥିବା କାମଧେନୁ ନନ୍ଦିନୀଙ୍କୁ ପ୍ରାର୍ଥନା କଲେ । ଏଥିରେ ସନ୍ତୁଷ୍ଟ ହୋଇ ନନ୍ଦିନୀ ଏତେ କ୍ଷୀର ଦେଲେ ଯେ, ରାଜା ଓ ତାଙ୍କର ସୈନ୍ୟମାନେ ପେଟପୁରା କ୍ଷୀର ପିଇ ରାତିରେ ଶୋଇଗଲେ । ପରଦିନ ସକାଳେ ରାଜା ଲୋଭକରି ଏହି ଅଲୌକିକ ଗାଈକୁ ନେବାପାଇଁ ଉଦ୍ୟମ କଲେ,ମାତ୍ର ବଶିଷ୍ଠଙ୍କ ମନ୍ତ୍ର ଶକ୍ତିରେ ପରାସ୍ତ ହେଲେ । ଅପମାନିତ ହୋଇ ଫେରିବାବେଳେ ବଶିଷ୍ଠ ତାଙ୍କୁ କହିଲେ-ବିଶ୍ୱାମିତ୍ର ! ତୁମେ ରାଜା ଓ ଋଷି ହୋଇଥିବାରୁ ରାଜର୍ଷି,ମାତ୍ର ମୁଁ ତପସ୍ୟା କରି ବ୍ରହ୍ମ ତତ୍ତ୍ୱରେ ସିଦ୍ଧି ଲାଭ କରି ବ୍ରହ୍ମର୍ଷି ହୋଇଛି । ତେଣୁ ତୁମେ "ବିଛା ମନ୍ତ୍ର ନ ଜାଣି-ସାପ ଗାତରେ ହାତ ପୁରାଇବା"ଭଳି ଦୁଃସାହସିକ କାର୍ଯ୍ୟ କରୁଥିଲ । ପରିଣାମ ଭୟଙ୍କର ହୋଇଥାଆନ୍ତା,ମାତ୍ର ଦୟାକରି ମୁଁ ତୁମକୁ ଛାଡ଼ି ଦେଲି। ଏଥିରେ ବିଶ୍ୱାମିତ୍ର ଆହୁରି ଅପମାନିତ ହେଲେ । ତେଣୁ ଯଥା ଶୀଘ୍ର ରାଜସିଂହାସନ ପରିତ୍ୟାଗ କରି ବ୍ରହ୍ମର୍ଷି ହେବା ପାଇଁ ଜଙ୍ଗଲରେ ତପସ୍ୟା କଲେ । ବହୁ ବର୍ଷ ପରେ ବ୍ରହ୍ମା ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ବ୍ରହ୍ମର୍ଷି ହେଲ ବୋଲି ବର ଦେଲେ,ମାତ୍ର ବଶିଷ୍ଠ-ବ୍ରହ୍ମାଙ୍କର ଏହି ବରକୁ ସ୍ୱୀକୃତି ଦେଲେ ନାହିଁ। ତେଣୁ ବିଶ୍ୱାମିତ୍ର ପୁଣି ତପସ୍ୟା କଲେ। ଏ ଥର ସେ ବର ମାଗିଲେ ଯେ-ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷି ବୋଲି ଯଦି ସ୍ୱୀକାର ନ କରନ୍ତି, ତେବେ ସେ ବୁଲିପଡ଼ି ପଛ କରି ଦେବା ମାତ୍ରେ ସେ(ବଶିଷ୍ଠ)ସଂଗେ ସଂଗେ ଭସ୍ମ ହୋଇଯିବେ । ବ୍ରହ୍ମା ତଥାସ୍ତୁ କହି ଚାଲିଗଲେ । ଏହାପରେ ବିଶ୍ୱାମିତ୍ର-ବଶିଷ୍ଠଙ୍କ ଆଶ୍ରମକୁ ଯାଇ ଦେଖିଲେ ଯେ,ସେ ଏକ ବିରାଟ ଋଷି ସଭାରେ ଅଧ୍ୟକ୍ଷତା କରି ଦେଶରେ ପଡ଼ିଥିବା ଅନାବୃଷ୍ଟିର ପ୍ରତିକାର ନିମିତ୍ତ ସ୍ୱର୍ଗରୁ ଇନ୍ଦ୍ରଙ୍କ ସମେତ ବହୁ ଦେବଦେବୀଙ୍କୁ ନିମନ୍ତ୍ରଣ କରି ଏକ ଯଜ୍ଞ ଅନୁଷ୍ଠାନ ହେବାପାଇଁ ଯୋଜନା କରୁଛନ୍ତି, ମାତ୍ର ବିଶ୍ୱାମିତ୍ରଙ୍କୁ ଦେଖିବା ମାତ୍ରେ ବ୍ରହ୍ମର୍ଷି ବୋଲି ସ୍ୱୀକାର ନ କରି ରାଜର୍ଷି ! ଆସନ୍ତୁ,ଆସନ୍ତୁ ବୋଲି ସମ୍ବୋଧନ କଲେ । ଏ କଥା ଶୁଣି ବିଶ୍ୱାମିତ୍ର ରାଗରେ ନିଆଁ ହୋଇ ସଂଗେ ସଂଗେ ବୁଲିପଡ଼ି ପଛକରି ଚାଲିଆସିବାକୁ ଉଦ୍ୟତ ହେଲେ,ମାତ୍ର ଏହି ସମୟରେ ତାଙ୍କର ଚୈତନ୍ୟ ଉଦୟ ହେଲା। ସେ ବିଚାର କଲେ-ବ୍ରହ୍ମାଙ୍କର ବର ଅନୁସାରେ ବଶିଷ୍ଠ ଭସ୍ମ ହେବେ,ମାତ୍ର ବଶିଷ୍ଠଙ୍କ ଭଳି ଜଣେ ବ୍ରହ୍ମର୍ଷିଙ୍କୁ ସୃଷ୍ଟି କରିବାକୁ ତାଙ୍କର କ୍ଷମତା ଅଛି କି ? ବିକଳ୍ପ ନ ଥାଇ ବା ସୃଷ୍ଟି ନ କରି,ତାଙ୍କୁ ଭସ୍ମ କରିବା ଘୋର ପାପ ହେବ। ଏଥିରେ ଦେଶର ଅପୂରଣୀୟ କ୍ଷତି ଘଟିବା ତେଣୁ ସେ ଭସ୍ମ ନ କରି,ଅର୍ଥାତ ବୁଲିପଡ଼ି ପଛ ନ କରି ନିଜେ ପଛାଇ ପଛାଇ(ବଶିଷ୍ଠଙ୍କ ଆଡ଼କୁ ମୁହଁକରି)ଯିବା ଆରମ୍ଭ କଲେ। ତ୍ରିକାଳଦର୍ଶୀ ବଶିଷ୍ଠ ଏ ସବୁ କଥା ଜାଣିପାରି ତତ୍‌କ୍ଷଣାତ୍ ସମ୍ବୋଧନ କଲେ-ବ୍ରହ୍ମର୍ଷି ! ଆସନ୍ତୁ,ଆସନ୍ତୁ,ଅର୍ଥାତ୍ ବଶିଷ୍ଠ ତାଙ୍କୁ ବ୍ରହ୍ମର୍ଷିଭାବେ ସ୍ୱୀକୃତି ଦେଲେ। ଏ କଥା ଏଠାରେ କହିବାର ଉଦ୍ଦେଶ୍ୟ ହେଲା, ପୁରାଣ ଯୁଗରେ ସିନା ବିଶ୍ୱାମିତ୍ର-ବଶିଷ୍ଠଙ୍କର ବିକଳ୍ପ ସୃଷ୍ଟି କରି ନ ପାରି ତାଙ୍କୁ ଭସ୍ମ କଲେ ନାହିଁ,ମାତ୍ର ଏ ଯୁଗରେ ଆମେ ବିକଳ୍ପ ସୃଷ୍ଟି ନ କରି ଜଙ୍ଗଲ ଧ୍ୱଂସ ଓ ବୃକ୍ଷ ହତ୍ୟା କରି ଚାଲିଛୁ । ବୃକ୍ଷର ଜୀବନ ଅଛି,ତେଣୁ ସେ ଆମ ଭଳି ଏକ ଜୀବ । ପୁଣି ଏହି ଜୀବ ସଂସାରରେ ସୃଷ୍ଟି ହୋଇଥିବା ସବୁ ଜୀବଙ୍କ ଅପେକ୍ଷା ଅଧିକ ପରୋପକାରୀ ତେଣୁ ବୃକ୍ଷ କାଟିବା-ଜୀବ ହତ୍ୟାଠାରୁ ଗୁରୁତର ଅପରାଧ । ମାତ୍ର ଏ କଥା ଶୁଣୁଛି କିଏ ବା ବୁଝୁଛି କିଏ ? ଆଗେ ଲୋକେ ବୃକ୍ଷକୁ ଦେବତା ବିଚାର କରି ପୂଜା କରୁଥିଲେ । ଜୀବନ୍ତ ଗଛ କାଟିବାକୁ ଭୟ କରୁଥିଲେ,କାରଣ ନାନା ଅଘଟଣ ଘଟିବାର ଆଶଙ୍କା ରହୁଥିଲା, ମାତ୍ର ଏବେ ବେଳ ଆସିଲା -ବୃକ୍ଷକୁ ନିର୍ଜୀବ ବା ଜଡ଼ ବିଚାର କରି କଟାଯାଉଛି । କାଠମାଫିଆମାନେ ଜଙ୍ଗଲକୁ କାଟି ସଫା କରି ଦେଲେଣି । ଅଭୟାରଣ୍ୟ, ସଂରକ୍ଷିତ ଜଙ୍ଗଲ ଇତ୍ୟାଦି କେବଳ ସରକାରୀ କାଗଜପତ୍ରରେ ରହିଛି, ସେ ସବୁ ମଧ୍ୟ ପଦା ହେଲାଣି । ଜଙ୍ଗଲକୁ ଜଗିଥିବା ବନ୍ୟଜନ୍ତୁମାନେ ଲୋପ ପାଇବାକୁ ବସିଲେଣି। ତେଣୁ ଜଙ୍ଗଲ ଧ୍ୱଂସ କରିବାପାଇଁ ଆଉ କାହାକୁ ଭୟ ନାହିଁ । ଏ ପରିସ୍ଥିତିରେ ଜଙ୍ଗଲ ରହିବ,ଏ କଥା ବିଶ୍ୱାସ କରି ହେଉ ନାହିଁ ଆଜକୁ ପ୍ରାୟ ୫୦ବର୍ଷ ହେବ, ନିୟମିତ ଭାବେ ପ୍ରତିବର୍ଷ ବୃକ୍ଷରୋପଣ ସପ୍ତାହ, ବନ ସଂରକ୍ଷଣ ଦିବସ, ବିଶ୍ୱ ପରିବେଶ ଦିବସ ଆଦି ପାଳିତ ହେଉଛି । ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଚାରାଗଛ ରୋପଣ କରାଯାଉଛି, ମାତ୍ର ସେଥିରୁ ବଞ୍ଚିଲା କେତେ ତାର ସଠିକ୍ ହିସାବ ନାହିଁ। କେବଳ ଚାରାଟି ରୋପଣ କରିଦେଲେ ସେ କ'ଣ ଗଛ ହୋଇଯିବ ? ଗଛ ବଞ୍ଚିବାପାଇଁ ନିୟମିତ ଭାବେ ପାଣି ଦେବା ଓ ରକ୍ଷଣାବେକ୍ଷଣ କରିବା ନିଶ୍ଚୟ ଆବଶ୍ୟକ। ଏହି କାରଣରୁ ଏକ ସର୍ଭେ ରିପୋର୍ଟ ଅନୁସାରେ, ପୋତା ଯାଉଥିବା ଗଛର ମାତ୍ର ଶତକଡ଼ା ୩୦ଭାଗ ବଞ୍ଚୁଛି। ପୁଣି ଗୋଟିଏ ଗଛ ବଡ଼ ହେବା ପାଇଁ ପ୍ରାୟ ୪୦ବର୍ଷ ଦରକାର ହେଉଛି। ମାତ୍ର ବଞ୍ଚୁଥିବା ଶତକଡ଼ା ୨୨ଭାଗ ଗଛକୁ ୪୦ବର୍ଷ ବୟସ ହେବା ମଧ୍ୟରେ ଯଥେଷ୍ଟ ସଂଖ୍ୟାରେ ଗଛ ଜଙ୍ଗଲ ମଧ୍ୟରୁ ଲୁଟ୍‌ପାଟ ହୋଇଯାଉଛି । ଏଥିରେ ବନସଂରକ୍ଷଣ ବା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ହେବ କିପରି ? "ଗୋଦରା କୋଡ଼େ ଯେତେ, ମାଡ଼େ ସେତେ" ନୀତିରେ ଲଗାଯାଉଥିବା ଗଛରୁ ଯେତେ ବଞ୍ଚୁଛନ୍ତି, ତାହା ଅପେକ୍ଷା ଅଧିକ ଲୁଟ୍‌ପାଟ ହେଉଛି । ସବୁଠାରୁ ଦୁଃଖର କଥା ଯେ, ସରକାରଙ୍କର ଜଙ୍ଗଲ ଓ ବୃକ୍ଷଲତା ସମେତ ପରିବେଶର ସୁରକ୍ଷା ହେଉଛି ଦାୟିତ୍ୱ, ସେ ମଧ୍ୟ ରାସ୍ତାଘାଟ ନିର୍ମାଣ, କଳକାରଖାନା ସ୍ଥାପନ, ଖଣି ଖନନ, ଗୃହ ନିର୍ମାଣ ଇତ୍ୟାଦି ପାଇଁ ଗଛ କଟା ହେବାକୁ ଆଦେଶ ଦେଉଛନ୍ତି। ଏଥିପାଇଁ ଜନ ଆନ୍ଦୋଳନ ହେଲେ ସରକାର କହୁଛନ୍ତି-ଏ ସବୁ ଉନ୍ନତି ମୂଳକ କାର୍ଯ୍ୟପାଇଁ ଗଛ କଟାହେବା ନିତାନ୍ତ ଆବଶ୍ୟକ। ତେବେ ଯେଉଁଠାରେ ଗଛ କଟା ଯାଉଛି, ସେଠାରେ ଦୁଇ ଗୁଣ ସଂଖ୍ୟାରେ ଗଛ ଲାଗିବା ପାଇଁ ବ୍ୟବସ୍ଥା ହେଉନାହିଁ। ଏଥିରୁ ଜଣାପଡ଼େ ଯେ, ସରକାର ବୋଧହୁଏ ଭାବୁଛନ୍ତି ଯେ, ଗଛ ଲାଗିଲେ ୪/୮ଦିନ ମଧ୍ୟରେ ବଡ଼ ବଡ଼ ହୋଇଯାଇ ପୂର୍ବେ ସେଠାରେ ଗଛ ଥିବାବେଳେ ଯେଉଁ ଶୀତଳ ପରିବେଶ ରହିଥିଲା, ସେମିତି ହୋଇଯିବ । ପୁଣି ଯେଉଁଠାରେ ଗଛ କଟାହେଲା, ସେଠାରେ ଦୁଇଗୁଣ ସଂଖ୍ୟାରେ ଗଛ ଲାଗିଲା କି ନାହିଁ ବା ଯେତେ ଗଛ ଲାଗିଲା ସେଥିରୁ କେତେ ବଞ୍ଚିଲା ଓ କେତେ ମଲା,ତାହାର ଠିକ୍ ତଦାରଖ ସବୁ ସ୍ଥାନରେ ହେଉନାହିଁ । ଗଛ କଟାଯାଇ କାମ ହୋଇସାରିବା ପରେ ତେଣିକି କିଏ କାହାକୁ ପଚାରେ ? ଲଗା ହେଉଥିବା ଚାରା ମଧ୍ୟରୁ ଯେଉଁ କେତୋଟି ବଞ୍ଚୁଛନ୍ତି,ସେଗୁଡ଼ିକ କଟାଯାଇଥିବା ପୁରୁଣା ବଡ଼ ଗଛ ଭଳି ହେବାକୁ ପ୍ରାୟ ୪୦ବର୍ଷ ଦରକାର ହେଉଛି । ତେଣୁ ଦେଖାଯାଉଛି, ଯେଉଁଠାରେ ଶହ ଶହ ବର୍ଷର ପୁରୁଣା ଗଛ ରହି ସ୍ଥାନଟିକୁ ଶୀତଳ କରି ରଖିଥିଲେ, ଏବେ ସେଠାରେ ସେଗୁଡ଼ିକ କଟାଯିବା ଓ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେବାପରେ ଲୋକେ ଅସହ୍ୟ ଉତ୍ତାପ ଓ ଗ୍ରୀଷ୍ମ ପ୍ରବାହରେ କଲବଲ ହେଉଛନ୍ତି । କଳ କାରଖାନା ସ୍ଥାପନ ଓ ଖଣି ଖନନପାଇଁ ଶିଳ୍ପପତି ବା ବଡ଼ ବଡ଼ କମ୍ପାନୀମାନେ ଯେତେ ସଂଖ୍ୟାରେ ଗଛ କାଟିବେ,ତାହାର ଦୁଇ ଗୁଣ ଗଛ ଲଗାଇବା ସମେତ ଚତୁଃପାର୍ଶ୍ୱ ଅଞ୍ଚଳଗୁଡ଼ିକରେ ପରିବେଶର ଉନ୍ନତି ପାଇଁ ପର୍ଯ୍ୟାପ୍ତ ବୃକ୍ଷରୋପଣ କରିବାକୁ ସରକାରଙ୍କ ସହ ଚୁକ୍ତି ବଦ୍ଧ ହେଉଛନ୍ତି, ମାତ୍ର ଚୁକ୍ତି ଅନୁସାରେ ବୃକ୍ଷରୋପଣ ହେଉନାହିଁ । ଫଳରେ ତାଳଚେର, ଅନୁଗୁଳ, କେନ୍ଦୁଝର, ଝାରସୁଗୁଡ଼ା ଆଦି ଅଞ୍ଚଳରେ ଏବେ ଶିଳ୍ପ ପ୍ରତିଷ୍ଠା ଓ ଖଣି ଖନନ ଯୋଗୁ ପରିବେଶର ଯେଉଁ ଅବକ୍ଷୟ ଘଟିଛି, ତାହା ଅବର୍ଣ୍ଣନୀୟ। ଯେଉଁଠାରେ ଆଗେ ସବୁଜ ଜଙ୍ଗଲ ମଧ୍ୟରେ ରହି ଲୋକେ ଚିର ପ୍ରବାହିତ ଝରଣାର ସ୍ୱଚ୍ଛ ପାଣି ପିଇବାକୁ ପାଇ ଆନନ୍ଦରେ ରହିଥିଲେ,ଏବେ ସେଠାରେ ସେହି ଲୋକମାନେ ଜଳ ଅଭାବରେ ଓ ପ୍ରଚଣ୍ଡ ତାପରେ ଆଉଟୁ ପାଉଟୁ ହେଉଛନ୍ତି ।

ସେହିପରି ଗ୍ରାମାଞ୍ଚଳରେ ଯେଉଁ ପୁରୁଣା ତୋଟା ବା ବଡ଼ ବଡ଼ ଗଛ ସବୁ ଥିଲା,ଏବେ ସେ ସବୁ ଆଉ ନାହିଁ । ଲୋକେ ସେଗୁଡ଼ିକୁ ହତ୍ୟା କରି ଦେଇଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ତେଣୁ ପୂର୍ବର ଥଣ୍ଡା ପବନ ଓ ଶୀତଳ ପରିବେଶ ବଦଳରେ ଏବେ ପ୍ରଚଣ୍ଡ ଉତ୍ତାପ ଓ ଗ୍ରୀଷ୍ମ ପ୍ରବାହରେ ଛଟ ପଟ ହେଉଛନ୍ତି । ଏ ବର୍ଷ ଖରା ଦିନେ ଯେପରି ଅବସ୍ଥା ସୃଷ୍ଟି ହୋଇଛି, ତାହା ଆଉ କିଛି ଦିନ ରହିଥିଲେ, ହଜାର ହଜାର ଲୋକଙ୍କର ଯେ ମୃତ୍ୟୁ ହୋଇଥାଆନ୍ତା, ଏ କଥା ନିଶ୍ଚିତ । ତେଣୁ ପରିବେଶର ସୁରକ୍ଷା ନିମିତ୍ତ ଜଙ୍ଗଲ ଧ୍ୱଂସକୁ ପ୍ରତିହତ କରିବା ପାଇଁ କାଠ ମାଫିଆଙ୍କୁ ଦେଖିବା ମାତ୍ରେ ଗୁଳି କରିବା, ଚୋରା କାଠ ବିକ୍ରୀ କରୁଥିବା ଲୋକଙ୍କୁ ଯଥାଶୀଘ୍ର ଦଣ୍ଡ ଦେବା ନିମିତ୍ତ ବିଦ୍ୟୁତ ଚୋରିକୁ ରୋକିବା ପାଇଁ ସ୍ଥାପିତ ଥାନା ଭଳି ସ୍ୱତନ୍ତ୍ର ବନ ବିଭାଗ ଥାନା ପ୍ରତିଷ୍ଠା କରାଯିବା, ଗ୍ରାମାଞ୍ଚଳ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଜରିଆରେ ଉଜୁଡ଼ା ଜଙ୍ଗଲର ପୁନଃ ପ୍ରତିଷ୍ଠା ଓ ନୂତନ ଜଙ୍ଗଲ ସୃଷ୍ଟି କରିବା ଇତ୍ୟାଦିକୁ ବ୍ୟାପକ କରାଯାଉ । କୌଣସି ପରିସ୍ଥିତିରେ ମଧ୍ୟ ବିକଳ୍ପ ସୃଷ୍ଟି ନ କରି ଜୀବିତଥିବା ବୃକ୍ଷକୁ ହତ୍ୟା ନ କରିବା ପାଇଁ କଡ଼ା କଡ଼ି ଆଇନ କରାଯାଉ । ସେହିପରି କେହି ହେଲେ ଜୀଅନ୍ତା ଗଛ କାଟିବା ଏକ ଦଣ୍ଡନୀୟ ଅପରାଧ ବୋଲି ଆଇନ କରାଯାଉ । କେବଳ ନିତାନ୍ତ ଆବଶ୍ୟକ ସ୍ଥଳେ ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ଅନୁମତି ନେଇ ଗଛ କାଟିବା ବ୍ୟବସ୍ଥା କରାଯାଉ । ସବୁଠାରୁ ବଡ଼ କଥା ହେଲା, ଜନ ସଚେତନତା ପ୍ରତି ଗୁରୁତ୍ୱ ଦିଆଯାଉ । ତା' ହେଲେ ପରିବେଶିକ ବିପର୍ଯ୍ୟୟରୁ ଲୋକେ ରକ୍ଷା ପାଇପାରିବେ ଓ ଆମ ଜୀବନ ରହିଯିବ ।

# ଘରୋଇ କୋଚିଂ ସେଣ୍ଟର ପାଇଁ କେନ୍ଦ୍ରର ମାର୍ଗଦର୍ଶିକା



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ,କଟକ
ମୋ:୯୪୩୮୦୭୦୮୪୯

ଦେଶରେ ଶିକ୍ଷାଦାନ କରୁଥିବା ଘରୋଇ କୋଚିଂ ସେଣ୍ଟର୍ ନିମନ୍ତେ କୌଣସି ସ୍ୱତନ୍ତ୍ର ନୀତି ଓ ନିୟମ ନଥିବାରୁ ଦିନକୁ ଦିନ ଛତୁ ଫୁଟିଲା ଭଳି ଅନେକ ଘରୋଇ କୋଚିଂ ସେଣ୍ଟର୍ ଖୋଲିଚାଲିଛି । ଏହାର ଫାଇଦା ନେଇ କୋଚିଂ ସେଣ୍ଟର୍ ଗୁଡ଼ିକ ଛାତ୍ରଛାତ୍ରୀମାନଙ୍କ ଠାରୁ ମନଇଚ୍ଛା ଫି ଆଦାୟ କରୁଛନ୍ତି । ଛାତ୍ରଛାତ୍ରୀମାନଙ୍କ ଉପରେ ପାଠର ବୋଝ ତଥା ମାନସିକ ଚାପ ଯୋଗୁଁ ସେମାନେ ଆତ୍ମହତ୍ୟା କରୁଛନ୍ତି । କୋଚିଂ ସେଣ୍ଟରରେ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା ନଥିବାରୁ ଅଗ୍ନି ସଂଯୋଗ ଘଟି ଅନେକ ଧନଜୀବନ ହାନି ଘଟୁଛି । ଏହି ସଂସ୍ଥାଗୁଡ଼ିକ ଭ୍ରମାତ୍ମକ ବିଜ୍ଞାପନ ଦ୍ୱାରା ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କୁ ନିଜ ଅନୁଷ୍ଠାନ ପ୍ରତି ଆକର୍ଷିତ କରୁଛନ୍ତି। କେଉଁଠି ପରୀକ୍ଷାରେ ମାର୍କ ପାଇଁ ଶିକ୍ଷକମାନେ ପାତରଅନ୍ତର ନୀତି ଆପଣାଉଛନ୍ତି ତ କେଉଁଠି ଉପଯୁକ୍ତ ଶିକ୍ଷାଗତ ଯୋଗ୍ୟତା ନଥାଇ ଘରୋଇ ଟ୍ୟୁଟରମାନେ ଶିକ୍ଷାଦାନ କରୁଛନ୍ତି। ସେମାନେ ଗୁଣାତ୍ମକ ଶିକ୍ଷା ପରିବର୍ତ୍ତେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରି କିଭଳି ସେମାନେ ନିଯୁକ୍ତିକ୍ଷମ ହେବେ ତା ଉପରେ ଗୁରୁତ୍ୱାରୋପ କରୁଛନ୍ତି । ବିଗତ ବର୍ଷ ଗୁଡ଼ିକର ଫଳାଫଳକୁ ନେଇ ବିଭ୍ରାନ୍ତିକର ବିଜ୍ଞାପନ,ହଷ୍ଟେଲ ସମସ୍ୟା,ଅତ୍ୟଧିକ ପାଠର ଚାପ, ସଂସ୍ଥାରେ ଯୌନ ଉତ୍ପୀଡ଼ନା,ହୋମ ୱାର୍କର ବୋଝ, ଶିକ୍ଷାରେ ଅନିୟମିତତା ଆଦି ନାନାଦି ବିବାଦ ଘେରରେ ଛନ୍ଦି ହୋଇପଡିଛି ଦେଶର ଅନେକ ଘରୋଇ କୋଚିଂ ସଂସ୍ଥା । ଏହା ଅତୀତରେ ସରକାରଙ୍କ ଦୃଷ୍ଟିଗୋଚର ହୋଇଥିଲେ ମଧ୍ୟ ସରକାର ଏଥିପ୍ରତି କୋହଳ ମନୋଭାବ ଆପଣାଇଥିଲେ । କିନ୍ତୁ ଦିନକୁଦିନ ଏହି ସମସ୍ୟାର ବୃଦ୍ଧି ହେବା ଯୋଗୁଁ ସରକାର ଏଥିନିମନ୍ତେ ବାଧ୍ୟ ହୋଇ କଠୋର ଆଭିମୁଖ୍ୟ ଗ୍ରହଣ କରି, ଘରୋଇ କୋଚିଂ ଶିକ୍ଷାନୁଷ୍ଠାନ ଉପରେ ଲଗାମ ଲଗାଇବା ପାଇଁ ଗତ ଜାନୁଆରୀ ମାସ ୧୬ ତାରିଖ ଦିନ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରଣାଳୟ, ଦେଶରେ ଚାଲିଥିବା ଘରୋଇ କୋଚିଂ ଶିକ୍ଷାନୁଷ୍ଠାନ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିଛନ୍ତି । ଯାହାକୁ ନେଇ ସାଧାରଣରେ ଅନେକ ଚର୍ଚ୍ଚାଲୋଚନା ଚାଲିଛି । ଦେବଭୂମି ଭାରତ ବର୍ଷ ସଦାସର୍ବଦା ତାର ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଆସିଛି । ପ୍ରାଚୀନ ଯୁଗରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ଯୁଗପୋଯୋଗୀ ଶିକ୍ଷା ବ୍ୟବସ୍ଥା ପ୍ରଣୟନ କରି ବିଶ୍ୱଗୁରୁ ଆଡ଼କୁ ଅଗ୍ରସର ହେଉଅଛି ଆମ ଦେଶ ଭାରତ । କେବଳ ସେତିକି ନୁହେଁ ଜ୍ଞାନର ପେଣ୍ଠସ୍ଥଳୀ ହେବା ସ୍ୱପ୍ନ ନେଇ ଶିକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ସଂସ୍କାର ଆଣିବା ସହ ଅଧୁନା ଆମ ଦେଶରେ ନୂତନ ଶିକ୍ଷାନୀତି ୨୦୨୦ ପ୍ରଚଳିତ ହେଉଅଛି । ଏହି ନୂତନ ଶିକ୍ଷା ନୀତି ଅନୁସାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ଶିକ୍ଷାର ସର୍ବନିମ୍ନ ମାନକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ଘରୋଇ କୋଚିଂ ସେଣ୍ଟର ଗୁଡିକ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ୧୯୯୧ ମସିହା ନୂତନ ଅର୍ଥନୈତିକ ନୀତିରେ ଘରୋଇକରଣ, ଜଗତୀକରଣ ଓ ଉଦାରୀକରଣ ଯୋଗୁଁ ଦେଶରେ ଗଢି ଉଠିଛି ଅନେକ ସରକାରୀ, ବେସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ । ବର୍ଷକୁ ବର୍ଷ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର କ୍ଲାସ ସମାପ୍ତ ପରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଘରୋଇ କୋଚିଂ ସେଣ୍ଟରରେ ଟ୍ୟୁଟୋରିଆଲ୍ କ୍ଲାସ କରିଥାନ୍ତି । ବିଶେଷ କରି ୨୦୨୦ ମସିହାରେ ବିଶ୍ୱ ମହାମାରୀ କୋଭିଡ୍ ଯୋଗୁଁ ଯେତେବେଳେ ଶ୍ରେଣୀଗୃହ ଶିକ୍ଷାଦାନ ବନ୍ଦ ହୋଇଗଲା ସେତେବେଳେ ଘରୋଇ କୋଚିଂ ସେଣ୍ଟର୍ ଅନଲାଇନ୍ ଶିକ୍ଷାଦାନ କରିଥିଲା ଏବଂ ଏହାର ଗୁରୁତ୍ୱ ବେଶ୍ ବଢି ଯାଇଥିଲା । କିଭଳି ଭାବେ ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଆଶାନୁରୂପ ମାର୍କ ରଖିବେ, ଉଚ୍ଚଶିକ୍ଷା ନିମନ୍ତେ ପ୍ରସ୍ତୁତ ହେବେ, ନିଯୁକ୍ତି ଉପଯୋଗୀ ହେବେ ସେଥିନିମନ୍ତେ ଘରୋଇ କୋଚିଂ ସେଣ୍ଟର ଗୁଡ଼ିକ ଅଭିନବ ଉପାୟ ଅବଲମ୍ବନ କରିଥାନ୍ତି । ଶିକ୍ଷାର ଉପଯୁକ୍ତ ପରିବେଶ ସୃଷ୍ଟି କରିବା, ନିୟମିତ ବ୍ୟବଧାନରେ ପରୀକ୍ଷା କରିବା, ମକ୍ ଟେଷ୍ଟ କରିବା, ଶିକ୍ଷକ ଅଭିଭାବକ ମିଟିଂ କରିବା, ଉପଯୁକ୍ତ ପାଠ୍ୟ ଉପକରଣ ଯୋଗାଇଦେବା, ନିରବଚ୍ଛିନ୍ନ ଭାବେ ଶ୍ରେଣୀ ଶିକ୍ଷାଦାନ କରିବା, ଛୁଟି ସଂଖ୍ୟା ହ୍ରାସ କରିବା, ଡାଉଟ୍ କ୍ଲିୟରିଂ କ୍ଲାସ କରିବା, କ୍ଲାସର ସମୟ ଅବଧି ବୃଦ୍ଧି କରିବା, ଶିକ୍ଷକ ଶିକ୍ଷାର୍ଥୀ ଅନୁପାତ ହ୍ରାସ କରିବା, ନିୟମିତ ମୂଲ୍ୟାଙ୍କନ ଏବଂ ଶିକ୍ଷାର୍ଥୀ ମାନଙ୍କ ମନୋବଳ ଦୃଢ଼ କରିବା, ପୂର୍ବ ବର୍ଷର ପ୍ରଶ୍ନପତ୍ର ଅଭ୍ୟାସ କରିବା, ପ୍ରାକ୍ଟିକାଲ ଜ୍ଞାନର ଅଭିବୃଦ୍ଧି ପାଇଁ ଷ୍ଟଡିଟୁର ଆଦି ଉପରେ ଗୁରୁତ୍ୱାରୋପ କରିଥାନ୍ତି । ସରକାରଙ୍କର ଅପାରଗତା, ସରକାରୀ ଶିକ୍ଷାନୁଷ୍ଠାନରେ ଉପଯୁକ୍ତ ଶିକ୍ଷାର ଅଭାବ, ତଥା ଶିକ୍ଷା ବ୍ୟବସ୍ଥାର ଦୁର୍ବଳ ଭିତ୍ତିଭୂମି ଯୋଗୁଁ ଘରୋଇ କୋଚିଂ ସେଣ୍ଟର୍ ପ୍ରତି ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଆକର୍ଷିତ ହେଉଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ମଧ୍ୟ ଏହା ଦେଖିବାକୁ ମିଳୁଛି ଯେ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଆଡ଼ମିଶନ କରି ସେଠାକାର ଶ୍ରେଣୀ ଗୃହ ଶିକ୍ଷାଗ୍ରହଣକୁ ନାପସନ୍ଦ କରି ଘରୋଇ କୋଚିଂ ସେଣ୍ଟରରେ ଅଧ୍ୟୟନ କରୁଛନ୍ତି ଫଳରେ ଦିନକୁ ଦିନ ଘରୋଇ କୋଚିଙ୍ଗ ସେଣ୍ଟରର ଚାହିଦା ବଢ଼ିବାରେ ଲାଗିଛି ।ବର୍ଦ୍ଧିତ ଚାହିଦାକୁ ଆଖି ଆଗରେ ରଖି ହାତ ଗଣତି କୋଚିଂ ସଂସ୍ଥାକୁ ଛାଡ଼ିଦେଲେ ଅଧିକାଂଶ ସଂସ୍ଥା ଛାତ୍ରଛାତ୍ରୀ ମାନଙ୍କୁ ଶୋଷଣ କରିବାକୁ ଲାଗିପଡିଛନ୍ତି । ଛାତ୍ରଛାତ୍ରୀ ମାନଙ୍କର ହିତ ଦୃଷ୍ଟିରୁ ଷ୍ଟୁଡେଣ୍ଟ ଫେଡରେଶନ ଅଫ ଇଣ୍ଡିଆ ୨୦୧୭ ମସିହାରେ ଏକ ପି.ଆଇ.ଏଲ୍ ଫାଇଲ କରିଥିଲା । ଏହାର ବିଚାର କରି ଛାତ୍ରଛାତ୍ରୀମାନଙ୍କର ସୁରକ୍ଷା, ନିରାପତ୍ତା ଓ ଅନାବଶ୍ୟକ ଶୋଷଣକୁ ଏଡ଼ାଇବା ପାଇଁ ବେଆଇନ ଭାବେ ଗଢି ଉଠିଥିବା ତଥା ଶୋଷଣ କରୁଥିବା ସଂସ୍ଥା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶକୁ ଅନୁପାଳନ କରି ବିହାର କୋଚିଂ ଇନଷ୍ଟିଚ୍ୟୁଟ(କଣ୍ଟ୍ରୋଲ ଆଣ୍ଡ ରେଗୁଲେଶନ) ଆକ୍ଟ, ୨୦୧୦( ବିହାର ଆକ୍ଟ୧୭,୨୦୧୦), ଗୋଆ କୋଚିଂ କ୍ଲାସ (ନିୟମାବଳୀ) ଅଧିନିୟମ,୨୦୧୧( ଗୋଆ ଆକ୍ଟ ୨୭,୨୦୦୧), ଉତ୍ତରପ୍ରଦେଶ କୋଚିଂ ଅଧିନିୟମ, ୨୦୦୨(ଉତ୍ତରପ୍ରଦେଶ ଆକ୍ଟ ୫,୨୦୦୨), କର୍ଣ୍ଣାଟକ ଟ୍ୟୁଟୋରିଆଲ୍ ପଞ୍ଜିକରଣ ନିୟମାବଳୀ ୨୦୦୧, ମଣିପୁର କୋଚିଂ ଅନୁଷ୍ଠାନ(ନିୟନ୍ତ୍ରଣ ଓ ନିୟମାବଳୀ) ଅଧିନିୟମ ୮, ୨୦୧୭ ଆକ୍ଟ, ରାଜସ୍ଥାନ କୋଚିଂ ଅନୁଷ୍ଠାନ ନିୟନ୍ତ୍ରଣ ଓ ନିୟମାକ ବିଲ,୨୦୨୩ କେତେକାଂଶରେ ସକ୍ରିୟ ହୋଇ ଉଠିଲା । ଏତଦବ୍ୟତୀତ କିଭଳି ଭାବେ ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ ଏବଂ ତତ୍ ସହିତ କୋଚିଂ କ୍ଲାସ ପ୍ରତି ମନ ନବଳାଇବେ ତାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ପାଇଁ ସମାନ ନୀତି ଅବଲମ୍ବନ କରିଥିଲେ । ଉଚ୍ଚ ଗୁଣବତ୍ତା ସାଧାରଣ ଦକ୍ଷତା ପରୀକ୍ଷା କରିବା ପାଇଁ ସର୍ବ ଭାରତୀୟ ସ୍ତରରେ ନେସନାଲ ଟେଷ୍ଟିଂ ଏଜେନ୍ସି(ଏନ୍. ଟି.ଏ) କାର୍ଯ୍ୟ କରିବାର ବ୍ୟବସ୍ଥା ପ୍ରଣୟନ କରିଥିଲେ । ଗୁଣାତ୍ମକ ଶିକ୍ଷା ପାଇଁ ଦେଶରେ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ଶିକ୍ଷାନୁଷ୍ଠାନ ସାଙ୍ଗକୁ ଶିକ୍ଷାନୁଷ୍ଠାନରେ ସିଟ୍ ବୃଦ୍ଧି କରିବା, ୧୩ ଟି ଆଞ୍ଚଳିକ ଭାଷାରେ ସି.ୟୁ.ଇ.ଟି ପରୀକ୍ଷା କରିବା, ନିଟ, ଜେ.ଇ.ଇ ମେନ୍ ପରୀକ୍ଷା ପାଇଁ ମାଗଣାରେ ନେସନାଲ ଟେଷ୍ଟିଂ ଏଜେନ୍ସି(ଏନ୍. ଟି.ଏ) ମାଧ୍ୟମରେ ଉଚ୍ଚ ଗୁଣବତ୍ତା ମକ୍ ଟେଷ୍ଟର ବ୍ୟବସ୍ଥା କରିବା, ବିଭ୍ରାନ୍ତିକର ବିଜ୍ଞାପନ ଦ୍ୱାରା ଅଭିଭାବକ ତଥା ଛାତ୍ରଛାତ୍ରୀ ମାନଙ୍କୁ ନିଜ କୋଚିଂ ସଂସ୍ଥା ପ୍ରତି ଆକର୍ଷିତ କରୁଥିବା କୋଚିଂ ବିରୁଦ୍ଧରେ ଗ୍ରାହକ ସୁରକ୍ଷା ଆଇନ୍ ୧୯୮୬ ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିଷ୍ପତ୍ତି ନେଇଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କୁ ଏ କ୍ଷେତ୍ରରେ ସେତେଟା ସଫଳ ମିଳିପାରିନଥିଲା। ଯେଉଁଠି ଆମେ ବିଶ୍ୱ ଗୁରୁ ହେବାର ସ୍ୱପ୍ନ ଦେଖୁଛେ ସେଠି ପୁଣି ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀ ମାନେ କୋଚିଂ ସେଣ୍ଟର ଦ୍ୱାରା ଶୋଷିତ ହେବେ ଯାହାକୁ ଆମ ସରକାର ଗ୍ରହଣ ନକରି ପାରି ଦେଶରେ ଗଢି ଉଠିଥିବା ଅନେକ ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି । ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧିତ କରିବା ପାଇଁ, ଗତ ଜାନୁଆରୀ ମାସରେ ଦେଶର ଘରୋଇ କୋଚିଂ ସେଣ୍ଟର ନିମନ୍ତେ ଏକ ସ୍ୱତନ୍ତ୍ର ଗାଇଡଲାଇନ୍ ସ୍ଥିରୀକୃତ କରିଛନ୍ତି ଭାରତ ସରକାର । ଗାଇଡଲାଇନ୍ ଅନୁଯାୟୀ କ୍ରୀଡା,ନୃତ୍ୟ ଓ ଥିଏଟରକୁ ବାଦ୍ ଦେଲେ ଅନ୍ୟ କୌଣସି କ୍ଷେତ୍ରରେ କୋଚିଂ ଦେଉଥିବା ସଂସ୍ଥାଗୁଡ଼ିକର ପିଲା ସଂଖ୍ୟା ୫୦ରୁ ଉର୍ଦ୍ଧ ହେଲେ ସମ୍ପୃକ୍ତ ସଂସ୍ଥା ଉପଯୁକ୍ତ ଫି ସହିତ କୋଚିଂ ସେଣ୍ଟରର ଉପସ୍ଥିତ ଥିବା ସ୍ଥାନୀୟ ପ୍ରାଧିକରଣରେ ପଞ୍ଜୀକୃତ କରିବା ବାଧ୍ୟତାମୂଳକ ଅଟେ । ଏକାଧିକ ଶାଖା ଥିବା ସଂସ୍ଥା ଗୁଡ଼ିକ ପାଇଁ ମଧ୍ୟ ଅଲଗା ଅଲଗା ପଞ୍ଜୀକୃତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସଂସ୍ଥା ଗୁଡ଼ିକ ନିଜର ପଞ୍ଜୀକୃତ କରିବା ପାଇଁ ବୈଧ ପ୍ରମାଣପତ୍ର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପାଖରେ ଦାଖଲ କରିବେ ଏବଂ ଏହାର କଡ଼ାକଡ଼ି ଯାଞ୍ଚ କରାଯିବା ପରେ ସରକାର ଏକ ପଞ୍ଜିକରଣ ପ୍ରମାଣପତ୍ର ଯୋଗାଇଦେବେ। ପ୍ରତ୍ୟେକ ପଞ୍ଜୀକୃତ କୋଚିଂ ସେଣ୍ଟର ପଞ୍ଜିକରଣ ପ୍ରମାଣପତ୍ରର ନବୀକରଣ ପାଇଁ ପଞ୍ଜିକରଣ ସମାପ୍ତ ତାରିଖର ଦୁଇମାସ ପୂର୍ବରୁ ପୁନଶ୍ଚ ଆବେଦନ କରିବେ ନଚେତ୍ କୋଚିଂ ସେଣ୍ଟରକୁ ଅବୈଧ ଘୋଷଣା କରାଯିବ । କୋଚିଂ ସେଣ୍ଟରରେ ଶିକ୍ଷାଦାନ କରୁଥିବା ଶିକ୍ଷକ ମାନଙ୍କର ସର୍ବନିମ୍ନ ଯୋଗ୍ୟତା ସ୍ନାତକ ତଥା କ୍ରିମିନାଲ କେସ୍ ରେ ଜଡ଼ିତ ଥିବା ବ୍ୟକ୍ତି ବିଶେଷ ମାନେ ଶିକ୍ଷାଦାନ କରିପାରିବେ ନାହିଁ ବୋଲି ଏଥିରେ ସ୍ଥିରୀକୃତ ହୋଇଅଛି । ନାମ ଲେଖାଇବା ପାଇଁ କୌଣସି କୋଚିଂ ସେଣ୍ଟର୍ ଭଲ ମାର୍କର ଗ୍ୟାରେଣ୍ଟି, ବିଭ୍ରାନ୍ତିକର ବିଜ୍ଞାପନ ଓ ଚାକିରୀର ଗ୍ୟାରେଣ୍ଟି ଦେଇପାରିବେ ନାହିଁ । ୧୬ ବର୍ଷରୁ କମ୍ ପିଲାଙ୍କୁ କୋଚିଂ ସେଣ୍ଟର ମଧ୍ୟ ବାରଣ କରାଯାଇଛି । ଜନସାଧାରଣ ମାନଙ୍କର ଅବଗତି ନିମନ୍ତେ କୋଚିଂ ଦେଉଥିବା ସଂସ୍ଥା ତାର ନିଜର ୱେବସାଇଟ ମାଧ୍ୟମରେ ଶିକ୍ଷାଦାନ କରୁଥିବା ଶିକ୍ଷକ ମାନଙ୍କ ଶିକ୍ଷାଗତ ଯୋଗ୍ୟତା, କୋର୍ସ ଫିସ୍, ପାଠ୍ୟ ଖସଡ଼ା, କୋର୍ସ ସମାପ୍ତ ହେବାର ସମ୍ଭାବ୍ୟ ତାରିଖ, ହଷ୍ଟେଲ ସୁବିଧା, ଫିସ ଚାର୍ଟ, ଚାଟାର୍ଡ ଆକାଉଣ୍ଟ ଦ୍ୱାରା ଅଡିଟ୍ ହୋଇଥିବା ଆକାଉଣ୍ଟ ଷ୍ଟେଟମେଣ୍ଟ ସମ୍ପର୍କିତ ତଥ୍ୟ ପ୍ରଦାନ କରିବେ । ପଞ୍ଜିକରଣ ସମୟରେ ପଞ୍ଜିକରଣ ଦରଖାସ୍ତ ସହ ଏକ ଘୋଷଣାନାମା ଦାଖଲ କରିବେ ଯେ ସମ୍ପୃକ୍ତ ସଂସ୍ଥାଟି କେବଳ ପଞ୍ଜୀକୃତ ଶବ୍ଦ ବ୍ୟବହାର କରିପାରିବେ କିନ୍ତୁ ରେକୋଗନାଇଜ୍ଡ କିମ୍ବା ଆପ୍ରୁଭଡ୍ ବୋଲି ଦର୍ଶାଇପାରିବେ ନାହିଁ। ଏହି ଗାଇଡଲାଇନ୍ ଅନୁଯାୟୀ ବିଭିନ୍ନ ପାଠ୍ୟକ୍ରମ ପାଇଁ ଦେୟ ଶୁଳ୍କ ଯଥାର୍ଥ ଏବଂ ଯୁକ୍ତିଯୁକ୍ତ ହେବ । ଚାର୍ଜ ହୋଇଥିବା ଫି ପାଇଁ ରସିଦ ଉପଲବ୍ଧ ହେବ ।ବିଭିନ୍ନ ପାଠ୍ୟକ୍ରମ ବିଷୟରେ କୋଚିଂ ସେଣ୍ଟର ନିଶ୍ଚିତ ଭାବରେ ଏକ ପ୍ରୋସପେକ୍ଟସ୍ ପ୍ରଦାନ କରିବେ ଯେଉଁଥିରେ, କୋର୍ସ ସମାପ୍ତିର ଅବଧି, କ୍ଲାସ୍ ସଂଖ୍ୟା, ଟ୍ୟୁଟୋରିଆଲର ହଷ୍ଟେଲ ସୁବିଧା (ଯଦି ଥାଏ), ଶିକ୍ଷାର୍ଥୀମାନେ ଅଧାରୁ ପାଠ ଛାଡ଼ିଲେ ସେମାନଙ୍କର ନିର୍ଦ୍ଧାରିତ ଫିସ୍ ଛାଡ୍ କରିବା ଆଦିର ସମ୍ପୂର୍ଣ୍ଣ ବିବରଣୀ ରହିବ। କୋଚିଂ ସେଣ୍ଟରର ଶ୍ରେଣୀଗୃହ ତଥା ଅନ୍ୟାନ୍ୟ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଭିତ୍ତିଭୂମି ରହିବା ସହ ବିଲ୍ଡିଂରେ ଅଗ୍ନି ନିରାପତ୍ତା ସଂକେତ, ନିର୍ମାଣ ସୁରକ୍ଷା ସଂକେତ ବ୍ୟବହୃତ ହେବ । ଛାତ୍ରଛାତ୍ରୀମାନଙ୍କ ସହାୟତା ପାଇଁ କୋଚିଂ ସେଣ୍ଟରରେ ପ୍ରାଥମିକ ଚିକିତ୍ସା ରହିବ । ପୋଲିସ୍ ହେଲ୍ପଲାଇନ ବିବରଣୀ, ଅଗ୍ନିଶମ ସେବା ହେଲ୍ପଲାଇନ, ମହିଳା ହେଲ୍ପଲାଇନ ଇତ୍ୟାଦି ପ୍ରଦର୍ଶିତ ହେବ । କେନ୍ଦ୍ରର ସମସ୍ତ ଛାତ୍ର ଏବଂ କର୍ମଚାରୀଙ୍କ ପାଇଁ ନିରାପଦ ଏବଂ ପାନୀୟ ଜଳ ଉପଲବ୍ଧ ହେବ । ଆବଶ୍ୟକ ସ୍ଥଳେ ସିସିଟିଭି କ୍ୟାମେରା ସହିତ କୋଚିଂ ସେଣ୍ଟର ଫିଟ୍ ହୋଇପାରେ । ବେଳେବେଳେ ଏହା ସରକାରଙ୍କର ଦୃଷ୍ଟିଗୋଚର ହୋଇଛି ଯେ କେତେକ ଶିକ୍ଷାନୁଷ୍ଠାନ ଅଯଥା ଛାତ୍ରଛାତ୍ରୀମାନଙ୍କ ଉପରେ ପାଠର ବୋଝ ଲଦିଦେଇ ମାନସିକ ଚାପ ସୃଷ୍ଟି କରାଯାଉଛି । ଫଳରେ ଅକାଳରେ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା ଭଳି ଘୃଣ୍ୟ କାମ କରିବାକୁ ପଛାଉନାହାନ୍ତି। ତେଣୁ ଆଗାମୀ ଦିନରେ ଏ ସବୁ ଚାପ ସୃଷ୍ଟି ନକରିବା ପାଇଁ କେନ୍ଦ୍ର ସରକାର ଚେତାବନୀ ଦେଇଛନ୍ତି । ମାନସିକ ଭାରସାମ୍ୟର ସନ୍ତୁଳନ ରକ୍ଷା କରିବା ପାଇଁ କୋଚିଂ ସେଣ୍ଟରଗୁଡ଼ିଏ ସାପ୍ତାହିକ ଛୁଟି ଆଗୁଆ ଘୋଷଣା କରିବେ ଏବଂ ଛୁଟି ସମୟରେ କୌଣସି ମୂଲ୍ୟାଙ୍କନ-ପରୀକ୍ଷା କରିପାରିବେ ନାହିଁ। କେବଳ ପାଠ୍ୟ ଖସଡ଼ାରେ ଅନ୍ତର୍ଭୁକ୍ତ ବିଷୟ ଗୁଡ଼ିକ ଶିକ୍ଷା ନଦେଇ ବରଂ ପିଲାମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ଅନେକ ଗୁଡ଼ିଏ ଆଦର୍ଶବାଦ ଶିକ୍ଷା ଓ ନୈତିକ ଶିକ୍ଷା ଯଥା ଜୀବନ କୌଶଳ, ବୈଜ୍ଞାନିକ ସ୍ୱଭାବ ଏବଂ ପ୍ରମାଣ-ଆଧାରିତ ଚିନ୍ତାଧାରା; ସୃଜନଶୀଳତା ଏବଂ ଅଭିନବତା,ଫିଟନେସ୍ ଆଦି ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ସରକାର । ଅନୁଷ୍ଠାନରେ ନାମଲେଖା ପୂର୍ବରୁ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କର ଅଭିଭାବକ ମାନଙ୍କୁ କୋଚିଂ ସେଣ୍ଟରର ନିୟମ ସମ୍ପୂର୍ଣ୍ଣ ରୂପେ ଅବଗତ କରାଯିବ । ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷାଗତ ପରିବେଶ, ସାଂସ୍କୃତିକ ଜୀବନ,ବିଷୟରେ ସେମାନଙ୍କୁ ଶିକ୍ଷାଦାନ କରାଯାଇ ସଚେତନ କରାଯିବ । ଶିକ୍ଷାର୍ଥୀମାନଙ୍କର ଦକ୍ଷତା ବିକାଶ ପାଇଁ ନିୟମିତ ବ୍ୟବଧାନରେ ପରୀକ୍ଷା କରିପାରିବେ । ଏହାର ଫଳାଫଳକୁ କାର୍ଯ୍ୟ ଦକ୍ଷତାର ନିୟମିତ ବିଶ୍ଳେଷଣ ପାଇଁ ବ୍ୟବହୃତ କରାଯାଇପାରେ କିନ୍ତୁ ମୂଲ୍ୟାଙ୍କନ ପରୀକ୍ଷଣର ଫଳାଫଳକୁ ସାର୍ବଜନୀନ କରାଯିବ ନାହିଁ । ଯେଉଁମାନଙ୍କର ପରୀକ୍ଷାରେ ଆଶାନୁରୂପ ପ୍ରଦର୍ଶନ କରିପାରୁନାହାନ୍ତି ସେମାନଙ୍କୁ ପରାମର୍ଶ ଦେଇ ସେମାନଙ୍କର ମନୋବଳକୁ କିଭଳି ଭାବେ ଉତ୍ସାହିତ ହେବ ତାହା ଉପରେ ଗୁରୁତ୍ୱ ଦେବେ ସମ୍ପୃକ୍ତ ଅନୁଷ୍ଠାନ । ଏତଦବ୍ୟତୀତ କୋଚିଂ ସେଣ୍ଟର ତାର ନିଜର ବାର୍ଷିକ ଅର୍ଥ କାରବାରର ସମ୍ପୂର୍ଣ୍ଣ ବିବରଣୀ ରେକର୍ଡ କରିବେ । କୌଣସି ପରିସ୍ଥିତିରେ ସରକାରଙ୍କର ବିନା ଅନୁମତିରେ କୋଚିଂ ସେଣ୍ଟର ସ୍ଥାନାନ୍ତରିତ ହୋଇପାରିବ ନାହିଁ। ଯଦି କୌଣସି ସଂସ୍ଥା ଉପରୋକ୍ତ ମାର୍ଗଦର୍ଶିକାକୁ ଅବମାନନା କରେ ତେବେ ପ୍ରଥମଥର ଅବମାନନା ଲାଗି ଆର୍ଥିକ ଦଣ୍ଡ ବାବଦରେ ୨୫,୦୦୦ ଟଙ୍କା , ଦ୍ୱିତୀୟ ଥର ଅବମାନନା ଲାଗି ପୁର୍ନବାର ୧,୦୦,୦୦୦ ଟଙ୍କା ଏବଂ ତୃତୀୟ ଥର ଲାଗି ଏହାକୁ ଅବମାନନା କଲେ ସଂପୃକ୍ତ ସଂସ୍ଥାର ପଞ୍ଜିକରଣକୁ ରଦ୍ଦ କରିବା ପାଇଁ ନିଷ୍ପତି ନେଇଛନ୍ତି ଭାରତ ସରକାର । ଏହାର ସଫଳ ରୂପାୟନ ସଠିକ ଭାବେ ହୋଇ ପାରିଲେ କେନ୍ଦ୍ର ସରକାର ଜାରି କରିଥିବା ଏହି ମାର୍ଗଦର୍ଶିକା ନିଶ୍ଚିତ ରୂପେ ଛାତ୍ରଛାତ୍ରୀମାନଙ୍କୁ ଦୂରନ୍ତର ଦିଗବଳୟକୁ ଦୃଶ୍ୟମାନ କରାଇବ । ବାକି ସମୟ କହିବ ଏହାର ପୂର୍ଣ୍ଣାଙ୍ଗ ରୂପରେଖ କ'ଣ ହେଉଛି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ଆକାଶରେ ଗୋଟେ ଗାଈ



ସୁନନ୍ଦା ମହାନ୍ତି



ତାରା ଭର୍ତ୍ତି ଆକାଶକୁ ଦେଖି ସବୁଦିନ ପରି ଗୀତ ଗାଇବା ଶୁଭୁନି ଟୁକୁନାର । ଏତେବେଳକୁ ବୋଲୁଥାଆନ୍ତା, ଆକାଶରେ ଗୋଟେ ଗାଈ... ରାତିପାହିଲେ ଗୋଟେ ନାହିଁ । ପୁଣି କହୁଥାନ୍ତା ବୋଉ, ଉତ୍ତର ଦିଗରେ ସପ୍ତର୍ଷି ମଣ୍ଡଳର ଶେଷ ଋଷିଙ୍କ ନାମ କଣ କହିଲୁ ? ନକହି ପାରିଲେ କୁହନ୍ତା ଆଛା ତୁ ଉଲ୍‌କା ବିଷୟରେ କଣ ଜାଣିଛୁ ଟିକେ କହିଲୁ ବୋଉ ? ବୋଉ, ମାଧବୀ ଚିଡି ଉଠି କହନ୍ତେ ମତେ ଆଉ ପାଠ ପଢ଼ାନା ନିଜେ ଯାଇ ପଢ଼େ । ଆଜି ଏତେବେଳ ହେଲାଣି କୁଆଡେ ଗଲା ଏଯାଏଁ ? ସ୍କୁଲରେ ମଧ୍ୟାହ୍ନ ଭୋଜନରେ, ଆଜି କଣ ଛାଡ଼ଖାଇ ପାଇଁ କିଛି ଅଧିକା ଖାଇବାକୁ ମିଳିଲା ନା କଣ ? ? ଭାବୁ ଭାବୁ ମକରା ସଙ୍ଗେ କାନ୍ଦି କାନ୍ଦି ପୁଅ, ଟୁକୁନା ଆସୁଥିଲା । ବାପା ମକରା କହୁଥିଲା, ଦେଖ ତୋ ପୁଅ ଗୁଣମଣିକୁ । ରମଜାନ ମିଆଁ, ହଡ଼ା ଗାଈଟିକୁ ନେଲା ଯେ ଏଯାଏଁ ସବୁ ପଇସା ଦେଇନି, ସେଥିରେ ଆମ ପୁଅ ସରାଗାତ ଭାଙ୍ଗି ହଜାରେ ସାତଶହ ଟଙ୍କା ଦେଇ କହୁଛି ଆମ ଗାଈକୁ ଫେରାଇଦିଅ ମଉସା । ସେ କଣ ଆଉ ଗାଈ ରଖିଥିବ ? ଫେରାଇଦେବି କହି ପଇସା ସବୁ ନେବା ପୂର୍ବରୁ ମୁଁ ପହଞ୍ଚିଗଲି ବୋଲି ନହେଲେ ସରାଗାତ ପଇସା ସବୁ ରମଜାନ ଚାଚାକୁ ଦେଇ ତୁମ ପୁଅ ଫେରିଥାଆନ୍ତା ଖାଲି ହାତରେ । ବୋଉ ଟୁକୁନା ମୁଣ୍ଡ ଆଉଁସି କହିଲେ ଚାନ୍ଦ ପରା ବୁଢ଼ୀ ହୋଇଗଲାଣି ପୁଅ । ନା ସେ ଆଉ ଛୁଆ ଜନ୍ମ କରିବ ନା କ୍ଷୀର ଦେଇପାରିବ ? ତାକୁ ବିକି ସେହି ପଇସାରେ କିଛି ମିଶାଇ ଆଉ ଗୋଟେ କାଳୀ ଗାଈ ଆଣିଲେ ଘରକୁ ଶୁଭ ତଥା କାଳିଗାଈ କ୍ଷୀର ପୁଷ୍ଟିକର । ତୁ ନିଶ୍ଚୟ ପଢିଥିବୁ, ମୁଁ ମୁରୁଖ ଲୋକ ତୋଠୁ କଣ ବେଶୀ ଜାଣିଛି ? ଟୁକୁନା ଏଥର ଲୁହ ପୋଛି କହିଲା ତୁ ମୁରୁଖ ହେଲେ ବି ମୋ ବୋଉ । ତୁ ବୁଢ଼ୀ ହେଲେ ମୁଁ କଣ ତତେ ଛାଡ଼ି ଦେଇପାରିବି ବୋଉ ? ଚାନ୍ଦ ଏତେଦିନ ଆମ ଘରେ ରହିବା ଭିତରେ, ତା ସହିତ କେତେ ସୁଖ ଓ ଦୁଃଖ ଘଟଣା ଘଟିଛି । ଛୁଆ ଦିଏ । ଆଉଁସି ଦେବାକୁ ଅଳି କରେ । ନିଜ ବାଛୁରୀ କ୍ଷୀର ପିଉ ନପିଉ, ଆମକୁ କ୍ଷୀର ଦେଲାବେଳେ ପ୍ରତିବାଦ କରେନା । ଦୂରରୁ ଦେଖିଲେ ଚିହ୍ନିପାରି, ହମା ରଡି ଦେଉଥାଏ । ଏବେ ସେ କ୍ଷୀର ଦେଇପାରିବନି ହେଲେ ତା ଗୋବରରେ କମ୍ପୋଷ୍ଟ ଖତ ହେଉଥିଲା । ତାଛଡା ତା ଦୁଃଖ ସମୟରେ, ଆମେ ତାର ସେବା କରିବା ପରିବର୍ତ୍ତେ ତାକୁ ହାଣ ମୁହଁକୁ ଠେଲି ଦେବା ଉଚିତ କି ? କିଏ ଜାଣେ ସେ କୌଣସି ବନ୍ୟଜନ୍ତୁଙ୍କ ପାଇଁ ଖାଦ୍ୟ ହୋଇସାରିନଥିବ ? ଚମକି ପଡିଲେ ମାଧବୀ, ସତେତ ଏତେ କଥା ସେ ମନକୁ ଆଣିନଥିଲେ । ସତ କଥା ବଳ ବୟସ ଗଲା ପରେ ମଣିଷ ହୁଅନ୍ତୁ ପଶୁ ହୁଅନ୍ତୁ, ସେମାନଙ୍କର ଉପକାର ଭୁଲି ତାଙ୍କୁ ହତାଦର କରିବା ଉଚିତ୍ ନୁହେଁ ।

ତାରା ଭର୍ତ୍ତି ଆକାଶକୁ ଚାହିଁ ଚାନ୍ଦ କଥା ଭାବୁଥାଏ ଟୁକୁନା । ବୋଉ, ମାଧୁରୀ ଯାଇ ଡାକିଲେ- ପୁଅରେ ଭୁଲ୍ ହୋଇଗଲା । ଆଉ କେବେ ଏ ଭୁଲ୍ ହେବନି । ଏଥର ତ ଖାଇବୁ ଚାଲ । ଆଜି ଛାଡ଼ଖାଇ ପରା । ତୋ ପାଇଁ ଖାସି ମାଂସ ଆଣିଛନ୍ତି ବାପା । ଟୁକୁନା କହିଲା ବୋଉ, ମୋର ଏ ଖାସି ମାଂସ ଖାଇବା ଦରକାର ନାହିଁ । ଯୋଉ ଖାସି କଥା କହୁଛୁ ସେ ଛେଳିଟି ମଧ କାହାଘରେ କେତେ ଶ୍ରଦ୍ଧାରେ ବଢିଥିବ । ମଣିଷ ଉପରେ ପଶୁ ପକ୍ଷୀଙ୍କର ଏଇଥି ପାଇଁ ବିଶ୍ୱାସ ଓ ଭରସା ତୁଟି ଯାଉଛି । ତୁ ଜାଣିଛୁ ବୋଉ ? କଣ ପୁଅ ? ଟୁକୁନା କହିଚାଲିଥିଲା । ଗୋଟେ ବଣରେ ଗୋଟେ ବିରାଟ ବରଗଛ ଥିଲା । ସେଥିରେ ବହୁତ ପକ୍ଷୀ ବାସ କରୁଥିଲେ । ବହୁତ ଦିନ ଗୋଟେ ଜାଗାରେ ରହିବା ପରେ ସେ ସ୍ଥାନଟି ସବୁରି ନିଜର ହୋଇଯାଏ । ବର୍ଷା ଅଭାବରୁ ମରୁଡ଼ି ପଡ଼ିଲା । ପୁଣି ବରଗଛଟି ମଧ ଶୁଖିଯିବାକୁ ଲାଗିଲା । ସବୁ ପଶୁ ପକ୍ଷୀ ବରଗଛଟିକୁ ଛାଡ଼ି ଚାଲିଯାଇଥିଲେ ମଧ ଗୋଟେ ଶାଗୁଣା ଯାଇନଥିଲା । ଖାଦ୍ୟ ମିଳିବା କଷ୍ଟ ହୋଇପଡୁଥିଲା । ଗଛଟିର ଡାଳ ପତ୍ର ଶୁଖି ଉଇ ଧରି ଆସୁଥିଲା । କୋଉଦିନ ଗଛଟି ତଳେ ପଡ଼ିଯିବାର ସମ୍ଭାବନା ଦେଖି ଅନ୍ୟ ପଶୁ ପକ୍ଷୀମାନେ ଶାଗୁଣାକୁ ବହୁତ ବୁଝେଇଲେ ସେଠା ଛାଡ଼ି ଚାଲିଯିବାକୁ । ଶାଗୁଣା କଣ କହିଥିଲା ଜାଣିଛୁ ବୋଉ ? କଣ କହିଥିଲା ଶାଗୁଣା ପଚାରିଲେ ମାଧୁରୀ । ଟୁକୁନା କହି ଚାଲିଥାଏ, ଶାଗୁଣା କହିଲା ମତେ ମୋ ବାପା ମା' ଏହି ବରଗଛରେ ଜନ୍ମ କରି ଲାଳନ ପାଳନ କରି ମରିଯିବା ପରେ ଏହି ବରଗଛ, ମୋର ଖାଲି ଘର ନୁହେଁ ବରଂ ବାପା ଓ ମାଆ ଭଳି ତା ସୁଖ ଦୁଃଖ ଭିତରେ ମୁଁ ମୋ ସୁଖ ଦୁଃଖ ବାଣ୍ଟି ଆସିଛି ଏଯାଏଁ । ଖାଇ ପିଇ, ଉଡ଼ି ବୁଲି, ବଢିଛି । ଆଜି ତାର ଦୁଃଖ ଓ ଅସମୟରେ ତାକୁ ଛାଡ଼ି ଗଲେ ମୋର ପାପ ହେବ ନାହିଁ ?

ଶାଗୁଣାର ସମସ୍ତ କଥା, ସେଇ ବାଟଦେଇ ଯାଉଥିବା ଇନ୍ଦ୍ର ଦେବତା ଶୁଣିପାରି, ସେଠାକୁ ଆସି ସବୁକଥା ବୁଝିଲେ । ସବୁ ପଶୁ ପକ୍ଷୀ କହିଲେ ଇନ୍ଦ୍ର ଭଗବାନ, ବର୍ଷା ନହେବାରୁ, ଏ ଜଙ୍ଗଲରେ ମରୁଡ଼ି ହେବା ଫଳରେ ଏ ବରଗଛଟି ମରିବାକୁ ଯାଉଛି । ଆମେ ସମସ୍ତେ ଶାଗୁଣା ଭାଇକୁ ବୁଝାଉଥିଲୁ ଆମ ସଙ୍ଗେ ଅନ୍ୟତ୍ର ଆଉ କୋଉ ସବୁଜିମା ଭରା ଜଙ୍ଗଲକୁ ଚାଲିଗଲେ ଖାଦ୍ୟ ପାନୀୟ ଓ ଆଶ୍ରୟ ମିଳିଯିବ କିନ୍ତୁ ସେ ରାଜି ହେଉନାହାଁନ୍ତି । ଏଥର ଇନ୍ଦ୍ରଦେବ ଭଗବାନ, ଶାଗୁଣାକୁ କହିଲେ ଅନ୍ୟ ପଶୁ ପକ୍ଷୀମାନଙ୍କ ସଙ୍ଗେ ତୁମେ ଯାଉନାହଁ କାହିଁକି । ଶାଗୁଣା କହିଲା, ହେ ଭଗବାନ, ଏ ଗଛ ମୋର ଖାଲି ଆଶ୍ରୟ ଦାତା ନୁହଁନ୍ତି ବରଂ ମୋ ପିତା ମାତା ମରିଯିବା ପରେ ମୋ ଆଶ୍ରୟ ଦାତା, ଅର୍ଥାତ ମୋ ପିତା ମାତା ତୁଲ୍ୟ, ତାଙ୍କର ଆଜି ଅସମୟ ପଡିଛି ବୋଲି ତାଙ୍କୁ ଛାଡ଼ି ଚାଲିଗଲେ ମତେ କଣ କ୍ଷମା ମିଳିବ ନା ମିଳିବ ଆପଣଙ୍କ ଠାରୁ ଆଶୀର୍ବାଦ ? ଶାଗୁଣା କଥାରେ ଇନ୍ଦ୍ରଦେବ ଖୁସି ହୋଇ କହିଲେ ଆଛା ତୁମେ କଣ ମାଗୁଛ ମାଗ ମୁଁ ତୁମ ଉପରେ ପ୍ରସନ୍ନ ଅଟେ । ଶାଗୁଣା କହିଲା, ହେ ଭଗବାନ ମୋର କିଛି ଦରକାର ନାହିଁ ଖାଲି ଏଇ ବରଗଛଟି ଯଦି ବଞ୍ଚି ଯାଇପାରନ୍ତା, ମୁଁ ମୋ ପିତା ମାତା ତୁଲ୍ୟ ଗଛଟି ସହିତ ଅବଶିଷ୍ଟ ଜୀବନ କାଟି ଦେଇପାରନ୍ତି । ଇନ୍ଦ୍ର ତଥାସ୍ତୁ କହି ଚାଲିଗଲା ପରେ ଖୁବ୍ ବର୍ଷା ହେଲା । ବରଗଛରେ ପତ୍ର କଅଁଳିଲା, ଡ଼ାଳ ସତେଜ ଦେଖାଗଲା । ସବୁ ପଶୁ ପକ୍ଷୀ ପୁଣି ଫେରିଆସି କହିଲେ ଧନ୍ୟ ଶାଗୁଣା, ଧନ୍ୟ ତୁମେ । ତୁମର ଗୁରୁଜନ ଭକ୍ତି ଯୋଗୁଁ ଏସବୁ ସମ୍ଭବ ହୋଇପାରିଲା ।

ଶୁଣିଲୁ ତ ମାଆ । ଯାହା ସହ ଆମେ ଏତେ ଦିନ ରହିଥିବା, ସେ ଆମଠୁ ଦୂରେଇ ଗଲେ ବା ଆମେ ତାକୁ ଦୂରେଇ ଦେଲେ କେତେ କଷ୍ଟ ଓ ଅଧର୍ମ ହେବ । ମାଧୁରୀ ଆଖିରୁ ଲୁହ ପୋଛି ଦେଲା ବେଳକୁ, ମକରା ଚାନ୍ଦ ସହ ଫେରୁଛନ୍ତି ଘରକୁ । ଖୁସିରେ ଟୁକୁନା ଯାଇ ଚାନ୍ଦକୁ କେତେ ଗେଲ କରିପକେଇଲା । ଚାନ୍ଦ ମଧ ହମା ହମା କହି ଚାଟି ଲାଗିଥିଲା ଟୁକୁନାକୁ । ମକରା ଓ ମାଧୁରୀ କହୁଥିଲେ, ଟୁକୁନା ଆମର ଆମକୁ ବୁଦ୍ଧି ଶିଖେଇଲା । ସତରେ ଆଜିକାଲି ପୁଅମାନେ ବଡ଼ ହେଲା ପରେ ପିତା ମାତାଙ୍କୁ ଛାଡ଼ି ଚାଲିଯାଉଛନ୍ତି ବା ପିତା ମାତାଙ୍କୁ ସେମାନଙ୍କ ପାଖେ ରଖୁନାହାଁନ୍ତି, ଆମ ଟୁକୁନା ଜମା ସେମିତି କରିବନି । ଖୁସିରେ ଟୁକୁନା ଖାଇବାକୁ ଗଲା ବେଳେ ଆକାଶରେ ତାରା ଭର୍ତ୍ତି ହୋଇ ତାଙ୍କ ଭିତରେ କଥା ହେଉଥିଲେ, ଟୁକୁନା ଦିନେ ଭଲ ମଣିଷ ହେବ ।

ସତକୁ ସତ ଟୁକୁନା ଭଲ ମଣିଷ ହୋଇଥିଲା । କାହା ସହ କଳି କଜିଆ କରିବା, କାହା ମନରେ କଷ୍ଟ ଦେବାକୁ ସେ ଭଲ ପାଉନଥିଲା । ସମସ୍ତଙ୍କୁ ମଧୁର ବିନୟ ବଚନ କହିବା ସହ ଦୁଇ ପୁଅ ଝିଅଙ୍କୁ ମଧ ଶିକ୍ଷା ଦେଉଥିଲା ମଧୁର ବିନୟ ବଚନ କହି ତୋଷିବ ଜନ ମନ । ବାପା ବୋଉ ବୁଢା ବୁଢ଼ୀ ହୋଇ ଯାଇଥିଲେ ତେଣୁ ତାଙ୍କ ହାତ ଥରିବା, ହାତରୁ କିଛି ଜିନିଷ ଖସିପଡ଼ିବା, ମନେ ନରହିବା, ସବୁକଥା ଭୁଲିଯିବା, ଏସବୁ ଗୁଣ ଗଡ଼ିକ ବାହାରିବା ସ୍ୱାଭାବିକ ଭାବି ବାପା ମାଆଙ୍କୁ ଜବାବ ନଦେଇ, ସ୍ତ୍ରୀ ଓ ପୁଅ ଝିଅଙ୍କୁ ମଧ, ସେମାନଙ୍କୁ ବିରକ୍ତ ନହେବା ପାଇଁ ଶିକ୍ଷା ଦେଇଥାଏ । ମାଧୁରୀଙ୍କୁ ପ୍ରତିଦିନ ରାମାୟଣ, ମହାଭାରତ ଓ ଗୀତା ପଢି ଶୁଣାଇବା ସହ ବାପା ମକରାଙ୍କୁ ହାତ ଧରି, ଚଲାବୁଲା କରିବାକୁ ନିଏ ତଥା ଯୋଗ ବାୟାମ କିଛି କରିବାକୁ କୁହେ ଏବଂ ସେଥିରେ ସହାୟତା ଯୋଗାଇଥାଏ ।

ଦିନକର ଟୁକୁନା ଦେଖିଲା ତା ପୁଅ, ଶ୍ରବଣକୁମାରଙ୍କ ଭଳି ବାହୁଙ୍ଗି ତିଆରି କରୁଛି । ଟୁକୁନା ପଚାରିବାରୁ କହୁଥିଲା ସେ ଜେଜେ ଓ ଜେଜେମାଆଙ୍କୁ ତୀର୍ଥ ଦର୍ଶନ କରାଇବା ପାଇଁ, ଶ୍ରବଣକୁମାରଙ୍କ ଭଳି ବୋହିନେବ କାନ୍ଧରେ । ଲଜ୍ଜିତ ହେଲା ଟୁକୁନା । ବାପା ମାଆଙ୍କ ଆଶୀର୍ବାଦରୁ ଆଜି ସେ ଟୁକୁ ମାଷ୍ଟର । ଏଥର ଧାନକଟା ଛୁଟିରେ ସେ ବାପା ମାଆ ଓ ସ୍ତ୍ରୀ ପୁଅ ଝିଅଙ୍କ ସହିତ ଚାରିଧାମ ବୁଲିବାକୁ ଗଲାବେଳେ ଟୁକୁନାକୁ ତା ପୁଅ ପଚାରୁଥାଏ, ଶ୍ରବଣକୁମାର ତାଙ୍କ ପିତା ମାତାଙ୍କୁ କାହିଁକି ବାହୁଙ୍ଗିରେ ବୋହି ନେଇଥିଲେ ? ଆମେ ତ ବସ୍ ଓ ଟ୍ରେନ୍‌ରେ ବୁଲିପାରିଲେ । ଟୁକୁନା ବୁଝେଇଦେଇଥିଲା, ସେତେବେଳେ ରାସ୍ତା ଘାଟ ସୁବିଧା ନଥିଲା କି ଗମନାଗମନ ସୁବିଧା ନଥିଲା । ଜମିଦାର ଓ ରାଜା ମନ୍ତ୍ରୀମାନେ, ସବାରୀ, ପାଲିଙ୍କି, ହାତୀ, ଘୋଡା ଇତ୍ୟାଦିରେ ଯିବା ଆସିବା କରୁଥିଲେ, ଅନ୍ୟମାନେ ଚାଲି ଚାଲି ଯାଉଥିଲେ । ଶ୍ରବଣକୁମାରଙ୍କର ପିତୃଭକ୍ତି ଥିଲା ବୋଲି ସେ ବାହୁଙ୍ଗୀ ସାହାଯ୍ୟରେ ବୋହି, ଅନ୍ଧ ପିତା ମାତାଙ୍କୁ ତୀର୍ଥ ଦର୍ଶନ କରାଉଥିଲେ । ପୁଅ କହିଲା ବାପା ମୁଁ ବଡହେଲେ ତୁମମାନଙ୍କୁ ଉଡାଜାହାଜରେ ନେଇଯିବି । ହଉ ହଉ କହି ଟୁକୁ ସାର୍ ପୁଅର ମୁଣ୍ଡ ସାଉଁଳି ଦେଇ, ତାରା ଭର୍ତ୍ତି ଆକାଶକୁ ଚାହିଁ, ପିଲାଦିନ କଥା ମନେପକାଉ ଥିଲେ ।

*ସାକ୍ଷୀଗୋପାଳ, ପୁରୀ*
*ମୋ- ୯୦୪୦୯୭୭୩୨୭*



# ଆସିଗଲା ଦୋଳ ଯାତରା

**ନିରଞ୍ଜନ ସାହୁ**

ଦୋଳ ଯାତରା ଆରମ୍ଭ ହେଲା
ଫଗୁ ଦଶମୀ ଠାରୁ
ଦଶମ ଦୋଳ ଯାଏ ଚାଲିବ
ଯେ ଯେତେ ରଙ୍ଗ ମାରୁ
ବସନ୍ତ ରାସ ଉତ୍ସବ ଏହା
ଜାଣିଅଛନ୍ତି ସର୍ବେ
ଦୋଳ ଯାତରା ପାଳନ କରି
ଖୁସି ହୁଅନ୍ତି ଗର୍ବେ

ଫଗୁଣ ଶୁକ୍ଳ ପକ୍ଷ ଦଶମୀ
ତିଥିଟି ଯେବେ ପଡ଼େ
ଦୋଳ ଯାତରା ପାଳନ ହେବ
ଏକଥା ମନେ ଗଢ଼େ
ଦୋଳ ବିମାନେ ରାଧାକୃଷ୍ଣଙ୍କୁ
ବସାଇ ବେଶ କରି
ଚାଚେରୀ ବୁଲା ଆରମ୍ଭ ହୁଏ
ମନେ ଆନନ୍ଦ ଭରି

ସରଳବଣୀ ଖାଆନ୍ତି ଦିଅଁ
ଗୋପାଳ ଘରେ ଯାଇ
ପ୍ରଥମ ଭୋଗ ଗୋପାଳ ଘରେ
ଦିଅଁ ଥାଆନ୍ତି ଖାଇ
ଏହା ପରଠୁଁ ଚାଚେରୀ ଭୋଗ
ଖାଆନ୍ତି ବୁଲି ଘର
ବର୍ଷକେ ଥରେ ଦିଅଁ ଯାଆନ୍ତି
ଭୁଲି ଆପଣା ପର

ଭାଇଚାରାର ବନ୍ଧନର
ପର୍ବ ପାଳନ ହୁଏ
ହୋଲି ଖେଳିବା ପାଇଁ ଭକତ
ଅବିର ଆଣି ଥୁଏ

ଦୋଳ ପୂର୍ଣ୍ଣିମା ବାସି ଦିନରେ
ପାଳନ ହୁଏ ହୋଲି
ପିଚକାରୀ କେ' ମାରି ଦିଅଇ
କେ' ଦିଏ ଫଗୁ ବୋଳି
ଠାଆକୁ ଠାଆ ମେଳଣ ହୁଏ
ଉଠା ଦୋକାନ ବସେ
ନାନା ଦରବ କିଣାବିକାରେ
ସଭିଙ୍କ ମନ ରସେ

ଦୋଳ ବିମାନ ଆସନ୍ତି ତହିଁ
ହୋଇ ଧାଡ଼ିକି ଧାଡ଼ି
ଗୀତ ନାଚରେ ପଡ଼ିଆ କମ୍ପେ
ଗହଳି ଚଉପାଢ଼ୀ
ଦୋଳ ମଣ୍ଡପେ ଦୋଳି ଖେଳନ୍ତି
ଯେ ଦିଅଁ ଥାନପତି
ନୂଆ ପଞ୍ଜିକା ପଠନେ ଥାଏ
ଅବଧାନଙ୍କ ମତି

ଅବିର ଖେଳି ଖେଳନ୍ତି ଦୋଳି
ବିମାନେ ଗୋପୀନାଥ
କେଉଁକାଳରୁ ଅଛି ଏ ପ୍ରଥା
ଥିବ ବି ଦୋଳଯାତ
ଆସ ପାଳିବା ଦୋଳ ପରବ
ମନ କରିକି ଖୁସି
କୃତ୍ରିମ ରଙ୍ଗ ମାରିବା ନାହିଁ
କାଳେ କେ' ଯିବ ରୁଷି

ଦୋଳ ଯାତରା ଆଣୁ ଆନନ୍ଦ
ଏକଥା ଆଶା କରି
ହୋଲି ଖେଳିବା ଫଗୁ ବୋଳିବା
ମାରିବା ପିଚକାରୀ ।

*ନିହଲ ପ୍ରସାଦ, ଗଁଡିଆ ପାଟଣା, ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*



# ସୈନିକ ଟିଏ ମୁଁ ହେବି

**ସୁରମା ମିଶ୍ର**

ହେବିରେ ହେବି ମୁଁ ସୈନିକ ହେବି
ଦେଶ ମାତୃକାର ସେବା କରିବି
ମୋ ଦେଶ ସୀମାକୁ ଜଗି ରହିବି
ବଇରୀ ପୁରାଇ କେବେ ନ ଦେବି

ଯଦି ବଇରୀଟା ଆସିବ ପଶି
ବନ୍ଧୁକ ମୁନରେ ଦେବି ବିନାଶି
ମାଆ ପାଦ ଛୁଇଁ କରିଛି ପଣ
ଦେଶ ମାଆ ପାଇଁ ଦେବି ଜୀବନ

ମୋ ବୀରତ୍ୱେ କମ୍ପି ଉଠି ମୁଲକ
ଜୀବନ ମୋ କରି ଦେବ ସାର୍ଥକ
ଦେଶ ଅଖଣ୍ଡତା ରଖିବା ପାଇଁ
ସର୍ବଦା ସଂଗ୍ରାମ କରିବି ମୁହିଁ

ମାନିବିନି କିଛି ବାଧା ଓ ବିଘ୍ନ
ଦେଶ ପ୍ରେମେ ସଦା ରଖିବି ମନ
ଶାନ୍ତି ମୈତ୍ରୀ ଆଉ ପ୍ରଗତି ବାଣୀ
ମନେ ମନେ ହେଉଥିବି ମୁଁ ଗୁଣି

ଯେତେ ଝଡ଼ ଝଞ୍ଜା ଆସୁ ଜୀବନେ
ଲକ୍ଷ୍ୟ ପଥଟି ମୁଁ ରଖିବି ଧ୍ୟାନେ
ମୋ ଦେଶ ମାଆର ବନ୍ଦନା ଗାଇ
ନିଦ୍ରିତ ଜନଙ୍କୁ ଦେବି ଜଗାଇ

ହାତେ ଧରିଥିବି ତ୍ରିରଙ୍ଗା ମୋର
କେଉଁଥିକି ଆଉ ନଥିବ ଡର
ମନେ ସେ ଭରିବ ଶକ୍ତି ସାହସ
ଥକିବିନି ହୋଇବିନି ଅବଶ

ସର୍ବ ସଂହା ମୋର ଧରିତ୍ରୀ ମାଆ
ସଦା ମୋତେ ସିଏ ହୋଇବ ସାହା
କର୍ମ ପଥେ ମୁହିଁ ଆଗେଇ ଯିବି
ମୋ ମାଟି ମାଆର ମାନ ରଖିବି ।

*ବି ଏଲ-୩୯, ଭି ଏସ ଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ନାଆଁଟି ତାର ହୋଲି

**ଜଗଦୀଶ ସାହୁ**



ଫଗୁଣ ଶେଷେ ପରବ ଆସେ
ନାଆଁଟି ତାର ହୋଲି
ରଙ୍ଗ ଅବିର ଖେଳ ସୁନ୍ଦର
ହସଇ ପୁର ପଲ୍ଲୀ !
ହେଉ ସହର ଅବା ନଗର
ସଭିଏଁ ହୋଇ ମେଳ
ଏକ ମନରେ ହସ ଖୁସିରେ
ଖେଳନ୍ତି ହୋଲି ଖେଳ !
ଭାତ ଡାଲିରେ ମିଠା ପିଠାରେ
ଘର ମହକୁ ଥାଏ

କୁନି ପିଲାଙ୍କ ନୂଆ ପୋଷାକ
ମନକୁ ମୋହି ନିଏ !
ଦୋଳ ବିମାନ ପରେ ମୋହନ
ରାଇକୁ ସାଥେ ଧରି
ସଖାଙ୍କ ସଙ୍ଗେ ବିବିଧ ରଙ୍ଗେ
ଖେଳନ୍ତି ପିଚକାରୀ !
ଘରକୁ ଘର ସବୁ ଦୁଆର
ବୁଲନ୍ତି କୃଷ୍ଣ ରାଧା
ଭକତ ଜନ କରି ଦର୍ଶନ
କାଟନ୍ତି ଭବ ବାଧା !



*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*

# ଫଗୁଣ ଶେଷେ ଦୋଳ ମେଳଣ

**ପ୍ରଫୁଲ୍ଲ କୁମାର ସାହୁ**



ଫଗୁଣ ଶେଷେ ଦୋଳ ମେଳଣ
ଆସରେ ଦେଖି ଯିବା,
ଧାଡ଼ିକି ଧାଡ଼ି ବିମାନ ଆସେ
ଆହାକି ମନଲୋଭା । ୧

ନାଚନ୍ତି ରାଜା ନାଚନ୍ତି ରାଣୀ
ନାଚନ୍ତି ବୁଢ଼ା ବୁଢ଼ୀ,
ସଖୀ ନାଚନ୍ତି ଷଣ୍ଢ ନାଚନ୍ତି
ଲୋକେ ଖେଳନ୍ତି ବାଡ଼ି । ୨

ବାଜଇ ଢୋଲ ବାଜେ ମହୁରୀ
ଘଣ୍ଟ ଘଣ୍ଟାର ତାଳେ,
ଝୁଲି ଝୁଲିକା ଆସେ ବିମାନ
ଭକତଙ୍କର ମେଳେ । ୩

ଝାଞ୍ଜ ମୃଦଙ୍ଗ ବାଜୁଛି ଦେଖ
ଶୁଭଇ ହରିବୋଲ,
ନାନା ଜାତିର ଆଲୋକ ଜଳେ
ଦିଶଇ ଝଲ ମଲ । ୪

ଫୁଟୁଛି ନାନା ଜାତିର ବାଣ
ଆକାଶୁ ଖସେ ଝୁଲ,
ନାଲିଆ ନେଳି ହଳଦି ରଙ୍ଗ
ଜାତି ଜାତିର ଫୁଲ । ୫

ଦୀପର ଝାଡ଼ ରକେଟ ବାଣ
ଦେଖାନ୍ତି ତାଙ୍କ ଖେଳ,
ବରଷେ ଥରେ ଦୋଳ ମେଳଣ
ହସ ଖୁସିର ବେଳ । ୬

ଫଗୁଣ ଫଗୁ ଉଡ଼େ ପବନେ
ଦେହରେ ହୋଇ ବୋଳି,
କେତେ ସୁନ୍ଦର ଦିଶନ୍ତି ପିଲେ
ହୁଅନ୍ତି କୋଳାକୋଳି । ୭

*ଯଦୁ ମାଳତୀ କୃପା ନିବାସ, ଶକ୍ତିବିହାର/ବାଲିପଡ଼ା, ମାହାଙ୍ଗା, କଟକ -୭୫୪୨୦୭*
*ମୋବାଇଲ-୭୬୦୯୦୪୪୩୮୩*

# ସଜାଗେ ଖେଳିବା ହୋଲି

**ଡ. ଦୀପକ କୁମାର ମିଶ୍ର**



ଶୁଣ ସାଙ୍ଗମାନେ ରଙ୍ଗର ପର୍ବକୁ
ମିଶିକି ପାଳିବା ଆମେ
ଭୁଲିଯିବା ଜାତି ଧର୍ମ ଭେଦଭାବ
ସରାଗରେ ଧରା ଧାମେ

ଜୈବିକ ରଙ୍ଗକୁ ବ୍ୟବହାର କଲେ
ଦେହର ହେବନି କ୍ଷତି
ଆଖିରେ ଚଷମା ପିନ୍ଧିଥିବା ଗୋଟେ
ନଷ୍ଟ ହେବ ନାହିଁ ଜ୍ୟୋତି

ମୁଣ୍ଡର ସୁରକ୍ଷା କରିବାକୁ ହେଲେ
ଟୋପିଟିଏ ଆବଶ୍ୟକ
ପୁରୁଣା ଲୁଗାକୁ ପିନ୍ଧିବା ସେଦିନ
ଅସନାକୁ ନାହିଁ ଦକ

ସ୍ନେହ ଆଦରରେ ବୋଳିହେବା ରଙ୍ଗ
ରଖିବାନି ମନେ ଛଳ
ରସଗୋଲାଟିଏ ପାଟିରେ ପକାଇ
କାଟିଦେବା ଖୁସି ବେଳ

ନାଲି, ନେଳି, ଅଭ୍ର, ଗୋଲାପି ରଙ୍ଗରେ
ଦିଶୁଥିବା ଚକଚକ
ସତେ ଇନ୍ଦ୍ରଧନୁ ଆକାଶକୁ ଛାଡ଼ି
ଆସିଯିବ ଆମ ପାଖ

ରଙ୍ଗଖେଳ ପରେ ନଈକୁ ନଯାଇ
ଗାଧୋଇବା ଘରେ ବସି
ଛୋଟପିଲା ଆମେ ପହଁରା ଶିଖିନେ
କୁନି ପାଦ ଯିବ ଖସି

ସୁରକ୍ଷାର ସହ ଖେଳିବାରେ ଆମେ
ରଙ୍ଗ ମଉଛବ ହୋଲି
ମଉଜରେ ବୁଡ଼ି ହିତାହିତ ଜ୍ଞାନ
ଯିବାନିରେ କେବେ ଭୁଲି ।

*ଭୁବନେଶ୍ୱର*
*ମୋ- ୮୨୮୦୨୧୧୦୦୦*

# ଆସିଛି ଦୋଳ ପୁନେଇଁ

**ନଳିନୀ ଦାଶ**



ଥିରି ଥିରି ହୋଇ ମଳୟ ବହେ
ପିକ ଗାଏ ଗୀତ ଖରାଟି ସହେ
ଫଗୁଣ ଆସିଛି କାନରେ କହେ
ହସଖୁସି ଭରେ ପରାଣ ମୋହେ

ଫଗୁ ଖେଳି ଖେଳି ରାଧା ଗୋବିନ୍ଦ
ହୋଇଥାନ୍ତି ଆଜି ମହା ଆନନ୍ଦ
ଭୋଗ ଖାଇଥାନ୍ତି ସେ ପରମାନନ୍ଦ
ଝରାନ୍ତି ସଂସାରେ ସେ ମକରନ୍ଦ

ଝୁମୁରୁ ଝାଇଁ ଲୋ ଝୁମୁରୁ ଝାଇଁ
ଫଗୁଣେ ଆସିଛି ଦୋଳ ପୁନେଇଁ
ବିମାନରେ ବସି ଫଗୁରଙ୍ଗ ବୋଳି
ଆସୁଛନ୍ତି କୃଷ୍ଣ ରାଧିକା ମାଇଁ

ବାଜି ଉଠିଲାଣି ଘଣ୍ଟ କାହାଳୀ
କମ୍ପିଲା ହରିବୋଲ ହୁଳହୁଳି

ଗାଆଁଠୁ ସହର ପଡୁଛି ଉଛୁଳି
ଜହ୍ନ ଦେଇଅଛି ଜୋଛନା ଢାଳି

ଗଛରେ କଦମ୍ବ ଗଲାଣି ଫୁଟି
କଷି ଆମ୍ବ ବାସ ଆସୁଛି ଛୁଟି
ଦୁଆରେ ପଡ଼ିଛି ମୁରୁଜ ଝୋଟି
ଫୁଲର ପସରା ଦେଇଛି ଭେଟି

ବରଷକେ ଥରେ ଫଗୁ ଅବିରେ
ରଙ୍ଗେଇ ହୁଅନ୍ତି ସେ ମରତରେ
ଦେଇ ସ୍ନେହ ପ୍ରେମ ବାରତା ମହୀରେ
ଆନନ୍ଦ ଭରନ୍ତି ସବୁ ମନରେ ।

*ଭିକାରୀପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*

# ରାଗରେ ରାଗ

**ନୀଳମଣି ଚାନ୍ଦ**

କୁନାର ରାଗ
ଖେଳଣା ଫିଙ୍ଗାଫୋପଡ଼ାରୁ ଯେ ଜଣା
କୁନିର ରାଗ
ବହି ଚିରିବା ଭିଟା ଓଟରା ଟଣା

ହାତୀର ରାଗ
ଶୁଣ୍ଢରେ ଧରି ଗଛ ଉପାଡ଼ି ଦିଏ
ପବନ ରାଗ
ବତାସ ହୋଇ ଉଡ଼େଇ ସବୁ ନିଏ

ପିମ୍ପୁଡ଼ି ରାଗ
ଚୁଉଟ କରି କାମୁଡ଼ି ଦିଏ ସିନା

ନଈର ରାଗ
ବରଷା ଦିନ ବଢ଼ିରୁ ହୁଏ ଚିହ୍ନା

ସାପର ରାଗ
ଫଁ ଟି କରି ଟେକଇ ତା'ର ଫଣା
ଉଇର ରାଗ
ବହିପତର କାଟିକି କରେ କଣା

ରାଗରେ ରାଗ
ନୁହଁଇ ଭଲ ଅଶେଷ କ୍ଷତି କରେ
ରଖିଲେ ରାଗ
ନିଜର କ୍ଷତି ଦୁଃଖରେ ଦିନ ସରେ ।

*ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*



# ବାଇକ୍ ଦୁର୍ଘଟଣାରେ ଗୁରୁତର ଆହତ ହେଲେ କ୍ୟାମେରନ ବାନକ୍ରଫ୍ଟ



**ସିଡ୍ନୀ**

କ୍ରିକେଟ ପ୍ରଶଂସକଙ୍କ ସବୁଠାରୁ ବଡ଼ ପର୍ବ ଅର୍ଥାତ୍ ଆଇପିଏଲ ଆରମ୍ଭ ହେବାକୁ ଯାଉଛି । ତେବେ ବିଶ୍ୱର ଏହି ସବୁଠୁ ବଡ଼ କ୍ରିକେଟ ଲିଗ୍ ଆରମ୍ଭ ପୂର୍ବରୁ ଅନେକ ଖେଳାଳି ଆହତ ହେଉଛନ୍ତି । ଗତ ଏକ ମାସ ମଧ୍ୟରେ ତିନିଜଣ ଖେଳାଳି ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ପ୍ରଥମେ ଗୁଜରାଟ ଟାଇଟାନ୍ସ ଦ୍ୱାରା ବହୁ ମୂଲ୍ୟରେ କିଣାଯାଇଥିବା ଯୁବ ଭାରତୀୟ ଖେଳାଳି ରବିନ ମିଞ୍ଜ ଏକ ବାଇକ୍ ଦୁର୍ଘଟଣାରେ ଆହତ ହୋଇଥିଲେ । ତା'ପରେ ଶ୍ରୀଲଙ୍କାର ଲାହିରୁ ଥିରିମାନେ ଏକ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ ଏବଂ ବର୍ତ୍ତମାନ ବାଇକ୍ ଦୁର୍ଘଟଣାରେ ଅଷ୍ଟ୍ରେଲିଆର କ୍ୟାମେରନ ବାନକ୍ରଫ୍ଟ ଗୁରୁତର ଆହତ ହୋଇଛନ୍ତି । ଏହି କାରଣରୁ ସେ ଗୁରୁବାର ଠାରୁ ପର୍ଥର ଗ୍ରାଉଣ୍ଡରେ ତସ୍ମାନିଆ ବିପକ୍ଷରେ ଆରମ୍ଭ ହୋଇଥିବା ମାର୍ଶ ଶେଫିଲ୍ଡ ସିଲ୍ଡ ଫାଇନାଲରେ ଖେଳି ପାରିବେ ନାହିଁ । ବାଇକ୍ ଚଳାଇବା ସମୟରେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।

# ୨୪.୭୫ କୋଟି ଟଙ୍କାର ଖେଳାଳିଙ୍କ ହୋଶ୍ ଉଡ଼ାଇଲେ ରିଙ୍କୁ ସିଂ

**କୋଲକତା**

ଆଇପିଏଲ ୨୦୨୪ ଆରମ୍ଭ ପୂର୍ବରୁ ଦଳମାନେ ପଡ଼ିଆରେ ପ୍ରାକ୍ଟିସ୍ ଆରମ୍ଭ କରିଛନ୍ତି । କୋଲକାତା ନାଇଟ ରାଇଡର୍ସ (କେକେଆର୍) ନିକଟରେ ଏକ ୱାର୍ମ ଅପ୍ ମ୍ୟାଚ୍ ଖେଳିଥିଲା । ଏଠାରେ ଦଳରୁ ନିଆଯାଇଥିବା ଖେଳାଳିଙ୍କୁ ଟିମ୍ ପର୍ପଲ ଏବଂ ଟିମ୍ ଗୋଲ୍ଡରେ ବିଭକ୍ତ କରାଯାଇଥିଲା । ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ହାରିଯିବା ପରେ ଟିମ୍ ପର୍ପଲ ଦ୍ୱିତୀୟ ଅଭ୍ୟାସ ମ୍ୟାଚ୍‌ରେ ବିଜୟ ହାସଲ କରିବାରେ ସଫଳ ହୋଇଛି । ବ୍ୟାଟିଂରେ ରିଙ୍କୁ ସିଂ, ଫିଲ୍ ସଲ୍ଟ ଏବଂ ଭେଙ୍କଟେଶ୍ ଆୟର ମଧ୍ୟ ସହଯୋଗ କରିଥିଲେ ଏବଂ ଏହି ସମୟରେ ରିଙ୍କୁ ସିଂ ମଧ୍ୟ ହାତ ଖୋଲି ୨୪.୭୫ କୋଟି ଟଙ୍କାରେ ବିକ୍ରି ହୋଇଥିବା ବୋଲର ମିଚେଲ ଷ୍ଟାର୍କଙ୍କ ବଲରେ ଏକ ଫ୍ଲାଟ୍ ଛକା ମାରିଥିଲେ ।



ପ୍ରଥମେ ଖେଳି ଟିମ୍ ଗୋଲ୍ଡ ୧୮୯ ରନ ସଂଗ୍ରହ କରିଥିଲା । ଅନ୍ୟପକ୍ଷରେ ଯେତେବେଳେ ମିଚେଲ ଷ୍ଟାର୍କ ଟିମ୍ ପର୍ପଲ ପାଇଁ ବୋଲିଂ କରିବାକୁ ଆସିଥିଲେ, ସେତେବେଳେ ସେ ଜଣେ ୟର୍କର ବୋଲିଂ କରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ଏହା ଫୁଲ୍‌ଟସ ଥିଲା । ରିଙ୍କୁ ଏହାର ସୁଯୋଗ ନେଇ ଲେଗ୍ ସାଇଡ୍‌ରେ ଏକ ଫ୍ଲାଟ ଛକା ମାରିଥିଲେ ।

ମିଚେଲ ଷ୍ଟାର୍କ ୮ ବର୍ଷ ପରେ ଆଇପିଏଲକୁ ଫେରିଛନ୍ତି । କେକେଆର୍ ତାଙ୍କୁ ୨୪.୭୫ କୋଟି ଟଙ୍କାରେ କିଣିଛି ।

# ପୁଣି କ୍ରିକେଟ୍ ଜଗତକୁ କମବ୍ୟାକ୍ କଲେ ନବଜୋତ ସିଦ୍ଧୁ

**ନୂଆଦିଲ୍ଲୀ**



ହୋମ୍ ଗ୍ରାଉଣ୍ଡକୁ ଫେରିଲେ ସିଦ୍ଧୁ । ପୁଣି କ୍ରିକେଟ ଜଗତକୁ କମ୍‌ବ୍ୟାକ୍ କଲେ ନବଜୋତ ସିଦ୍ଧୁ । ଟିଭିରେ ପୁଣି ସିଦ୍ଧୁଙ୍କ ଶୁଣିବାକୁ ମିଳିବ ଡାଇଲଗ ଭରା କ୍ରିକେଟ କମେଣ୍ଟ୍ରି । ଇଣ୍ଡିଆନ ପ୍ରିମିୟର ଲିଗ୍‌ର ହିନ୍ଦୀ କମେଣ୍ଟ୍ରିକୁ ଫେରିଛନ୍ତି ନବଜୋତ ସିଦ୍ଧୁ ।

ଚଳିତ ସିଜିନର ଆଇପିଏଲରେ ହିନ୍ଦୀ କମେଣ୍ଟ୍ରିରେ ସିଦ୍ଧୁଙ୍କ ଦମ୍‌ଦାର ଲାଇଭ କମେଣ୍ଟ୍ରି ଶୁଣିବାକୁ ମିଳିବ । ପାଖାପାଖି ୧୦ ବର୍ଷ ପରେ କମେଣ୍ଟ୍ରିକୁ ଫେରିଛନ୍ତି ସିଦ୍ଧୁ । ତେବେ ରାଜନୀତିରେ ରହିବେ ନା ନାହିଁ ଏନେଇ କୌଣସି ସୂଚନା ଦେଇନାହାନ୍ତି ନବଜୋତ ସିଂ ସିଦ୍ଧୁ । କ୍ରିକେଟକୁ ଫାଷ୍ଟ ଲଭ୍ ବୋଲି କହିଛନ୍ତି ନବଜୋତ ସିଂ ସିଦ୍ଧୁ । ମାଛ ପାଇଁ ପାଣି ଯେପରି ମୋ ପାଇଁ କ୍ରିକେଟ ସେଭଳି ବୋଲି କହିଛନ୍ତି ସିଦ୍ଧୁ ।

୧୯୯୯ରୁ ୨୦୧୪ ପର୍ଯ୍ୟନ୍ତ କ୍ରିକେଟ କମେଣ୍ଟ୍ରି କରି ଆସୁଥିଲେ ସିଦ୍ଧୁ । ସିଦ୍ଧୁଙ୍କ ଏହି କମେଣ୍ଟ୍ରି ଲାଗି ପାଖାପାଖି ଦିନକୁ ୨୫ ଲକ୍ଷ ଟଙ୍କା ପାଉଣା ମିଳିବ । ତେବେ ଟଙ୍କା ତାଙ୍କ ପାଇଁ ସେତେ ଗୁରୁତ୍ୱପୂର୍ଣ୍ଣ ନାହିଁ ବୋଲି ପ୍ରକାଶ କରିଛନ୍ତି ସିଦ୍ଧୁ ।

# ବଦଳିବ କି ଆରସିବି ଭାଗ୍ୟ : କୋହଲି

**ନୂଆଦିଲ୍ଲୀ**

ନିକଟରେ ଆରସିବି ଏହାର ଅଫିସିଆଲ ୟୁଟ୍ୟୁବ ଚ୍ୟାନେଲରେ ଏକ ଅନବଦ୍ୟ ଇଭେଣ୍ଟ ଆୟୋଜନ କରିଥିଲା । ଏଥିରେ ବିରାଟ କୋହଲି, ଫାଫ୍ ଡୁ ପ୍ଲେସିସ ଏବଂ ମହିଳା ଆରସିବି ଦଳର ଅଧିନାୟକ ସ୍ମୃତି ମନ୍ଧନା ଦଳର ନୂତନ ଜର୍ସି ଲଞ୍ଚ କରିଥିଲେ । ଅନବଦ୍ୟ ଇଭେଣ୍ଟରେ ଆରସିବି ମଧ୍ୟ ଏହାର ନାମ ପରିବର୍ତ୍ତନ କରିବାକୁ ଘୋଷଣା କରିଛି ।

ୟୁଟ୍ୟୁବରେ ସିଧା ପ୍ରସାରିତ ଅନବଦ୍ୟ ଇଭେଣ୍ଟ ସମୟରେ ଘୋଷଣା କରାଯାଇଥିଲା ଯେ ବର୍ତ୍ତମାନ ଆରସିବିକୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବଦଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ରଖାଯିବ ।

ଭାରତ ସରକାର ନଭେମ୍ବର ୧, ୨୦୧୪ରେ ବାଙ୍ଗାଲୋର ସହରର ନାମ ବେଙ୍ଗାଲୁରୁରେ ପରିବର୍ତ୍ତନ କରିଥିଲେ । ଏହାକୁ ଧ୍ୟାନରେ ରଖି ଦଳ ପରିଚାଳନା ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି । ଏହି ନୂତନ ନାମ ବିରାଟ କୋହଲି, ଫାଫ ଡୁ ପ୍ଲେସିସ୍ ଏବଂ ସ୍ମୃତି ମନ୍ଧାନା ମଧ୍ୟ ଏକାଠି ଘୋଷଣା କରିଛନ୍ତି । କେବଳ ଏତିକି ନୁହେଁ, ଆରସିବିକୁ ଏକ ନୂଆ ଲୋଗୋ ମଧ୍ୟ ଦିଆଯାଇଛି, ଯାହା ପୂର୍ବ ଅପେକ୍ଷା ବହୁତ ଭଲ ଏବଂ ଆକର୍ଷଣୀୟ ଦେଖାଯାଏ ।

କିଛି ଦିନ ପୂର୍ବରୁ, ମହିଳା ଆରସିବି ଦଳ ସ୍ମୃତି ମନ୍ଧନାଙ୍କ ଅଧିନାୟକତ୍ୱରେ ଡବ୍ଲ୍ୟୁପିଏଲ୍ ୨୦୨୪ ଟାଇଟଲ ଜିତିଥିଲେ । ସେମାନେ ଫାଇନାଲ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୮ ୱିକେଟରେ ପରାସ୍ତ କରି ଟ୍ରଫିକୁ କବଜା କରିଥିଲେ । ବର୍ତ୍ତମାନ ଆଇପିଏଲ ୨୦୨୪ ଆରମ୍ଭ ପୂର୍ବରୁ ବିରାଟ କୋହଲି କହିଛନ୍ତି, ଯେହେତୁ ସମସ୍ତେ ଜାଣନ୍ତି ଯେ ଯେତେବେଳେ ବି ଆରସିବି ପ୍ରଥମ ଥର ପାଇଁ ଟାଇଟଲ ଜିତିବ, ମୁଁ ଏହି ଟିମ୍‌ର ଅଂଶ ହେବି । ଏହି ଫ୍ରାଞ୍ଚାଇଜକୁ ଋଣିଅନ କରିବା ପାଇଁ ମୁଁ ଚେଷ୍ଟା କରିବି । ମୁଁ ମଧ୍ୟ ଏକ ସ୍ୱପ୍ନ ଅଛି ଯେ, ମୁଁ ଆଇପିଏଲ ଟ୍ରଫି ଜିତିବାର ଭାବନା ଅନୁଭବ କରିପାରିବି । ଆଶା କରୁଛି ଏଥର ଆମେ ତାହା କରିପାରିବୁ ।



# ସୁସ୍ଥ ହେବା ପରେ ମଧ୍ୟ କାହିଁକି ମ୍ୟାଚ୍ ଖେଳିନଥିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ ମହାସମର ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ସବୁ ଦଳର ଖେଳାଳିମାନେ ଏଥିପାଇଁ ଜୋରଦାର ପ୍ରସ୍ତୁତି କରୁଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା ବି ଏହି ତାଲିକାରେ ସାମିଲ ଅଛନ୍ତି । ହାର୍ଦ୍ଦିକ ବିଶ୍ୱକପ ଖେଳିବା ବେଳେ ଆହତ କାରଣରୁ ଅନେକ ଦିନ ଧରି ଭାରତୀୟ ଦଳରୁ ବାହାରେ ରହିଛନ୍ତି । ହେଲେ ଏବେ ହାର୍ଦ୍ଦିକ ଆଇପିଏଲ ଖେଳିବାକୁ ପୁରା ପ୍ରସ୍ତୁତ । ପାଣ୍ଡ୍ୟା କହିଛନ୍ତି ଯେ ସେ ପୁରା ଫିଟ୍ ଅଛନ୍ତି । କିଛି କାରଣବଶତଃ ଭାରତୀୟ ଦଳରେ ଖେଳୁନାହାନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି ବିଶ୍ୱକପ ସମୟରେ ମୁଁ ବୋଲିଂ କରିବା ବେଳେ ଆହତ ହୋଇଥିଲି । ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ନଥିଲା, ପୂର୍ବ ଆଘାତ ଭଳି ମଧ୍ୟ ନଥିଲା, ମୋର ଫିଟ୍‌ନେସ୍ ଉପରେ ମଧ୍ୟ କୌଣସି ପ୍ରଭାବ ପଡିନଥିଲା । ଯେତେବେଳେ ମୁଁ ଫିଟ୍ ହେଉଥିଲି ସେହି ସମୟରେ ଜାନୁଆରୀରେ ଆଫଗାନିସ୍ତାନ ବିପକ୍ଷରେ ଟି-୨୦ ସିରିଜ ହେଉଥିଲା । ସମ୍ପୂର୍ଣ୍ଣ ଫିଟ୍ ହେବା ପରେ ଭାରତୀୟ ଦଳର କୌଣସି ମ୍ୟାଚ୍ ନଥିଲା । ଏହି କାରଣରୁ ମୁଁ ମ୍ୟାଚ ଖେଳିପାରିଲି ନାହିଁ । ଆଇପିଏଲରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ଚମତ୍କାର ରହିଥାଏ । ସେ ଗତ ୨ବର୍ଷ ହେଲା ଗୁଜୁରାଟ ଟାଇଟନ୍ସର କ୍ୟାପଟେନ ଥିବା ବେଳେ ଦଳକୁ ଶୀର୍ଷରେ ପହଞ୍ଚାଇଥିଲେ ।

# କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେଲେ ସର୍ଫରାଜ ଓ ଜୁରେଲ

**ନୂଆଦିଲ୍ଲୀ**



ବିସିସିଆଇର ଆପେକ୍ସ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଧ୍ରୁବ ଜୁରେଲ ଓ ସର୍ଫରାଜ ଖାନଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରାଯାଇଛି । ଉଭୟ ଖେଳାଳିଙ୍କୁ ସି ଗ୍ରେଡ୍‌ରେ ସାମିଲ କରାଯାଇଛି । ପୂର୍ବରୁ ଘୋଷଣା କରାଯାଇଥିବା କେନ୍ଦ୍ରୀୟ ଚୁକ୍ତିରେ ଉଭୟ ଖେଳାଳିଙ୍କ ନାମ ନ ଥିଲା । ତେବେ ଗୋଟିଏ ସିଜନରେ ୩ ଟେଷ୍ଟ ଖେଳିବା ପରେ ଉଭୟ ଖେଳାଳି କେନ୍ଦ୍ରୀୟ ଚୁକ୍ତିରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ସେହିପରି ରଣଜୀ ଟ୍ରଫିର କାର୍ଯ୍ୟସୂଚୀକୁ ନେଇ ମଧ୍ୟ ଏକ ବଡ଼ ଘୋଷଣା ସାମ୍ନାକୁ ଆସିଛି । ଆସନ୍ତା ରଣଜୀ ଟ୍ରଫି କ୍ୟାଲେଣ୍ଡରରେ ଶୀତ ଋତୁରେ ଉତ୍ତର ଭାରତରେ କୌଣସି ମ୍ୟାଚ୍ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଡିସେମ୍ବର ଓ ଜାନୁଆରୀରେ ଉତ୍ତର ଭାରତରେ ପ୍ରବଳ କୁହୁଡ଼ି ପଡ଼ିଥାଏ । ଫଳରେ ଖରାପ ଆଲୋକ କାରଣରୁ ଏକାଧିକ ମ୍ୟାଚ୍‌ର ଫଳାଫଳ ପ୍ରଭାବିତ ହୋଇଥାଏ । ଦିଲ୍ଲୀ, ଚଣ୍ଡୀଗଡ, କାନପୁର, ମୀରଟ, ଜମ୍ମୁ, ଧର୍ମଶାଳାରେ ଖେଳା ଯାଇଥିବା ମ୍ୟାଚ୍‌ଗୁଡ଼ିକ ଘନ କୁହୁଡ଼ି କାରଣରୁ ପ୍ରଭାବିତ ହୋଇଥିଲା । ତେଣୁ ଉତ୍ତର ଭାରତରେ ରଣଜୀ ଟ୍ରଫି ମ୍ୟାଚ୍ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ଓଡ଼ିଶାରେ ମିଳିବ ବିଶ୍ୱସ୍ତରୀୟ କ୍ରିକେଟ କୋଚିଂ : ରବି ଶାସ୍ତ୍ରୀଙ୍କ କ୍ରିକେଟ ଏକାଡେମୀ ସହ ଏମ୍‌ଜିଏମ ସ୍କୁଲ ଅଫ ସ୍ପୋର୍ଟସ୍‌ର ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର**

ଏବେ ଦେଶର ସ୍ପୋର୍ଟସ ହବ୍ ପାଲଟିଛି ଓଡ଼ିଶା । ହକି ତଥା ଅନ୍ୟାନ୍ୟ କ୍ରୀଡ଼ା ସହ ଏବେ ରାଜ୍ୟରେ କ୍ରିକେଟର ବିକାଶ ହେଉଛି । ଏହାକୁ ଆଉ ଏକ ପାଦ ଆଗକୁ ନେଇଛି ଏମ୍‌ଜିଏମ ସ୍କୁଲ ଅଫ ସ୍ପୋର୍ଟସ । ରାଜ୍ୟରେ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ସୃଷ୍ଟି କରିବା ପାଇଁ ଏମ୍‌ଜିଏମ ସ୍କୁଲ ଅଫ ସ୍ପୋର୍ଟସ ଭାରତର ପୂର୍ବତନ ସ୍ୱନାମଧନ୍ୟ ଅନ୍ତର୍ଜାତୀୟ ଖେଳାଳି ତଥା ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ, କ୍ରିକେଟ ଟିମ୍‌ର କୋଚ୍ ବି ଅରୁଣ ଏବଂ ଆର.ଶ୍ରୀଧରଙ୍କ ଦ୍ୱାରା ସ୍ଥାପିତ ଭାରତର ପ୍ରମୁଖ କ୍ରିକେଟ କୋଚିଂ ପ୍ରତିଷ୍ଠାନ କୋଚିଂ ବିୟଣ୍ଡ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି ।




ଭୁବନେଶ୍ୱରଠାରୁ ୩୦ କିଲୋମିଟର କଟକ ସହର ନିକଟ କପୁରସିଂ, ଗୁରୁଡିଝାଟିଆଠାରେ ଏମ୍‌ଜିଏମ ସ୍କୁଲ ଅଫ ସ୍ପୋର୍ଟସ ନାମରେ ଅତ୍ୟାଧୁନିକ ହାଇ ପରଫରମାନ୍ସ କ୍ରିକେଟ ଏକାଡେମୀ ସ୍ଥାପନ କରାଯାଇଛି । ଏହି ଆବାସିକ ଏକାଡେମୀ ଏମ୍‌ଜିଏମ ଗ୍ରୁପ୍, ଓଡ଼ିଶାର କମ୍ପାନୀ ଏମ୍‌ଜିଏମ ମିନେରାଲ୍ସ ଲିମିଟେଡର ଏକ ସମ୍ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ ସଂସ୍ଥା ।

ପୂର୍ବତନ ଭାରତୀୟ ଟେଷ୍ଟ କ୍ରିକେଟ ତାରକା ଏସ.ଏଲ.ଭେଙ୍କଟପତି ରାଜୁ ଏହି ଏକାଡେମୀରେ କନ୍‌ସଲଟାଣ୍ଟ କୋଚ୍ ଭାବରେ ବୋଲିଂ ତାଲିମ ପ୍ରଦାନ କରିବେ । ରାଜ୍ୟରେ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ସୃଷ୍ଟି ପାଇଁ ଏହା ସହାୟକ ହେବ ।

ପ୍ରଥମେ ୫୦ ଜଣ କ୍ରିକେଟ ଖେଳାଳିଙ୍କ ବାଳକ ଏବଂ ପୁରୁଷ ବିଭାଗରେ ଚୟନ କରାଯାଇ କ୍ରିକେଟ ତାଲିମ ରିହାତି ଦରରେ ପ୍ରଦାନ କରାଯିବ । ଏହା ଓଡ଼ିଶାର କ୍ରିକେଟ ଜଗତରେ ନିଶ୍ଚୟ ନୂଆ ଇତିହାସ ସୃଷ୍ଟି କରିବା ସହ ନୂତନ କ୍ରିକେଟ ଖେଳାଳୀଙ୍କ ଆଶା ଏବଂ ବିଶ୍ୱାସରେ ଏହା ସକାରାତ୍ମକ ଅଭିବୃଦ୍ଧି ଆଣିବାରେ ସହାୟକ ହେବ ବୋଲି ଏମ୍‌ଜିଏମ ମିନେରାଲ୍ସ ଲିମିଟେଡର ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି ଆଶା ପ୍ରକାଶ କରିଛନ୍ତି ।

ଏହି ଏକାଡେମୀରେ ଆବାସିକ ସୁବିଧା, ଆନ୍ତର୍ଜାତିକ ମାନର କ୍ରିକେଟ ପଡିଆ, ଟର୍ଫ, ଆଷ୍ଟ୍ରୋଟର୍ଫ ଏବଂ ମ୍ୟାଟିଂ ପିଚ୍, ଛଅ ଲେନ ଇନ୍‌ଡୋର ଏରିନା, ସମସ୍ତ ସାଜସରଞ୍ଜାମ ଥିବା ଜିମ୍‌ନାସିୟମ, ସ୍ୱିମିଂ ପୁଲ୍, ଫିଜିଓଥେରାପି ଏବଂ ରିକଭରୀ ସେଣ୍ଟର, ମୋଟିଭେସନ ହଲ୍, ପୁନର୍ବାସ କେନ୍ଦ୍ର, ବିଚ୍ ଭଲିବଲ କୋର୍ଟ, ବାସ୍କେଟବଲ କୋର୍ଟ ଆଦି ଅତ୍ୟାଧୁନିକ ଭିତ୍ତିଭୂମି ରହିଛି । ଏଠାରେ ଉଦୀୟମାନ ଏବଂ ଯୁବ କ୍ରିକେଟିୟର ମାନଙ୍କ ଅନ୍ତର୍ଜାତୀୟ ସ୍ତରର ସମସ୍ତ ତାଲିମ ପ୍ରଦାନ କରାଯିବ ।

# ଚିଙ୍ଗୁଡିଆ ମୁହଁ ସେତୁ ନିର୍ମାଣକୁ ନେଇ ଜନ ଅସନ୍ତୋଷ, ଗଣ ଆନ୍ଦୋଳନ ଦାନା ବାନ୍ଧୁଛି

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଚିଙ୍ଗୁଡିଆ ମୁହଁ ସେତୁ ନିର୍ମାଣକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରତିବାଦ ସ୍ୱରୂପ ଆଗାମୀ ଦିନରେ ଏହି ସେତୁକୁ ନେଇ ଗଣ ଆନ୍ଦୋଳନ ଦାନା ବାନ୍ଧିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବଳିଷ୍ଠ ନେତୃତ୍ୱରେ ଚିଙ୍ଗୁଡିଆ ମୁହଁ ସେତୁ ନିର୍ମାଣ ନିମନ୍ତେ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏହି ସେତୁ ନିମନ୍ତେ ଶିଳାନ୍ୟାସ କରିଥିଲେ । ସ୍ଥାନୀୟ ପାଟନାଳୀ ଉପରେ ନିର୍ମିତ ଏହି ସେତୁ ପୂର୍ଣ୍ଣାଙ୍ଗ ହେଲେ ଏହା ସୁକରପଡା ଓ ବାଲିଆଚକା ମଧ୍ୟରେ ସଂଯୋଗ ହୋଇପାରିବ । ଏହା ଦ୍ୱାରା ଉଭୟ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର ଶହ ଶହ ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକେ ଗମନା ଗମନ କ୍ଷେତ୍ରରେ ବହୁ ଉପକୃତ ହେବେ । କିନ୍ତୁ ଠିକା କାର୍ଯ୍ୟ ନେଇଥିବା ଠିକାଦାର ଅଟକଳ ଅନୁଯାଇ ଏହି ସେତୁ ନିର୍ମାଣ କାର୍ଯ୍ୟ କରୁନଥିବାର ଅଭିଯୋଗ ହୋଇଛି । ଏପରିକି ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା କାରଣରୁ ସେତୁର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ଠିକାଦାର ସେତୁ ନିର୍ମାଣ କରୁଥିଲେ ମଧ୍ୟ ଲୋକଙ୍କ ଗମନା ଗମନ ନିମନ୍ତେ କୌଣସି ରାସ୍ତା ନିର୍ମାଣ କରିନଥିବା କାରଣରୁ ଲୋକେ ଗମନା ଗମନ କ୍ଷେତ୍ରରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି । ଠିକାଦାର ସ୍ଥାନୀୟ ଅଞ୍ଚଳର ଦଳିତ ଯୁବକ ପ୍ରଶାନ୍ତ କୁମାର ବେହେରାଙ୍କ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିକୁ ଜବରଦଖଲ କରି ସେତୁ ନିର୍ମାଣ କରୁଥିବାର ଶ୍ରୀବେହେରା ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ଶ୍ରୀବେହେରା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଶ୍ରୀ ବେହେରା ଅଭିଯୋଗ କରିଛନ୍ତି । ଠିକାଦାର ମନମୁଖୀ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ତଦାରଖ କରୁନଥିବାର ଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ସାଧାରଣରେ ପୁଞ୍ଜିଭୂତ ଅସନ୍ତୋଷ ଗଣ ଆନ୍ଦୋଳନର ରୂପନେବାକୁ ବସିଛି । ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଭିତିରି ସମ୍ପର୍କକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଠିକାଦାର ପ୍ରତି ବିଭାଗୀୟ ଅଧିକାରୀ କଣ ପାଇଁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି ତାହା ନେଇ ସନ୍ଦେହ ପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କିବବେ ବୋଲି ଚରମ ଚେତାବନୀ ଦେଇଛନ୍ତି । ଏସମ୍ପର୍କରେ ଆମପ୍ରତିନିଧି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରିକାର୍ଯ୍ୟାନୁଷ୍ଠାନ ଗ୍ରହଣକରିବେ ବୋଲି ମତବ୍ୟକ୍ତ କରିଥିଲେ ।



# ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ସମ୍ବନ୍ଧୀୟ ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ମିଳନୀ

**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଦ୍ୱାରା ଏକ ଦ୍ୱି-ଦିବସୀୟ ଆନ୍ତର୍ଜାତିକ ସମ୍ମିଳନୀ ଆର୍‌ଟିପିଏ ଏଏମ- ୨୦୨୪ 'ଉନ୍ନତ ସାମଗ୍ରୀର ପ୍ରୟୋଗ ଉପରେ ସାମ୍ପ୍ରତିକ ଧାରାନ୍ତ ପ୍ରସଙ୍ଗକୁ ନେଇ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି । ବିଶ୍ୱବିଦ୍ୟାଳୟ ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ତଥା ଡକ୍ଟର ଯତୀନ୍ଦ୍ର ସିଂ ଚୌଧୁରୀ, ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ, ଡକ୍ଟର ମନୀଷ କୁମାର ପ୍ରମୁଖ ସଂସାଧକ ଭାବେ ଯୋଗ ଦେଇଥିଲେ । ଏଥିସହ ପ୍ରଫେସର ଜିଇଜେ ପଏନର୍ନ (ଅଷ୍ଟ୍ରେଲିଆ), ପ୍ରଫେସର କୁଙ୍ଗ-ହୋ ପର୍କ (ସାଉଥ କୋରିଆ), ପ୍ରଫେସର ରାଜେଶ କୁମାର ଜ୍ୟୋତି (ଅଷ୍ଟ୍ରେଲିଆ), ପ୍ରଫେସର ଜନାର୍ଦ୍ଦନ ରେଡ଼ି କେ ପ୍ରମୁଖ ଆଭାସୀ ମାଧ୍ୟମରେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ । ବିଶ୍ୱର ବିଭିନ୍ନ ସ୍ଥାନରେ ରସାୟନ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବହୁ ପ୍ରାଧ୍ୟାପକ, ଶିକ୍ଷାବିତ୍ ତଥା ୧୪୦ ରୁ ଅଧିକ ଅଂଶଗ୍ରହଣକାରୀ, ବୈଜ୍ଞାନିକ, ଅନୁସନ୍ଧାନକାରୀ, ଗବେଷକ ଏବଂ ବିଦ୍ୱାନମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଉନ୍ନତ ସାମଗ୍ରୀ ଅନୁସନ୍ଧାନରେ ଯେପରିକି ନାନୋ-ସାମଗ୍ରୀ, ଯୌଗିକ ସାମଗ୍ରୀ, ଜୈବ ପଦାର୍ଥ ଏବଂ ଅନ୍ୟାନ୍ୟ ଉନ୍ନତ ସାମଗ୍ରୀ ସଂପର୍କିତ ଗବେଷଣାରେ ଜଡିତ ବିଶେଷଜ୍ଞଗଣ ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ସମ୍ମିଳନୀରେ ବିଭିନ୍ନ ଦେଶରୁ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ଭାରତ, ଦକ୍ଷିଣ କୋରିଆ, ଅଷ୍ଟ୍ରେଲିଆ, ଜାପାନ, ଦକ୍ଷିଣ ଆଫ୍ରିକା ଇତ୍ୟାଦି ଓ ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଯଥା କ୍ୱାଙ୍ଗୟୁନ୍ ୟୁନିଭରସିଟି, ଏସ୍ କୋରିଆ, ଅକିତା ବିଶ୍ୱବିଦ୍ୟାଳୟ, ଜାପାନ, ସି ଏସ ଆଇ ଆର- ଭାରତ, ସି ଏସ ଆଇ ଆର ଓ, ଅଷ୍ଟ୍ରେଲିଆ, କିଗାମ, ଏସ୍ କୋରିଆ, ନାଇଜର, ଭାରତ, ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସ, ଭାରତ, ଇଣ୍ଡଷ୍ଟ୍ରି ଭଳି ଷ୍ଟାର୍ଟ ଅପ୍ ଅନୁଷ୍ଠାନର ବ୍ୟକ୍ତିବିଶେଷ ପ୍ରତିନିଧିତ୍ୱ କରିଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟ, ଭାରତ, ସୋମିକା, ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ, ଏସ୍ ଆଫ୍ରିକା, ଇମାମି ପ୍ରାଇଭେଟ ଲିମିଟେଡ, ବାଲେଶ୍ୱର ଏଲୋୟଜ ଲିମିଟେଡ ଓଡ଼ିଶା, ଭାରତ, ସିଚର୍ନ ଟେକ୍ନୋ ହେଲଥ୍ ପ୍ରାଇଭେଟ ଲିମିଟେଡ, ଫକୀରମୋହନ ବିଶ୍ୱବିଦ୍ୟାଳୟ- ଟି ବି ଆଇ ତଥା ଅନ୍ୟ ଷ୍ଟାର୍ଟ ଅପ୍ କମ୍ପାନୀ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ଏଥିରେ ଅଂଶଗ୍ରହଣ କରିଛନ୍ତି । ଏହି ସମ୍ମିଳନୀକୁ ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ତଥା ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାରହି ସଂଯୋଜନା କରିଥିଲେ । ଡକ୍ଟର ତ୍ରିଲୋଚନ ସ୍ୱାଇଁ ଉଦ୍‌ଘାଟନୀ ଉଦ୍‌ବୋଧନ ଦେଇଥିଲେ ଓ ପ୍ରଫେସର ତଥା ସଂଗଠକ ସଚିବ, ପ୍ରଫେସର ପଙ୍କଜ କୁମାର ପାରହି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ପ୍ରତିନିଧି ତଥା ଭର୍ଚ୍ୟୁଆଲ୍ ମୋଡ୍ ଉପରେ ବିଦେଶରୁ ଯୋଗଦେଇଥିବା ସମସ୍ତ ରିସୋର୍ସ ବ୍ୟକ୍ତିବିଶେଷଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ସଂସାଧକ ବ୍ୟକ୍ତିବିଶେଷ ମାନେ ରସାୟନ ବିଜ୍ଞାନ ସଂପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗମାନ ସଂପର୍କରେ ଆଲୋକପାତ କରିଥିଲେ । ଏହାସହ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସମସ୍ତ ଆମନ୍ତ୍ରିତ ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରି ରସାୟନ ବିଜ୍ଞାନର ବୈଷୟିକ ଉଦ୍ଭାବନ ଏବଂ ସମାଜ ଉପରେ ଏହାର ପ୍ରଭାବ ପାଇଁ ସ୍ମାର୍ଟ ସାମଗ୍ରୀର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ମୂଖ୍ୟତଃ ବାଲେଶ୍ୱର ଆଖପାଖର ପାନୀୟଜଳରେ ଫ୍ଲୋରାଇଡ ଯୁକ୍ତ ହୋଇଥିବା ଯୋଗୁଁ ଲୋକମାନେ ଏହାର ବ୍ୟବହାର ହେତୁ ଅନେକ ରୋଗରେ ପୀଡ଼ିତ ହେଉଛନ୍ତି । ଏଣୁ ରସାୟନ ବିଜ୍ଞାନର ଗବେଷକ ମାନେ ଏହାର ନିରାକରଣ ଦିଗରେ ପଦକ୍ଷେପ ନେଲେ ସମାଜ ଉପକୃତ ହୋଇପାରିବ ବୋଲି ନିଜ ଉଦବୋଧନରେ ଉଲ୍ଲେଖ କରିଥିଲେ । ଉଦ୍‌ଘାଟନୀ ବୈଠକରେ ସହକାରୀ ପ୍ରଫେସର ଡକ୍ଟର ଜୟକୃଷ୍ଣ ଦାସ, ସହକାରୀ ପ୍ରଫେସର ଦୀପଂକର ଜେନା, ସହକାରୀ ପ୍ରଫେସର ଡକ୍ଟର ସୁରେନ୍ଦ୍ର ହାଁସଦା, ସହକାରୀ ପ୍ରଫେସର ଅଞ୍ଜନ କୁମାର ବେଜ କାର୍ଯ୍ୟକ୍ରମ ସଞ୍ଚାଳନରେ ସହାୟତା କରିଥିଲେ । ରାସାୟନିକ ବିଜ୍ଞାନ ଏବଂ ଅନ୍ୟାନ୍ୟ ସହଯୋଗୀ ପଦାର୍ଥ ବିଜ୍ଞାନ ଅନୁସନ୍ଧାନ କ୍ଷେତ୍ରରେ ମୌଖିକ, ପୋଷ୍ଟର ଏବଂ ଆର୍‌ଟିପିଏ ଏଏମ-୨୦୨୪ ବିଷୟରେ ପ୍ରାୟ ୮୦ ବିଚାରବିମର୍ଶ ଅଧିବେଶନ ସହ ଇଣ୍ଡଷ୍ଟ୍ରିଆଲ୍ କମ ଷ୍ଟାର୍ଟ ଅପ୍ ପ୍ରଦର୍ଶନର କରାଯାଇଛି, ଯାହା ଉନ୍ନତ ପଦାର୍ଥ ଅନୁସନ୍ଧାନରେ ସର୍ବୋତ୍ତମ ଫଳାଫଳ ପ୍ରଦାନ କରିବାକୁ ଯାଉଛି ଯାହା କାର୍ଯ୍ୟ କରୁଥିବା ଅନୁସନ୍ଧାନକାରୀଙ୍କ ପାଇଁ ମଧ୍ୟ ବହୁତ ଲାଭଦାୟକ ହେବାର ଆଶା ପୋଷଣ କରାଯାଇଛି । ଏଥିସହିତ କୁଳପତି ଓ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଦୁଇଗୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ପ୍ରଫେସର ଜୟକୃଷ୍ଣ ଦାସ ସଂଚାଳନ କରିଥିଲେ ।




# ସୁବ୍ୟବସ୍ଥିତ ନିର୍ବାଚନ ପାଇଁ ପ୍ରଶାସନିକ ସ୍ତରୀୟ ନିର୍ବାଚନ ସମନ୍ୱୟ ବୈଠକ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବ୍ଲକ୍ କନଫେରେନ୍ସ ହଲ ରେ ଆସନ୍ତା ନିର୍ବାଚନକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୨୪ ସାଧାରଣ ନିର୍ବାଚନରେ ନିୟୋଜିତ ସମସ୍ତ ପୋଲିସ, ତହସିଲ ଓ ବ୍ଲକ୍‌ର ସେକ୍ଟର ଅଫିସରଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରାଇଘର ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀସାଗର ମାଝି ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ ପରିଚାଳନା କରିଥିଲେ । ଚଳିତ ବର୍ଷ ହେବାକୁ ଥିବା ସାଧରଣ ନିର୍ବାଚନ କିଭଳି ସୁରୁଖୁରୁ ତଥା ନିର୍ଭୟ ଭାବେ ସମ୍ପନ୍ନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇ ଥିଲା । ଏହି ସମୟରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସୀମାନ୍ତ ସମସ୍ତ ଗ୍ରାମାଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ, ଯାତାୟାତ ଚେକିଂ, କରି ବେଆଇନ ମଦ ଚାଲାଣ, ୫୦ ହଜାର ଟଙ୍କାରୁ ଅଧିକ ଟଙ୍କା ନେଇ ଯିବା ସମୟରେ ଧରା ହେଲେ ତାହା ସିଜ୍ କରାଯିବ ବୋଲି ସୂଚନା ଦେଇଥିଲେ । ଏଥିସହ ସେକ୍ଟର ଅଫିସରମାନେ ପ୍ରତ୍ୟେକ ବୁଥ୍‌ର ସବିଶେଷ ବିବରଣୀ ସଂଗ୍ରହ କରିବେ । ବ୍ଲକ୍‌ରେ ମୋଟ ୧୪୫ଟି ବୁଥ୍ ଥିବାବେଳେ ୧୦ ପ୍ରତିଶତ ପିଙ୍କ୍ ବୁଥ୍ ହେବାସହ ଏକ ମୋଡେଲ ବୁଥ୍ ରାଇଘର ସଦରରେ ହେବାକୁ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଥିଲେ । ସ୍ଥାନୀୟ ତହସିଲଦାର ରୀତୁ ସିଂ ଯୋଗ ଦେଇ ନିର୍ବାଚନ କମିଶନ୍ ପକ୍ଷରୁ ଜାରି କରା ଯାଇଥିବା ସି ଭିଜିଲ୍ ଆପ୍ ରେ କିଭଳି ସାଧାରଣ ଲୋକେ ନିର୍ବାଚନ ସମୟରେ କରାଯାଉଥିବା ଅନିୟମିତତା ଅଭିଯୋଗ ସମ୍ପୂର୍ଣ୍ଣ ପ୍ରମାଣ ସହ କରି ପାରିବେ ସେ ସମ୍ପର୍କରେ ସଚେତନ କରିଥିଲେ । ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ଯୋଗ ଦେଇ ଏହି ବ୍ଲକ୍‌ର ୨୬ ଗୋଟି ପଞ୍ଚାୟତକୁ ୨ ଗୋଟି ଥାନା ଅଧିକାରୀ ମିଳିତ ଭାବେ ସମ୍ପୁର୍ଣ୍ଣ ଭାବେ ତଦାରଖ କରିବା ସହିତ ନକ୍ସଲ ପ୍ରବଣ ଅଞ୍ଚଳଗୁଡିକରେ ସୁରକ୍ଷା କଡାକଡି କରାଯିବ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଧାକାନ୍ତ ରଣା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ମାଝି, ୧୨ ସେକ୍ଟର ଅଫିସର, ୧୨ ପୋଲିସ ସେକ୍ଟର ଅଫିସର, ସମସ୍ତ ବିଏଲଓ ସମେତ ବହୁ ବରିଷ୍ଠ କର୍ମଚାରୀ ଯୋଗ ଦେଇଥିଲେ ।




GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KHARIAR
E-mail:-eemidivision_khariar@rediffmail.com
A-1759

1ST CORRIGENDUM NOTICE

Lt No: -469 /MIDKHR Dt.:-19.03.2024

Bid Identification Notice No. :- 05/SE MIDKHR/2023-24
Name of work :- Construction of Civil Works under M.I Division, Khariar
Total No. of works :- 02 (Two) Nos. Only
*Due to some unavoidable Circumstances the critical dates of the above tender have been modified as follows: -*

| Description of Activity | Scheduled Date | Extended Date |
|---|---|---|
| Date and time of availability of Bid | From 11:00 AM on 20.03.2024 and up to 5:30 PM on 26.03.2024 | From 11:00 AM on 25.03.2024 and up to 5:30 PM on 02.04.2024 |
| Last date / time for receipt of Bid | Up to 5:30 PM on 26.03.2024 | up to 5:30 PM on 02.04.2024 |
| Date / Time of opening of Technical Bid | 11:00 AM on 27.03.2024 | 11:00 AM on 03.04.2024 |
| Date of Lottery(if Required) | 11:00 AM on 02.04.2024 | 11:00 AM on 06.04.2024 |

Sd/- Superintending Engineer
M.I. Division, Khariar
OIPR-32090/11/0013/2324





# ବ୍ଲାକ୍ ରୋଜ୍ ବୁଡ଼ି ମାମଲାର ତଦନ୍ତ ପ୍ରସଙ୍ଗରେ ସିବିଆଇର ସତ୍ୟପାଠ ଦାଖଲ

**କଟକ, ନ୍ୟୁଜ୍ ବ୍ୟୁରୋ**

ହାଇକୋର୍ଟରେ ବ୍ଲାକ୍ ରୋଜ୍ ଜାହାଜ ବୁଡି ମାମଲାରେ ସିବିଆଇ ତଦନ୍ତ ପ୍ରସଙ୍ଗ। ସିବିଆଇ ପକ୍ଷରୁ ଏନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି । ଘଟଣାର ସିବିଆଇ ତଦନ୍ତ ଅନୁମତି ପାଇଁ ଦୁଇ ଦୁଇ ଥର ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିବା ନେଇ କୋର୍ଟଙ୍କୁ ଅବଗତ କରିଛି ସିବିଆଇ। ଅନ୍ୟପଟେ ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏମଭି ବ୍ଲାକ ରୋଜ ଜାହାଜ ବୁଡି ମାମଲାରେ ସିବିଆଇ ତଦନ୍ତ ପ୍ରସଙ୍ଗରେ ଆଜି (ମଙ୍ଗଳବାର) ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା। ସିବିଆଇ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠ ଅନୁଯାୟୀ, କେନ୍ଦ୍ର ଜାହାଜ ଚଳାଚଳ ବିଭାଗର ସୁପାରିଶ ପରେ ସିବିଆଇ ଏହି ଘଟଣାର ତଦନ୍ତ ପାଇଁ ଦୁଇ ଦୁଇ ଥର ରାଜ୍ୟ ସରକାରଙ୍କୁ ଅନୁମତି ମାଗିଛି। ନଭେମ୍ବର ୧୯ରେ ପ୍ରଥମ ଥର ରାଜ୍ୟ ସରକାରଙ୍କୁ ସିବିଆଇ ଅନୁମତି ମାଗିଥିବା ବେଳେ ଏହାର ୨ ମାସ ପରେ ମଧ୍ୟ ପୁଣି ଥରେ ଅନୁମତି ମାଗିଥିଲ । ତେବେ ଏବେସୁଦ୍ଧା ରାଜ୍ୟ ସରକାର ଏହି ମାମଲାର ତଦନ୍ତ ପାଇଁ ସିବିଆଇକୁ ଅନୁମତି ଦେଇନଥିବା ସତ୍ୟପାଠରେ ଦାଖଲ କରିଛି ସିବିଆଇ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରାଯାଇଛି। ମାର୍ଚ୍ଚ ୪ର ନିର୍ଦ୍ଦେଶ ଅନୁସାରେ ନିଜ ସମ୍ପର୍କରେ ଆବେଦନକାରୀଙ୍କ ତରଫରୁ ଏକ ତଥ୍ୟ ସମ୍ବଳିତ ଅତିରିକ୍ତ ସତ୍ୟପାଠ ଦାଖଲ କରାଯାଇଥିଲା। ସତ୍ୟପାଠର ନକଲ କେନ୍ଦ୍ର, ରାଜ୍ୟ ସରକାର ଓ ଅନ୍ୟ ପ୍ରତିପକ୍ଷଙ୍କୁ ପ୍ରଦାନ ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏନେଇ ସିବିଆଇ ପକ୍ଷରୁ ମଙ୍ଗଳବାର ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ସୂଚନାଯୋଗ୍ୟ, ୨୦୦୯ ସେପ୍ଟେମ୍ବର ୯ ତାରିଖରେ ପାରାଦୀପ ଉପକୂଳରେ ବ୍ଲାକ ରୋଜ ଜାହାଜ ବୁଡି ଯାଇଥିଲା। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲା। ବେଆଇନ ଆଇରନ ଓର ଓ ଖଣିଜ ଦ୍ରବ୍ୟ ପରିବହନ ବେଳେ ଏହି ଜାହାଜ ବୁଡି ଥିବା ଅଭିଯୋଗ ହୋଇଥିଲା। ଏହି କାରବାରର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବି ଥିବା ନେଇ ଜଣାପଡିଥିଲା। ତେବେ ଏହି ମାମଲାର ତଦନ୍ତ କରିବା ପାଇଁ ସିବିଆଇ ସପକ୍ଷରେ କେନ୍ଦ୍ର ଜାହାଜ ଚଳାଚଳ ବିଭାଗ ମତ ଦେଇଥିଲେ ମଧ୍ୟ ରାଜ୍ୟ ସରକାର ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇ ନ ଥିଲେ। ବ୍ଲାକ ରୋଜ ବୁଡି ଘଟଣାର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ କୋର୍ଟରେ ଆବେଦନ କରିଛନ୍ତି ।

# ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବୁଧବାରରେ ଗ୍ରୀଷ୍ମକୁ ସ୍ୱାଗତ କରିବା ପଖାଳ ଖାଇବା ମହାପ୍ରଭୁ ଶ୍ରୀଜଗନ୍ନାଥ ସଂସ୍କୃତି ଜାଗରଣକୁ ମନରେ ଉଜ୍ଜୀବିତ କରିବା ଆମର ପ୍ରୟାସ, ମହାପ୍ରଭୁଙ୍କ ସଂସ୍କୃତି ଆମ ସଂସ୍କୃତି ଆମର ଅସ୍ମିତା ଓ ଅନ୍ୟତମ ପରିଚୟ ହେଲା ପଖାଳ, ଆମ ପୂର୍ବ ପୁରୁଷମାନେ ଅମଙ୍କୁ ପଖାଳ ଖାଇବାକୁ ଶିଖାଇଯାଇଛନ୍ତି। ଆଜି ଓଡ଼ିଆଙ୍କ ଅନ୍ୟତମ ପରିଚୟ ପଖାଳ। ଆସନ୍ତୁ ଆମ ଐତିହ୍ୟ, ପରମ୍ପରା ଓ ସଂସ୍କୃତିକୁ ବଞ୍ଚେଇ ରଖିବା ଆମ ପଖାଳ ଆମ ପାଇଁ ଅମୃତ ଆମ ଐତିହ୍ୟ ପାଇଁ ଆମେ ଗର୍ବିତ, ସଭାପତି ସଞ୍ଚିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଉଦ୍‌ଘାଟକ ଭାବେ ରାମ ଚନ୍ଦ୍ର ଦାସ ମହାପାତ୍ର, ଛପନ ଭୋଗ



ସଭାପତି ବିଶ୍ୱନାଥ ସାମନ୍ତରାୟ, ମୁଖ୍ୟ ଅତିଥି ଭାବେ ଡଃ ଅଶୋକ ମହାପାତ୍ର ପଣ୍ଡିତ ଦାଶରଥି ସାମନ୍ତରାୟ ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ସମ୍ପାଦକ ନାରାୟଣ ମହାପାତ୍ର ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ, ଉପସ୍ଥିତ ରହି ସଭା ପରିଚାଳନା କରିଥିଲେ, ପଖାଳର ଉପକାରିତା ସମ୍ପର୍କରେ ବିଶ୍ୱନାଥ ସାମନ୍ତରାୟ ଓ ଡାଃ ଅଶୋକ ମହାପାତ୍ର ଓ ପଣ୍ଡିତ ଦାଶରଥି ସାମନ୍ତରାୟ ପ୍ରାଞ୍ଜଳ ଭାବରେ ସମସ୍ତଙ୍କୁ ଅବଗତ କରାଇଥିଲେ। ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର ଶ୍ରୀଜଗନ୍ନାଥଙ୍କ ପ୍ରତ୍ୟେକ ତିଥି ଉପରେ ମାସରେ ଥରେ ଏକ ଆଲୋଚନା ଚକ୍ର କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତେ ଏହାକୁ ଗ୍ରହଣ କରିଥିଲେ। ଏହି ପଖାଳ ଦିବସରେ ଗତ କାଲି ପୁରୀରୁ ଅଭଡ଼ା ଅଣାଯାଇ ପଖଳା ଯାଇଥିଲା। ଅନନ୍ତ ବାସୁଦେବ ମନ୍ଦିରରରୁ ଡାଲି, ଶାଗ ବେସର ଓ ଖଟା କୁ ସମସ୍ତଙ୍କୁ ପରଷା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଜଣ ବ୍ୟକ୍ତି ଓ ମହିଳା ଯୋଗ ଦେଇଥିଲେ। ପରିଷଦ ପକ୍ଷରୁ କୋଷାଧକ୍ଷ ସୁରେଶ ମିଶ୍ର ଉପଦେଷ୍ଟା ରବି ନାରାୟଣ ମିଶ୍ର ବାଳକୃଷ୍ଣ ପଣ୍ଡା ବିଷ୍ଣୁପଦ ଦାସ, ଅଳ ସାହୁ, ଗୌରାଙ୍ଗ ନାୟକ ମଳୟ ଜେନା ଅଚ୍ୟୁତ ପ୍ରସାଦ ବେହେରା, ନିବାସ ରାଓ ଅକ୍ଷୟ ସାହୁ, ଗାନ୍ଧୀ ଚୌଧୁରୀ, ପ୍ରମୁଖ ଯୋଗଦାନ କରିଥିଲେ।

## ରମ୍ଭା ଅଞ୍ଚଳର ବିଭିନ୍ନ ସ୍ଥାନରୁ ହୋଡିଂ ଉଚ୍ଛେଦ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ସହ ଆଚରଣ ବିଧି ଲାଗୁ ହୋଇଛି। ଗଞ୍ଜାମ ଜିଲ୍ଲାରେ ମେ ୧୩ ଓ ୨୦ ତାରିଖ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବ।ଏହି ନିର୍ବାଚନକୁ ଶାନ୍ତିଶୃଙ୍ଖଳା, ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ସର୍ବସାଧାରଣ ସ୍ଥାନ, ମୁଖ୍ୟ ରାସ୍ତା, ଗଳିକନ୍ଦି ବୁଲି ହୋଡିଂ, ଲିଫଲେଟ, ପୋଷ୍ଟର, ବ୍ୟାନର ଓ ସରକାରୀ ଯୋଜନାର ବାର୍ତ୍ତା ହଟାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଏଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ହଟାଯାଉଛି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ରମ୍ଭା ସହରାଞ୍ଚଳ ବିଭିନ୍ନ ସ୍ଥାନରେ ଲାଗିଥିବା ସରକାରୀ ବ୍ୟାନର ଓ ହୋଡିଂକୁ ପ୍ରଶାସନ ପକ୍ଷରୁ ଘୋଡାଇ କିମ୍ବା ଲିଭାଇ ଦିଆଯାଉଅଛି। ସରକାରୀ ଯୋଜନାର ହୋଡିଂ ଓ ମୁଖ୍ୟମନ୍ତ୍ରୀଙ୍କ ଫୋଟୋ ଚିତ୍ର ଥିବା ବିଭିନ୍ନ ବିଜ୍ଞାପନକୁ ହଟା ଯାଉଥିବା ଦେଖିବାକୁ ମିଳିଛି।ଏଥର ନିର୍ବାଚନ କମିଶନ ନିର୍ବାଚନ ଆଚରଣ ବିଧି କଡାକଡି ହେବ ବୋଲି ଘୋଷଣା କରିଛନ୍ତି।

# ବରିଷ୍ଠ ପାଲା କଳାକାର ଏବଂ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମର ବେଲେଶ୍ୱର ଶିବ ମନ୍ଦିର ପିଠରେ ପବିତ୍ର ସତ୍ୟନାରାୟଣଙ୍କ ୧୦୫ ତମ ବାଦୀପାଲା ମହୋତ୍ସବ ଆଖପାଖ ଅଞ୍ଚଳରେ ବେସ୍ ଜଣାଶୁଣା ଗତ ୪ଦିନି ହେଲା ଆରମ୍ଭ ହୋଇ ଶେଷ ହୋଇଛି। ଏହି ବାଦୀପାଲା ମହୋତ୍ସବ ଏହି ପୁରାତନ କାଳର ବାଦୀପାଲା ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ପାଲା ପ୍ରେମୀ ଆସି ପାଲା ଉପଭୋଗ କରୁଛନ୍ତି। ୪ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ବାଦିପାଲା ମହୋତ୍ସବରେ ଓଡ଼ିଶାର ସୁନାମ ଅର୍ଜନ କରିଥିବା ଗାୟକ ସିଦ୍ଧାନ୍ତଦର୍ଶୀ ମଦନ ଯେନା ଏବଂ ଗାୟକ ବାଚସ୍ପତି ବନବିହାରି ଗ୍ରହାଚାର୍ଯ୍ୟଙ୍କୁ ମୁଖ୍ୟ ଅତିଥି ବରିଷ୍ଠ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ ବଟକୃଷ୍ଣ ନାଥ ଏବଂ ସଭାପତି ପ୍ରମୋଦ କୁମାର ପୁଷ୍ଟି ଓ ସମ୍ପାଦକ , ସଦସ୍ୟ ପଦ୍ମଲୋଚନ ସାହୁ, ନାରାୟଣ ସାହୁ, ରବୀନ୍ଦ୍ର କୁମାର ସାହୁ, ବୃନ୍ଦାବନ ସାହୁ, ବାବାଜୀ ସାହୁ, ଗଙ୍ଗାଧର ସାହୁ, ବୈଖୁଣ୍ଠ ସାହୁ, ରୁଷିଆ ସାହୁ ଏବଂ ସମସ୍ତେ ଉପସ୍ଥିତ ରହି ସାଥି



ପାଲାକାରମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ । ପାଲା କଳାକାର ମାନେ ୪ଦିନି ଧରି ଦର୍ଶକ ମାନଙ୍କୁ ଗୀତା ଭାଗବତ ରାମାୟଣ ପୁରାଣ ମଧରେ ବାନ୍ଧିରଖି ସଙ୍ଗୀତ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ଉତ୍ସାହିତ କରୁଛନ୍ତି । ବାଦୀପାଲା ଗାଁର ଗଣପର୍ବ ହୋଇ ଥିବାରୁ ଆବାଳ ବୃଦ୍ଧ ବନିତା ସହ ପାଖଆଖ ଗ୍ରାମରୁ ହଜାର ହଜାର ସଂଖ୍ୟାରେ ସଂସ୍କୃତି ପ୍ରେମୀ ଶ୍ରୋତା ଉପସ୍ଥିତ ରହି ପାଲା ଉପଭୋଗ କରିଥିଲେ ।ଏହି ପରମ୍ପରାକୁ ବଞ୍ଚାଇବା ଉଦେଶ୍ୟରେ କମିଟି ପକ୍ଷରୁ ଦୁଇ ଜଣ ଗାୟକଙ୍କୁ ଉତ୍ତରୀୟ ଉପଢୌକନ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା କରାଯିବା ସହିତ ବାଇଲୋ ପୂର୍ବତନ ସରପଞ୍ଚ ବରିଷ୍ଠ ପାଲା ପ୍ରେମୀ ଗୋପାଳ ବାରିକ୍‌ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସମଗ୍ର ରାଜ୍ୟରେ ପାଲା ଅନୁଷ୍ଠାନ ଧିରେ ଧିରେ ଲୋପ ପାଉଥିବା ବେଳେ ଆନନ୍ଦପୁର ବ୍ଲକ ବେଲବାହାଳି ସତ୍ୟନାରାୟଣ ବାଦୀପାଲା ପରିଚାଳନା କମିଟିର ସଦସ୍ୟମାନେ ଏବଂ ଯୁବକମାନେ ମିଳିମିଶି ଏହି ଆଧାତ୍ମିକ ଅନୁଷ୍ଠାନ କିପରି ଅଧିକ ବଢ଼ିପାରିବ ଏଥିପ୍ରତି ସକ୍ରିୟ ସହଯୋଗ କରିଥିଲେ। ପ୍ରତିବର୍ଷ ଏହିଭଳି ୨୦ଜଣ ବରିଷ୍ଠ ନାଗରିକ ଏବଂ କଳାକାର ମାନଙ୍କୁ ସମ୍ମାନିତ କରାଯିବା ସହ ଆଧାତ୍ମିକ ବିଚାର ପାଲା ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଯୁବକ ମାନେ ଶପଥ ନେଇଥିଲେ ।

## ଆଇନଜୀବୀଙ୍କ ହୃଦ୍‌ଘାତରେ ପରଲୋକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସହରର ଜଣାଶୁଣା ଆଇନଜୀବୀ ସାରଦା ପ୍ରସାଦ ଦାସ ଓରଫ ଟୁକୁ (୬୨)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ନିଆଯାଇଥିଲା । ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ଜଣାପଡିବା ପରେ କେନ୍ଦ୍ରାପଡା ସହରରେ ଶୋକର ଛାୟା ଖେଳି ଯାଇଥିଲା । ତାଙ୍କ ମର ଶରୀରକୁ କେନ୍ଦ୍ରାପଡା କୋର୍ଟ ପରିସରକୁ ଅଣାଯାଇ ସମ୍ମାନ ଜଣାଇବା ସହ ଶେଷ ବିଦାୟ ଜଣାଇ ଥିଲେ । ଏନେଇ ବାର୍ ଆସୋସିଏସନ ପକ୍ଷରୁ ଏକ ଶୋକ ସଭା ସଭାପତି ବିଚିତ୍ରା ନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ ସହିତ ସଂପାଦକ ଧନୁର୍ଦ୍ଧର ନାୟକ, ବିନୋଦ କୁମାର ନାୟକ, ମୋହନ ସାହୁ, ଦିଲ୍ଲୀପ ପରିଡା, ନିରଞ୍ଜନ ବଳ, ସେକ ଅଜିମୁଦ୍ଦିନ, ଶାନ୍ତି ସ୍ୱରୂପ ଭୂୟାଁ ପ୍ରମୁଖ ଆଇନଜୀବୀ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିବା ସହ ଆତ୍ମାର ସଦ୍‌ଗତି କାମନା ସହ ନିରବ ପ୍ରାର୍ଥନା କରିଥିଲେ ।

## ଏସ୍‌ସିବିରେ ବିରଳ ଅସ୍ତ୍ରୋପଚାର

# ନୂଆ ଜୀବନ ପାଇଲେ ଅମ୍ଭୋଧର, ପିଠିରେ ପଶିଥିଲା ଶୁଖିଲା ଡାଳ

**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାର ବଡ଼ ମେଡିକାଲ ଏସ୍‌ସିବିରେ ଆଉ ଏକ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି । ଜଣେ ୧୭ ବର୍ଷୀୟ ବାଳକଙ୍କ ପିଠିରେ ପଶିଥିବା ଶୁଖିଲା ଡାଳକୁ ଶରୀର ଭିତରୁ ସୁରକ୍ଷିତର ସହିତ ବାହାର କରିବାରେ ମେଡିକାଲର ଡାକ୍ତରୀ ଦଳ ସଫଳ ହୋଇଛନ୍ତି। ଏହି ଡାଳ ପିଠି ପଟେ ପଶି ଛାତି ପର୍ଯ୍ୟନ୍ତ ଚାଲିଯାଇଥିବା ଡାକ୍ତରୀ ଦଳ କହିଛନ୍ତି। ତେବେ ଏସ୍‌ସିବିରେ ଏହି ଅସ୍ତ୍ରୋପଚାର ସଫଳ ହେବା ପରେ ନୂଆ ଜୀବନ ପାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ଅମ୍ଭୋଧର ମାରାଣ୍ଡି। ମିଳିଥିବା ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ୧୭ ବର୍ଷୀୟ ବାଳକ ଅମ୍ଭୋଧର ମାରାଣ୍ଡି ମହୁଲ ଗଛରୁ ମହୁଲ ତୋଳୁ ଥିବା ବେଳେ ଗଛରୁ ହଠାତ ଖସି ପଡିଥିଲେ। ଏହାପରେ ତାଙ୍କ ପରେ ପିଠିରେ ଗଳି ଯାଇଥିଲା ଏକ ଶୁଖିଲା ଗଛ ଡାଳ। ଏହି ଡାଳଟି ପିଠିରୁ ଛାତି ପର୍ଯ୍ୟନ୍ତ ପଶିଯାଇଥିଲା ଗୁରୁତର ଅମ୍ଭୋଧରଙ୍କୁ ପ୍ରଥମେ ଉଦଳା ମେଡିକାଲ ଓ ପରେ ସୋମବାର ଦିନ ଏସସିବିରେ ଭର୍ତ୍ତି ହୋଇଥିଲେ। ଏହାପରେ ତାଙ୍କ ଦୀର୍ଘ ଘଣ୍ଟା ଧରି ଅସ୍ତ୍ରୋପଚାର କରାଯାଇଥିଲା। ଏଥିପାଇଁ ଏହ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇଥିଲା। ସର୍ଜରୀ, ଇଉରୋଲୋଜି, କାର୍ଡିଓଲୋଜି ଓ ଆନେସ୍ଥେଶିଆ ବିଭାଗର ବରିଷ୍ଠ ଡାକ୍ତରମାନେ ଉପସ୍ଥିତ ଥିଲେ । ବହୁ ଗୁରୁତର ଅବସ୍ଥାରେ ତାଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା, ଯାହାକି ସମ୍ପୂର୍ଣ୍ଣ ଭାବେ ଏସ୍‌ସିବି ପାଇଁ ଚ୍ୟାଲେଞ୍ଜିଂ ରହିଥିଲା। ପ୍ରାୟ ପାଞ୍ଚ ଘଣ୍ଟା ଧରି ଅମ୍ଭୋଧରଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଗଭୀର ଆହତ ଯୋଗୁଁ ସଂକ୍ରମଣ ହେବାର ବହୁ ସମ୍ଭାବନା ରହିଥିଲା ହେଲେ ଏବେ କୌଣସି ଅସୁବିଧା ରହିନାହିଁ ବୋଲି କହିଛନ୍ତି ବିଭାଗୀୟ ଡକ୍ଟର। ଏବେ ସେ ସମ୍ପୂର୍ଣ୍ଣ ଭାବେ ବିପଦମୁକ୍ତ ରହିଛନ୍ତି। ଅନ୍ୟପଟେ ଏସସିବି ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି ଯେ, ଏଭଳି କେସ କ୍ୱଚିତ ମେଡିକାଲକୁ ଆସିଥାଏ। ଯାହା ଚ୍ୟାଲେଞ୍ଜିଂ ଥିଲା ସତ, ହେଲେ ମେଡିକାଲର ଡାକ୍ତରମାନେ ସଫଳ ଭାବେ ଅସ୍ତ୍ରୋପଚାର କରିଛନ୍ତି। କାର୍ଡିଆଥୋରିକ ଭାସ୍କୁଲାର ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ପାଞ୍ଚ ଜଣିଆ ଡାକ୍ତରୀ ଦଳ ନିୟୋଜିତ ରହିଥିଲେ।

# କନ୍ଧ କୁମ୍ଭାର ସମାଜର ବିଜୟ ଦିବସ ପାଳିତ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବିଶିପଡ଼ାରେ କନ୍ଧକୁମ୍ଭାର ସମାଜର ବିଜୟ ଦିବସ ପାଳିତ ହୋଇ ଯାଇଛି। କନ୍ଧ କୁମ୍ଭାରକୁ ଆଦିବାସୀ ମାନ୍ୟତା ମିଳିବା ପରେ କନ୍ଧ କୁମ୍ଭାର ସଙ୍ଘ ପକ୍ଷରୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଦୀର୍ଘ ୫୦ରୁ ଉର୍ଦ୍ଧ୍ୱ ବର୍ଷ ଏହି କନ୍ଧ କୁମ୍ଭାର ସଂଘ ଆଦିବାସୀ ମାନ୍ୟତା ପାଇବା ପାଇଁ ସଂଘର୍ଷ କରି ଆସୁଥିଲେ। ଏହି କାର୍ଯ୍ୟକ୍ରମରେ ଚାରିଗଡ଼ର ମୁଖ୍ୟ କାର୍ଯ୍ୟକର୍ତ୍ତା ସମେତ ବହୁ କନ୍ଧ କୁମ୍ଭାର ଭାଇ ଭଉଣୀମାନେ ଯୋଗ ଦେଇଥିଲେ। ସର୍ବପ୍ରଥମେ କନ୍ଧ କୁମ୍ଭାର ସମାଜର କୁଳ ଦେବୀ ଗଙ୍ଗା ମାତା ଓ ମାଆ ପାଟଖଣ୍ଡା ଓ ଜଗତର ନାଥ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। କନ୍ଧ କୁମ୍ଭାର ସମାଜର ଜିଲ୍ଲା ସଭାପତି ଅଜିତ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ବିଜୟକୁମାର ବେହେରା, ସମ୍ପାଦକ ତପନ ବେହେରା, କୋଷାଧକ୍ଷ ସୁରେନ୍ଦ୍ର ବେହେରା, ଯୋଗାଯୋଗ କର୍ତ୍ତା ଜୟନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କନ୍ଧ କୁମ୍ଭାର ସମାଜ ଅବହେଳିତ ନିଷ୍ପେସିତ ଅବସ୍ଥାରେ ରହୁଥିବା ବେଳେ ସେମାନଙ୍କୁ ମୁଖ୍ୟ ସ୍ରୋତରେ ଆଣିବାରେ ନିଜର ହକ ଅଧିକାର ସାବ୍ୟସ୍ତ ଦାବୀ ଉପସ୍ଥାପନା ପାଇଁ ଯେଉଁମାନେ ମଙ୍ଗ ଧରିଥିଲେ ସେହି ମାନଙ୍କ ନିଷ୍ଠା ଓ ଏକାଗ୍ରତା ଯୋଗୁଁ ଆଜି କନ୍ଧ କୁମ୍ଭାର ସଙ୍ଘ ସଫଳତା ପାଇଲା ବୋଲି ବକ୍ତା ମାନେ ନିଜ ବକ୍ତବ୍ୟରେ କହିଥିଲେ। ଆମନ୍ତ୍ରିତ ମୁଖ୍ୟ କାର୍ଯ୍ୟକର୍ତ୍ତା ନିଜ ଅଭିଭାଷଣରେ କହିଥିଲେ ଏହି ସଫଳତାର ଶ୍ରେୟ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଦେଇଥିଲେ। ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସକୁ ସଂସ୍କାର, ବାଲ୍ୟବିବାହ ଦୂରୀକରଣ ନିଶା ନିବାରଣ କରିବା ସହିତ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ରକ୍ତଦାନ ବୃକ୍ଷ ରୋପଣ ଆଦି ସାମାଜିକ କାର୍ଯ୍ୟକ୍ରମରେ ସମାଜ ନିଜକୁ ନିୟୋଜିତ କରିବା ପାଇଁ ସମୂହ ଶପଥ ପାଠ ହୋଇଥିଲା। ବାଲିଗୁଡ଼ା ଖେମୁଣ୍ଡଗଡ଼ରୁ ସଭପତି ପଙ୍କଜ ବେହେରା ଉପ ସଭାପତି ଦୀପକ କୁମାର ବେହେରା ସାଧାରଣ ସମ୍ପାଦକ ନୀଳ ମାଧବ ବେହେରା, ସଂପାଦକ ଭାବେ ଇନ୍ଦ୍ରଜିତ ବେହେରା, କୋଷାଧକ୍ଷ ରାମକୃଷ୍ଣ ବେହେରା, ମୁଖ୍ୟ ସଭ୍ୟ ମାର୍କଣ୍ଡ ବେହେରା ଓ ରଞ୍ଜିତ କୁମାର ବେହେରା। ମାତୃ ମଣ୍ଡଳୀର ସଭାନେତ୍ରୀ ମିଥିଳା ବେହେରା, ଉପ ସଭାପତି ତପସ୍ୱିନୀ ବେହେରା, ସମ୍ପାଦିକା ଆରତୀ ବେହେରା ଏବଂ ମୁଖ୍ୟ ସଭ୍ୟ ସରସ୍ୱତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ କ୍ଷ କନ୍ଧ କୁମ୍ଭାର ସମାଜ ର ମାଟିଆ କନ୍ଧ , କୁମ୍ଭାର ଗୁନା କୁମ୍ଭାର ମଧ୍ୟ ଆଦିବାସୀ ମାନ୍ୟତା ପାଇବେ ବୋଲି ସମାଜ ପକ୍ଷରୁ କୁହାଯାଇଛି। ଏହି କନ୍ଧ କୁମ୍ଭାର ସମାଜରେ ବାଲିଗୁଡ଼ା ରୁ ଲଳିତ ଦେହୁରୀ, ପବିତ୍ର ପ୍ରଧାନୀ, ରଂଜନ ବିଶିମକ୍ଷଝି, ସୁନୀଲ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ସମିତିର ସଦସ୍ୟ ଆଦିତ୍ୟ ପାତ୍ର ଓ ନିରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ମାହାଙ୍ଗାରୁ ପ୍ରତାପଙ୍କ ପ୍ରାର୍ଥୀତ୍ୱକୁ ମୁଖ୍ୟମନ୍ତ୍ରୀଙ୍କ ସବୁଜ ସଙ୍କେତ ନେଇ ଚର୍ଚ୍ଚା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଲୋକସଭା ଓ ଓଡ଼ିଶା ବିଧାନ ସଭା ନିର୍ବାଚନ ନିମନ୍ତେ ବିଗୁଲ ବାଜି ସାରିଲାଣି। ଆସନ୍ତା ଜୁନ ୧ ତାରିଖ ଦିନ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିମନ୍ତେ ଭୋଟରମାନେ ମତଦାନ ସାବ୍ୟସ୍ତ କରିବେ। ଇତି ମଧ୍ୟରେ ମାହାଙ୍ଗା ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପ୍ରାର୍ଥୀତ୍ୱକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁଜ ସଙ୍କେତ ପ୍ରଦାନ କରିଥିବାର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ମାହାଙ୍ଗା ପାଇଁ ପ୍ରତାପଙ୍କ ପ୍ରାର୍ଥୀତ୍ୱକୁ ସବୁଜ ସଙ୍କେତ ମିଳିଥିବା କାରଣରୁ କର୍ମୀ ମହଲରେ ଆନନ୍ଦର ମାହୋଲ ଦେଖିବାକୁ ମିଳିଛି। ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ଓ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ। ମାହାଙ୍ଗା ଏକ ମର୍ଯ୍ୟାଦା ଜନକ ନିର୍ବାଚନ ମଣ୍ଡଳୀ ହୋଇଥିଲା ବେଳେ ମାହାଙ୍ଗାର ଭୋଟରମାନେ ବେଶ ସଚେତନ ଅଟନ୍ତି। ପ୍ରତି ନିର୍ବାଚନରେ ଯେଉଁ ଦଳ କ୍ଷମତାକୁ ଆସିଥାଏ ସେହି ଦଳର ପ୍ରାର୍ଥୀ ହିଁ ମାହାଙ୍ଗାରୁ ନିର୍ବାଚିତ ହୋଇଥିବାର ନଜିର ରହିଛି। ମାହାଙ୍ଗାର ପ୍ରାକ୍ତନ ମନ୍ତ୍ରୀ ସ୍ୱର୍ଗତ ସେକ ମତଲୁବ ଅଲ୍ଲୀ ଓ ପ୍ରାକ୍ତନ ବାଚସ୍ପତି ସ୍ୱର୍ଗତ ଶରତ କୁମାର କରଙ୍କ ଶାଶୂର ପାଳିଏକୁ ବୋହୂର ଶାସନର ଅବସାନ ଘଟିଛି। ଦୁଇ କିମ୍ବଦନ୍ତୀ ରାଜନେତାଙ୍କ ମୃତ୍ୟୁପରେ ପ୍ରବାଦ ପୁରୁଷ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପଟ୍ଟଶିଷ୍ୟ ହିସାବରେ ପରିଚିତ କିଶନନଗର ପ୍ରାକ୍ତନ ବିଧାୟକ ପ୍ରତାପ ଜେନା ଗତ ୨୦୦୯ ମସିହା ଠାରୁ ମାହାଙ୍ଗାକୁ ତାଙ୍କର ହସ୍ତମୁଦି ମାହୋଲ ରୂପେ ଗ୍ରହଣ କରିଅଛନ୍ତି। କିଶନନଗର ନିର୍ବାଚନ ମଣ୍ଡଳୀ ଉଚ୍ଛେଦ ହେବା ପରେ ଗତ ୨୦୦୯ ସାଧାରଣ ନିର୍ବାଚନରେ ପ୍ରତାପ ଜେନା ମାହାଙ୍ଗାର ପ୍ରାକ୍ତନ ମନ୍ତ୍ରୀ ତଥା କର୍ମବୀର ସେକ ମତଲୁବ ଅଲ୍ଲୀଙ୍କୁ ହରାଇ ପ୍ରଥମ ଥର ନିମନ୍ତେ ମାହାଙ୍ଗାର ଲୋକପ୍ରତିନିଧି ରୂପେ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ଭାବେ ଗତ ୨୦୧୪ ବିଧାନ ସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ରୂପେ ନିର୍ବାଚନ ରଣାଙ୍ଗନାରେ ଅବତୀର୍ଣ୍ଣ ହୋଇଥିବା ମାହାଙ୍ଗା ବିକାଶ ପରିଷଦର ସଭାପତି ଯୁବନେତା ସାରଦା ପ୍ରଧାନଙ୍କୁ ପ୍ରତାପ ଜେନା ବିଜେଡି ପ୍ରାର୍ଥୀରୂପେ ବିପୁଳ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଗତ ୨୦୧୯ ବିଧାନ ସଭା ନିର୍ବାଚନରେ ସାରଦା ପ୍ରଧାନ ବିଜେପି ପ୍ରାର୍ଥୀରୂପେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ବିଜେଡି ପ୍ରାର୍ଥୀରୂପେ ପ୍ରତାପ ଜେନା ତାଙ୍କୁ ପରାଜିତ କରି ହାଟ୍ରିକ ଅର୍ଜନ କରିଥିଲେ। ତେବେ ଆସନ୍ତା ୨୦୨୪ ବିଧାନସଭା ନିର୍ବାଚନ ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକେ ବିଜେଡି ପ୍ରାର୍ଥୀରୂପେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ନିମନ୍ତେ ପ୍ରାକ୍ତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ସବୁଜ ସଙ୍କେତ ପ୍ରଦାନ କରିଥିବାର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଆସନ୍ତା ନିର୍ବାଚନରେ ପ୍ରତାପ ଜେନା ମାହାଙ୍ଗାରୁ ବିଜୟ ଚଉକା ମାରିବେ ବୋଲି ସାଧାରଣରେ ଚର୍ଚ୍ଚ ଜୋର ଧରିଛି। ପ୍ରତାପ ଜେନାଙ୍କ ସଫଳ ରାଜନୈତିକ ଗୋଟି ଚାଳନା ଏବଂ ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ଭୋଟରମାନେ ତାଙ୍କ ପ୍ରତି ଆକୃଷ୍ଟ ହୋଉଥିଲା ବେଳେ ତାଙ୍କର କ୍ରମ ବର୍ଦ୍ଧିଷ୍ଣୁ ଲୋକ ପ୍ରିୟତା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୪ ଘଣ୍ଟାରେ ସ୍ୱାଭାବିକ...

ଗୁରୁଚାପ ବଳୟ ଏବଂ ବାଂଲାଦେଶ ନିକଟରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଅଦିନିଆ ଲଗାଣ ବର୍ଷା ଜାରି ରହିଛି। ପ୍ରଭାବରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଏବଂ କିଛି ସ୍ଥାନରେ କୁଆପଥର ବୃଷ୍ଟି ହୋଇଥିବା ସୂଚନା ଦେଇଛି ପାଣିପାଗ କେନ୍ଦ୍ର। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରି ରହିବ। ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ପାଇଁ ୬ଟି ଜିଲ୍ଲା କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ ଏବଂ ଗଜପତି ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ୭୦ ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ଥିବାବେଳେ ଘଣ୍ଟାପ୍ରତି ୪୦ ରୁ ୫୦ କିମି ବେଗରେ ବହିବ ପବନ। ସେହିଭଳି ୨୦ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।ଏଠାରେ ଘଣ୍ଟାପ୍ରତି ୩୦ ରୁ ୪୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ୨୨ତାରିଖ ପରଠୁ ତାପମାତ୍ରା ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୨୪ ତାରିଖ ବେଳକୁ ଦିନର ତାପମାତ୍ରା ପୁଣି ୩୮ ଡିଗ୍ରୀ ଛୁଇଁବ ବୋଲି କହିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର।

### ରାଜଧାନୀରେ ହେବ...

ଲୋକଙ୍କୁ ସିଗ୍ନାଲ ଦେଇ ସଚେତନ କରିବ ଏହି ମଡେଲ। ଏଥିସହିତ ମାନୁଆଲ ସିଗ୍ନାଲ ଓ ସ୍ୱୟଂଚାଳିତ ସିଗ୍ନାଲର ଭିନ୍ନତା ବିଷୟରେ ଲୋକଙ୍କୁ ସଚେତନ କରିବ। ସେହିପରି ସିଗ୍ନାଲ ଜରିଆରେ ଟ୍ରାଫିକ୍ କିଭଳି ପରିଚାଳନା କରାଯାଏ ସେ ବିଷୟରେ ମଧ୍ୟ ମଡେଲ ଦେଖାଇବ। ଏହି ପାର୍କ ସର୍ବସାଧାରଣଙ୍କ ଲାଗି ଅନୁମତି ମିଳିବ। ବିଶେଷକରି ଛାତ୍ରଛାତ୍ରୀଙ୍କୁ ଟ୍ରାଫିକ୍ ବିଷୟରେ ସଚେତନ କରାଯିବା ସହ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇ କିଭଳି ଟ୍ରାଫିକ ପରିଚାଳନା କରାଯାଉଛି, ସେ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀ ଓ ସାଧାରଣଲୋକଙ୍କୁ ବୁଝାଯିବ। ଟ୍ରାଫିକର ବିଭିନ୍ନ କାର୍ଯ୍ୟକ୍ରମରେ ଏହି ପାର୍କକୁ ବହୁଳ ଭାବେ ବ୍ୟବହାର କରାଯିବ। ଏଜି ଛକସ୍ଥିତ ଟ୍ରାଫିକ ଥାନାରେ ଟ୍ରାଫିକ ସମ୍ପର୍କିତ କିଛି ଅତ୍ୟାଧୁନିକ ସାମଗ୍ରୀ ରହିଛି। ତେବେ ଉକ୍ତ ସାମଗ୍ରୀ ସହ ଆଉ କିଛି ନୂଆ ସାମଗ୍ରୀ ଆଣି ଉକ୍ତ ପାର୍କରେ ରଖାଯିବ। ଏଜି ଟ୍ରାଫିକ୍ ଥାନାରେ ଥିବା କିଛି ସାମଗ୍ରୀ ଓ ଆଉ କିଛି ନୂଆ ସାମଗ୍ରୀ ଆଣି ପାର୍କ ନିର୍ମାଣ କରାଯିବ ବୋଲି ଯୋଜନା କରାଯାଇଛି। କମିଶନରେଟ୍ ପୁଲିସ ଓ ସ୍ମାର୍ଟସିଟିର ମିଳିତ ଉଦ୍ୟମରେ ଏହି ପାର୍କ ନିର୍ମାଣ କରାଯିବ। ପାର୍କ ନିର୍ମାଣ ଲାଗି ଏକ ନକ୍ସା ପ୍ରସ୍ତୁତ ହୋଇଛି। ପାର୍କରେ ଖର୍ଚ୍ଚ ଲାଗି ୨୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଖୁବ୍‌ଶୀଘ୍ର ପାର୍କର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ବୋଲି ସୂଚନା ମିଳିଛି। ତେବେ ନିର୍ବାଚନ ଲାଗି କସରତ ଆରମ୍ଭ ହୋଇଥିବାରୁ ସାମନ୍ୟ ବିଳମ୍ବ ହେଉଥିବା ଟ୍ରାଫିକ ପୁଲିସ ପକ୍ଷରୁ କୁହାଯାଇଛି।

### ଜେଲେନ୍ସ୍‌କିଙ୍କୁ ଫୋନ୍ ...

ସହାୟତା ଜାରି ରଖିବ। ମୋଦି 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି, ଭାରତ-ୟୁକ୍ରେନ ସହଭାଗିତାକୁ ମଜଭୁତ କରିବା ପାଇଁ ରାଷ୍ଟ୍ରପତି ଜେଲେନ୍ସ୍‌କିଙ୍କ ସହ ଭଲ ବାର୍ତ୍ତାଳାପ ହୋଇଥିଲା। ସମସ୍ତ ଶାନ୍ତି ପ୍ରୟାସ ଏବଂ ଜାରି ରହିଥିବା ବିବାଦର ଶୀଘ୍ର ସମାପ୍ତି ପାଇଁ ଭାରତର ନିରନ୍ତର ସମର୍ଥନ ଜଣାଇଛି। ଭାରତ ଏହାର କେନ୍ଦ୍ରବିନ୍ଦୁ ଆଭିମୁଖ୍ୟ ଦ୍ୱାରା ମାନବିକ ସହାୟତା ପ୍ରଦାନ ଜାରି ରଖିବ। ୟୁକ୍ରେନବାସୀଙ୍କୁ ଭାରତର ମାନବିକ ସହାୟତାକୁ ରାଷ୍ଟ୍ରପତି ଜେଲେନ୍ସ୍‌କି ମଧ୍ୟ ପ୍ରଶଂସା କରିଛନ୍ତି। ଆଲୋଚନା ସମୟରେ ଉଭୟ ନେତା ବିଭିନ୍ନ କ୍ଷେତ୍ରରେ ଭାରତ-ୟୁକ୍ରେନ ସହଭାଗିତାକୁ ଆହୁରି ମଜଭୁତ କରିବାର ଉପାୟ ଉପରେ ଆଲୋଚନା କରିଥିଲେ। ଜେଲେନ୍ସ୍‌କିଙ୍କ ସହ କଥା ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କୁ ପଞ୍ଚମ ଥର ପାଇଁ ଅଭିନନ୍ଦନ ଜଣାଇବା ସହ ରୁଷିଆ-ୟୁକ୍ରେନ ବିବାଦର ସମାଧାନ ପାଇଁ କଥାବାର୍ତ୍ତା ଏବଂ କୂଟନୈତିକ ଏକମାତ୍ର ଉପାୟ ବୋଲି କହିଛନ୍ତି।

### ୨୦୧୯ରେ ପରମାଣୁ ଯୁଦ୍ଧର ନିକଟବର୍ତ୍ତୀ...

କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସଂଘର୍ଷ ସର୍ବଦା ବିପଦପୂର୍ଣ୍ଣ ରହିଆସିଛି । ଭୁଲ୍ ବୁଝାମଣାର ଆଶଙ୍କା ଅତ୍ୟନ୍ତ ବାସ୍ତବ, ଯାହାର ପରିଣାମ ଓ ଖରାପ ଘଟଣା ଖୁବ୍ ଶୀଘ୍ର ଘଟିବାର ଆଶଙ୍କା ଥାଏ ବୋଲି ସେ କହିଛନ୍ତି। କୌଣସି ଦେଶର ପରସ୍ପର ଉପରେ ଅଧିକ ବିଶ୍ୱାସ ନାହିଁ ବୋଲି ପୋମ୍ପିଓ କହିଛନ୍ତି।

### ମାର୍ଚ୍ଚ ୩୧ରେ ଖୋଲା ରହିବ...

ସିଷ୍ଟମ୍ (ଆରଟିଜିଏସ) ମାଧ୍ୟମରେ କାରବାର ୩୧ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ୨୪୦୦ ଘଣ୍ଟା (୧୨ ମଧ୍ୟରାତ୍ରି) ପର୍ଯ୍ୟନ୍ତ ଜାରି ରହିବ। ମାର୍ଚ୍ଚ ୩୧ ରେ ସରକାରୀ ଚେକ୍ ସଂଗ୍ରହ ପାଇଁ ସ୍ୱତନ୍ତ୍ର କ୍ଲିୟରାନ୍ସ ମଧ୍ୟ କରାଯିବ ବୋଲି କୁହାଯାଇଛି।

### ଶତ୍ରୁକୁ ସଂହାର କରିବ ...

ସମରାଭ୍ୟାସ ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବ। ପୁରୀ ଜିଲ୍ଲାର ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ, କାଳିଆକଣ, ସହନ, କୋଣାର୍କ ଚନ୍ଦ୍ରଭାଗା ଅଞ୍ଚଳରେ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ବୁଧବାର ଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ସମରାଭ୍ୟାସ ସାଗର କବଚ। ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ ପୋଲିସ, ଅସ୍ତରଙ୍ଗ ପୋଲିସ ଏଥିରେ ସାମିଲ ହୋଇଛନ୍ତି ।

## ତରୁଣ କୁମାର ସାହୁ ପାଇବେ ଡକ୍ଟର ପ୍ରଫୁଲ୍ଲଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ବିଶିଷ୍ଟ କଥାକାର ତରୁଣ କୁମାର ସାହୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ଡକ୍ଟର ପ୍ରଫୁଲ୍ଲଚନ୍ଦ୍ର ମହାନ୍ତି ସାରସ୍ୱତ ସମ୍ମାନ-୨୦୨୪' ପାଇବା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ୨୩ତାରିଖ ସନ୍ଧ୍ୟାରେ କଟକ ସାରଳାଭବନଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଖ୍ୟାତ ସାରସ୍ୱତ ସାଧକ ବାଗ୍ମୀ ଡକ୍ଟର ପ୍ରଫୁଲ୍ଲଚନ୍ଦ୍ର ମହାନ୍ତିଙ୍କ ନବମ ବାର୍ଷିକୀ ସ୍ମୃତିଉତ୍ସବ ପାଳନ ଅବସରରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସ୍ମୃତିସଂସଦର ଉପସଭାପତି ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ଓ ସମ୍ପାଦିକା କ୍ଷୀରାବ୍ଧି ତନୟା ମହାନ୍ତି ଜଣାଇଛନ୍ତି । ତରୁଣ କୁମାର ସାହୁ ଜଣେ ଲବ୍ଧ ପ୍ରତିଷ୍ଠିତ କଥାକାର, ପ୍ରାବନ୍ଧିକ, ଅନୁବାଦକ ଓ ଶିଶୁସାହିତ୍ୟିକ ଭାବରେ ସୁପରିଚିତ। ସେ ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି, ସୁଭଦ୍ରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଭାବରେ କାର୍ଯ୍ୟ କରିବା ସହ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'ଝଙ୍କାର' (ଗଳ୍ପ ବିଭାଗ)ର ସମ୍ପାଦକ ଅଛନ୍ତି । ତାଙ୍କ ରଚିତ 'ଅଦମ୍ୟ', 'ଅବ୍ୟକ୍ତ', 'ଭାରତ-ଭାରତୀ', 'ଗାନ୍ଧୀବାଦ ଓ ଅନ୍ୟାନ୍ୟ ଗଳ୍ପ', 'ପଦନୀ', 'ବିସ୍ଥାପନ ଓ ଅନ୍ୟାନ୍ୟ ଗଳ୍ପ', 'ନିର୍ବାଚିତ ଗଳ୍ପ', 'ଆସରେପିଲେ ଗପ ଶୁଣିବା' ପ୍ରଭୃତି ଦଶଖଣ୍ଡରୁ ଉର୍ଦ୍ଧ୍ୱ ଗଳ୍ପଗ୍ରନ୍ଥ ପାଠକୀୟ ଶ୍ରଦ୍ଧାଲାଭ କରିଛି ।

# ହାର୍ଡ଼ କ୍ୟାସ୍ ସହ ଅନ୍‌ଲାଇନ୍ ଆର୍ଥିକ କାରବାର ଉପରେ ତୀକ୍ଷ୍ଣ ନଜର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନକୁ ସ୍ୱଚ୍ଛତାର ସହ ପରିଚାଳନା କରିବା ପାଇଁ କ୍ୟାସ୍ ମ୍ୟାନେଜମେଣ୍ଟ ଉପରେ ଗୁରୁତ୍ୱାରୋପ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲାର ସମସ୍ତ ବ୍ୟାଙ୍କର ମୁଖ୍ୟଙ୍କୁ ନେଇ 'ନିର୍ବାଚନ ଆଦର୍ଶ ଆଚରଣ ବିଧି' ଏବଂ 'ନିର୍ବାଚନ ଖର୍ଚ୍ଚ ତଦାରଖ' ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଏହା ପ୍ରତିଫଳିତ ହୋଇଛି। ଏହି ବୈଠକରେ ସଭାପତିତ୍ୱ କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ କେବଳ ହାର୍ଡ଼ କ୍ୟାସ୍ ନୁହେଁ ଅନ୍‌ଲାଇନ୍ ଆର୍ଥିକ କାରବାର ଉପରେ ମଧ୍ୟ ତୀକ୍ଷଣ ନଜର ରଖ। କୌଣସି ବ୍ୟାଙ୍କ୍ ଆକାଉଣ୍ଟକୁ ବା ଆକାଉଣ୍ଟରୁ ବାରମ୍ବାର କ୍ୟାସ୍ ଟ୍ରାନ୍ସଫର୍ ହେଉଥିଲେ ଏହାକୁ ସନ୍ଦେହଜନକ ମନେକରି ତତ୍‌କ୍ଷଣାତ ଜିଲ୍ଲା ନିର୍ବାଚନ



ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଏହା ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଜିଲ୍ଲାର ୧୨୬ଟି ବ୍ୟାଙ୍କକୁ ନେଇ ଏକ ବ୍ୟାଙ୍କରସ୍ କମିଟି ଗଠନ କରାଯାଇଛି। କୌଣସି ସନ୍ଦେହ ଜନକ ନେଣଦେଣର ସୂଚନା ମିଳିଲେ ସେମାନେ ତତ୍‌କ୍ଷଣାତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଇଲେକ୍ସନ୍ ସିଜର୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ଅନୁଯାୟୀ ସୂଚନା ମିଳିବା ମାତ୍ରେ ଆୟକର ବିଭାଗ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ପୋଲିସ୍ ଆଦି ବିଭାଗ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଫଳରେ ନିର୍ବାଚନରେ କଳାଟଙ୍କାର ବ୍ୟବହାର କମିବା ସହ ନିର୍ବାଚନରେ ସ୍ୱଚ୍ଛତା ଅଣାଯାଇପାରିବ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେପୁଟି କଲେକ୍ଟର (ନିର୍ବାଚନ) ରମେଶ ଚନ୍ଦ୍ର ପଣ୍ଡା, ସମସ୍ତ ବ୍ୟାଙ୍କର ପ୍ରତିନିଧି ଉପସ୍ଥିତ ଥିଲେ।

# ଅଦିନିଆ ବର୍ଷାରେ ପ୍ରଭାବିତ ସିଲଭର ସିଟି : କଟକିଆଙ୍କ ହଟହଟା

**କଟକ, ନ୍ୟୁଜ୍ ବ୍ୟୁରୋ**

ଅଦିନିଆ ବର୍ଷା ଯୋଗୁଁ, ପ୍ରଭାବିତ ହୋଇଛି କଟକିଆଙ୍କ ଜୀବନଯାତ୍ରା। ରାସ୍ତାଘାଟରେ ସେଭଳି ଲୋକ ନାହାନ୍ତି ଏବଂ ଗାଡି ମୋଟରର ଚଳାଚଳ ମଧ ସେତେମାତ୍ରାରେ ନାହିଁ । ସୋମବାର ରାତିରୁ ପାଗ ବଦଳିବା ଆରମ୍ଭ ହୋଇଥିଲା । ମଧ ରାତ୍ରରେ କାଳବୈଶାଖୀ ଜନିତ ଝଡ଼ ହୋଇଥିଲା କଟକ ସହରରେ ଏବଂ ମଙ୍ଗଳବାର ସକାଳୁ ଆରମ୍ଭ ହୋଇଥିଲା ବର୍ଷା। ଯଦିଓ ବର୍ଷାର ପରମାଣ ସେତେ ଅଧିକ ନୁହେଁ, କିନ୍ତୁ ସବୁଆଡେ ଏହାର ପ୍ରଭାବ ପରିଲକ୍ଷିତ ହୋଇଛି। ଅପରାହ୍ନ ବେଳକୁ ବର୍ଷା ସାମାନ୍ୟ କମିଥିଲା, ହେଲେ କେବେ କେବେ ହାଲ୍କା ବର୍ଷା ମଧ ହୋଇଛି। ତେବେ କିଛି ଜାଗାରେ ରାସ୍ତା ଉପରେ ପାଣି ଜମି ରହିଥିଲା। ଯାହା ଜନଜୀବନକୁ ପ୍ରଭାବିତ କରିଛି। ଏଭଳି ଅଦିନିଆ ବର୍ଷା କାରଣରୁ କ୍ଷୁଦ୍ର ବ୍ୟବସାୟୀମାନେ ଖୁବ୍ କ୍ଷତି ସହିଛନ୍ତି । ଯେହେତୁ ବଜାରରେ ଲୋକ ନାହାଁନ୍ତି, ତେଣୁ କାରବାର ଏକ ପ୍ରକାର ଠପ୍ କହିଲେ ଚଳେ। ରାସ୍ତା କଡ଼ରେ ବେପାର କରୁଥିବା ଶତାଧିକ ବ୍ୟବସାୟୀ, ରିକ୍ସା ଚାଳକ, ଅଟୋ ଚାଳକ ଏପରିକି ସାହି ଭିତରେ ଖୋଲିଥିବା ଛୋଟ ଛୋଟ ଦୋକାନ ଗୁଡିକରେ ବେପାର ନଥିଲା । ତେବେ ଏଭଳି ବର୍ଷା ଯୋଗୁଁ ତାପମାତ୍ରା କମିଛି। ଲମ୍ବା ସମୟ ପରେ, କଟକ ସହର ବାସିନ୍ଦା ମାନେ ଶୀତଳତା ଅନୁଭବ କରିଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର
୨୧ ମାର୍ଚ୍ଚ
ଗୁରୁବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ପଖାଳ ଦିବସ'କୁ ସାମାନ୍ୟ ଫିକା କଲା ବର୍ଷା, ତଥାପି ପାଳିଲେ ରାଜ୍ୟବାସୀ

**କଟକ, ୨୦।୩:ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ ବିଶ୍ୱ 'ପଖାଳ ଦିବସ' ଭାବେ ପାଳନ କରାଯାଇଥାଏ। ଏହି ଦିନଟିକୁ ଏକ ଉତ୍ସବ ଭଳି ପାଳନ କରିଥାନ୍ତି ରାଜ୍ୟବାସୀ। ବିଶେଷ କରି ଐତିହ୍ୟ ପରମ୍ପରାର ସହର କଟକରେ ଥିବା ସମସ୍ତ ହୋଟେଲ ଓ ବିଭିନ୍ନ ଅନୁଷ୍ଠାନରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା। ଚଳିତ ବର୍ଷ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଖୁବ୍ ଉତ୍ସାହର ସହ ବିଶ୍ୱ ପଖାଳ ଦିବସ ପାଳନ କରାଯିବା ପାଇଁ ସମସ୍ତେ ଆଶାବାଦୀ ରହିଥିଲେ। ହେଲେ ବର୍ଷାପାଗ ଯୋଗୁ ସାମାନ୍ୟ ଫିକା ପଡ଼ିଛି ବିଶ୍ୱ ପଖାଳ ଦିବସ। ବୁଧବାର ଥିବାରୁ ପଖାଳ ସହିତ ଆମିଷ ବ୍ୟଞ୍ଜନ ଚାହିଦା ଅଧିକ ରହିଥିଲା। କିନ୍ତୁ



କୋହଲା ପାଗ ପଖାଳ ଦିବସ ଉତ୍ସବ ପାଳନକୁ ଫିକା କରିଦେଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହୋଇଛି। ପାଗ ଥଣ୍ଡା ରହିଥିବାରୁ ଏହା ପଖାଳର ମଜାକୁ ଫିକା କରିଦେଇଛି। ବର୍ଷାକୁ ନେଇ ବ୍ୟବସାୟୀ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ପାଗ ଦୁଇ ଦିନ ଧରି ଖରାପ ରହିଥିବାବାରୁ ବର୍ଷା ପାଇଁ ଘରୁ ବାହାରି ପାରୁନାହାନ୍ତି ଲୋକେ। ଏହାରି ଭିତରେ ପଖାଳ ଦିବସକୁ କାଁ ଭାଁ ଲୋକେ ପାଳନ କରିଥିଲେ। ତେବେ ଏହି ଦିବସରେ ଦହି, ପୋଦିନା ପତ୍ର, ଭୃସଙ୍ଗା ପତ୍ର, ଅଦା, ଲଙ୍କା ଆଦିକୁ ଛୁଙ୍କ ଦିଆଯାଇ ପ୍ରସ୍ତୁତ କରାଯାଇଛି ଦହି ପଖାଳ। ଆଉ ତା' ସାଙ୍ଗକୁ ପ୍ଲେଟ୍‌ରେ ସ୍ୱତନ୍ତ୍ର ଭାବେ ପରସା ଯାଇଛି ଓଡ଼ିଶାର ଘରେ ଘରେ ପରିଚିତ ପାରମ୍ପରିକ ଖାଦ୍ୟ। ଯେମିତିକି ବଡି ଚୁରା, ଆଳୁ ଭର୍ତ୍ତା, ଭଜା, କଲରା ଚିପ୍ସ, ବିଲାତି ଖଟା, ମାଛ ଭଜା, ଚିକେନ୍, ଚିଙ୍ଗୁଡ଼ି ଭଳି ଅନେକ ସୁସ୍ୱାଦୁ ଖାଦ୍ୟ ପରସା ଯାଇଥିଲା। ପଖାଳ ଓଡ଼ିଆ ଘରର ଏକ ପ୍ରମୁଖ ଖାଦ୍ୟ ହୋଇଥିବାବେଳେ ଏହା ଦେହ ପାଇଁ ଢେର ଭଲ ବୋଲି କହିଛନ୍ତି ଗ୍ରାହକ। ତେବେ ଆଜିର ଯୁବପିଢ଼ି ଏହି ପଖାଳର ମଜା ନେବା ପାଇଁ ଛୋଟ ବଡ଼ ହୋଟେଲକୁ ଯାଇଥାନ୍ତି। ହେଲେ ବର୍ଷା କାରଣରୁ ବୁଧବାର ରାଜ୍ୟର ଏହି ମାହୋଲ ସାମାନ୍ୟ ଫିକା ପଡିଥିଲା। ତଥାପି ଲୋକେ ଏହି ଦିବସ ପାଳନ କରିଥିବା ଦେଖିବାକୁ ମିଳିଥିଲା। କେବଳ ହୋଟେଲ ନୁହେଁ, ଘରେ ଘରେ ମଧ୍ୟ ଏହି ଦିବସ ପାଳନ କରିଥିଲେ ରାଜ୍ୟବାସୀ।



ଭୁବନେଶ୍ୱର : ଓଡ଼ିଶା ଗସ୍ତରେ ଥିବା ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରବି ଶାସ୍ତ୍ରୀ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)









ଭୁବନେଶ୍ୱର : ଅଦିନିଆ ବର୍ଷା ପ୍ରଭାବରେ ରାଜଧାନୀରେ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ଯାତାୟାତ ବାଧାପ୍ରାପ୍ତ। (ଫଟୋ : ସମ୍ବାଦ କଳିକା)

# ଶଙ୍ଖ ଭବନରେ ମିଶ୍ରଣ ପର୍ବ : ଶଙ୍ଖ ଫୁଙ୍କିଲେ ବିଧାୟକ ଅଧିରାଜ

**ଭୁବନେଶ୍ୱର, ୨୦।୩:ନ୍ୟୁଜ୍‌ବ୍ୟୁରୋ**

ଶଙ୍ଖ ଭବନରେ ବିଜେଡିର ମିଶ୍ରଣ ପର୍ବ। ବିଜେଡିରେ ମିଶିଲେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ। ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ମିଶିଛନ୍ତି ଅଧିରାଜ ପାଣିଗ୍ରାହୀ। ମଙ୍ଗଳବାର ସେ କଂଗ୍ରେସ ଛାଡ଼ି ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ସହ ଖଡିଆଳ, ବୋଡେନ ଓ ସିନାପାଲି ବ୍ଲକ ଚେୟାରମ୍ୟାନ ମଧ୍ୟ ଶଙ୍ଖ ଫୁଙ୍କିଛନ୍ତି। ୪୦ ସରପଞ୍ଚ ଓ ୩୪ ସମିତି ସଭ୍ୟଙ୍କ ସହ ମୋଟ ୭୪ ଜଣ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଉପସ୍ଥିତ ରହି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ, ବିଜୁ ମହିଳା ଦଳର




ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ସମସ୍ତଙ୍କୁ ଉତ୍ତରୀୟ ପିନ୍ଧାଇ ପାଛୋଟି ନେଇଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ବିଜେଡିରେ ମିଶିଲେ ବୋଲି କହିଛନ୍ତି ଅଧିରାଜ ପାଣିଗ୍ରାହୀ। ଆଗକୁ ସେ ଯାହା ନିର୍ଦ୍ଦେଶ ଓ ଦାୟିତ୍ୱ ଦେବେ ସେ ତାକୁ ପାଳନ କରିବେ। ଗୁଣ୍ଡୁଚି ମୂଷା ହୋଇ ବିକଶିତ ଓଡ଼ିଶା ଦିଗରେ କାମ କରିବେ ବୋଲି କହିଛନ୍ତି ଅଧିରାଜ। ଅନ୍ୟପଟେ ସମସ୍ତଙ୍କୁ ପୂର୍ବପେକ୍ଷା ବିଜେଡିରେ ଅଧିକ ସମ୍ମାନ ମିଳିବ। ସମସ୍ତେ ମିଳିମିଶି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ କରିବା ବୋଲି ଆହ୍ୱାନ ଦେଇଥିଲେ ସାଂଗଠନିକ ସଂପାଦକ। ମୁଖ୍ୟମନ୍ତ୍ରୀ ନିରବ ସାଧକ ହୋଇ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ଏଥିରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ ପ୍ରଣବ।

# କୋରାପୁଟ, ନବରଙ୍ଗପୁର ଲୋକସଭା ଆସନ ଲାଗି ବିଜେଡିର ସମୀକ୍ଷା

**ଭୁବନେଶ୍ୱର, ୨୦।୩:ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଏବଂ ନବରଙ୍ଗପୁର ଲୋକସଭା ସଂସଦୀୟ କ୍ଷେତ୍ର ଲାଗି ବିଜେଡିର ସମୀକ୍ଷା ବୈଠକ ବୁଧବାର ନବୀନ ନିବାସ ଠାରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନ ଜିତିବା ଲାଗି ସାଂଗଠନିକ ପ୍ରସ୍ତୁତି ସହ ସମସ୍ତେ ମିଳିମିଶି କାମ କରିବାକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ସମୀକ୍ଷା ବୈଠକରେ ଜିଲ୍ଲା ପର୍ଯ୍ୟବେକ୍ଷକ, ସଭାପତିଙ୍କ ସମେତ ୫-ଟି ଅଧକ୍ଷ ଭି.କେ. ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଜଗନ୍ନାଥ ସାରକା, ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଲୋକସଭା ଆସନ ଅଧୀନରେ କୋରାପୁଟ, ଲକ୍ଷ୍ମୀପୁର, ଜୟପୁର, ପଟ୍ଟାଙ୍ଗୀ, ରାୟଗଡ଼ା, ଗୁଣୁପୁର ଓ ବିଷମକଟକ ବିଧାନସଭା କ୍ଷେତ୍ର ରହିଛି। ୨୦୧୯ ନିର୍ବାଚନରେ ଏହି ଆସନରେ ବିଜେଡିର ଏମ୍‌ପି ପ୍ରାର୍ଥୀଙ୍କ ସମେତ ରାୟଗଡ଼ା ଓ ଜୟପୁର ବିଧାୟକ ପ୍ରାର୍ଥୀ ପରାଜିତ ହୋଇଥିଲେ। ତେବେ ବିଜେଡିର ଏହି ସବୁ ନିର୍ବାଚନ ମଣ୍ଡଳୀରେ ବିଜୟ ଲାଗି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତାମାନଙ୍କୁ ମିଳିମିଶି କାମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ଈଶ୍ୱର ପାଣିଗ୍ରାହୀ ପ୍ରମୁଖ ମଧ୍ୟ ଆଲୋଚନା ବେଳେ ଉପସ୍ଥିତ ରହିଥିଲେ। ଆଗାମୀ ନିର୍ବାଚନରେ ବିଜେଡିର ବିଜୟ ପାଇଁ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ୍ କରାଯାଉଛି ଏବଂ ନବୀନ ସରକାରଙ୍କ ବିକାଶ କାର୍ଯ୍ୟକ୍ରମର ବାର୍ତ୍ତା ଗାଁଗହଳିର ଲୋକଙ୍କ ପାଖରେ ପହଞ୍ଚାଯାଉଛି ବୋଲି ଜିଲ୍ଲା ପର୍ଯ୍ୟବେକ୍ଷକ ଏବଂ ସଭାପତି ସୂଚନା ଦେଇଥିଲେ।

# ଶିକାରୀଙ୍କ ଗୁଳିମାଡ଼ରେ ୩ ବନ କର୍ମଚାରୀ ଗୁରୁତର : ବନ୍ଧୁକ ସହ ୨ ଗିରଫ

**ବାଲେଶ୍ୱର, ୨୦।୩:ନ୍ୟୁଜ୍**

କୁଲଡିହା ହସ୍ତୀ ଅଭୟାରଣ୍ୟ ଏବେ ଜଙ୍ଗଲ, ପଥର, ମୋରମ, ମାଟି ମାଫିଆଙ୍କ ସମେତ ବନ୍ୟଜନ୍ତୁଙ୍କର ଅବୈଧ ଶିକାରୀଙ୍କର ଭୂ-ସ୍ୱର୍ଗ ପାଲଟିଛି । କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କୁ ବଶୀଭୂତ କରି ଏହି ମାଫିଆ ଓ ଶିକାରୀମାନେ ଅଭୟାରଣ୍ୟକୁ କରାୟତ୍ତ କରିନେଇଛନ୍ତି। ବିଳମ୍ବିତ ରାତ୍ରୀରେ ବନକର୍ମଚାରୀଙ୍କୁ ଶିକାରୀଙ୍କ ଭୟଙ୍କର ଆକ୍ରମଣ ତା'ର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇ ପାରିବ। ସୂଚନାରୁ ଜଣାଯାଇଛି, ବିଳମ୍ବିତ ରାତିରେ କୁଲଡ଼ିହା ରେଞ୍ଜ ଅଧିନସ୍ଥ ପଞ୍ଚଲିଙ୍ଗେଶ୍ୱର୍ ବିଟ୍ ହାଉସ୍ ଅନ୍ତର୍ଗତ କେନ୍ଦୁନାଳ ଗାଁ ନିକଟସ୍ଥ ଜଙ୍ଗଲରେ ରାତ୍ରି ପାଟ୍ରୋଲିଂ



ସମୟରେ ବନ କର୍ମଚାରୀ ଏବଂ ଶିକାରୀ ଦଳ ସାମ୍ନା ସାମ୍ନି ହୋଇଯାଇଥିଲେ। ଶିକାରୀମାନଙ୍କ ଅତର୍କିତ ଗୁଳି ଚାଳନା ଯୋଗୁଁ ଜଣେ ଫରେଷ୍ଟ ଗାର୍ଡ ଓ ଦୁଇ ଜଣ ସବୁଜ ବାହିନୀ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ରାତ୍ରିର ଅନ୍ଧକାର ମଧ୍ୟରେ ଶିକାରୀ ଦଳ ଖସି ପଳାଇବାକୁ ସକ୍ଷମ ହୋଇଥିଲେ ମଧ୍ୟ ଉପସ୍ଥିତ ବନ କର୍ମଚାରୀମାନେ ଅତ୍ୟନ୍ତ ସାହସର ସହିତ ଦୁଇଜଣ ଶିକାରୀ ଓ ଦୁଇଟି ବନ୍ଧୁକ ଜବତ କରିବାରେ ସକ୍ଷମ ହୋଇଛନ୍ତି। ଆହତ ତିନି ଜଣଙ୍କ ମଧ୍ୟରୁ ଫରେଷ୍ଟ ଗାର୍ଡ ସିଂରାୟ ହେମ୍ବ୍ରମ୍ ଓ ସବୁଜ ବାହିନୀ କର୍ମଚାରୀ କ୍ଷୀତିଶ ପରିଡ଼ା ଓ ବିରଞ୍ଚି ଜେନା ଗୁଳିମାଡ଼ରେ ଗୁରୁତର ଆହତ ହୋଇ ପ୍ରଥମେ ନୀଳଗିରି ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଜଣକ ଅବସ୍ଥା ବିପଦମୁକ୍ତ ଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତରଙ୍କୁ କଟକ ପଠାଯାଇଥିବା ଜଣାଯାଇଛି। ଖବର ପାଇ ବାରିପଦାରୁ ଅତିରିକ୍ତ ବନ ସଂରକ୍ଷକ ତପନ ପରିଡ଼ା ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି।

# ବଜ୍ରପାତରେ ଭାଇ ମୃତ, ଭଉଣୀ ଗୁରୁତର

**କନ୍ଧମାଳ, ୨୦।୩:ନ୍ୟୁଜ୍‌ବ୍ୟୁରୋ**

ବଜ୍ରପାତ ଘଟି ଭାଇର ମୃତ୍ୟୁ ଘଟିଥିବା ବେଳେ ଭଉଣୀ ଗୁରୁତର ଆହତ ହୋଇଥିଲା। କନ୍ଧମାଳ କୋଟଗଡ଼ ସୁବର୍ଣ୍ଣଗିରି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ମୃତକ ନାବାଳକ ଜଣଙ୍କ ହେଲେ ମୁକେଶ ପ୍ରଧାନୀ। ଭଉଣୀ ପ୍ରିୟଙ୍କା ପ୍ରଧାନୀ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, ଭାଇ ଭଉଣୀ ନିକଟସ୍ଥ ମହୁଲ ଗଛ ନିକଟକୁ ମହୁଲ ଫୁଲ ସଂଗ୍ରହ କରିବାକୁ ଯାଇଥିଲେ। ବର୍ଷା ସହ ବଜ୍ରପାତ ଯୋଗୁଁ ଭାଇ, ଭଉଣୀ ଅଚେତ ହୋଇ ତଳେ ପଡି ଯାଇଥିଲେ। ନିକଟରେ ଥିବା ସମ୍ପର୍କୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିଥିଲେ। ପ୍ରିୟଙ୍କାଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମେଡିକାଲରେ ଭାଇର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଝାରପଡା ଜେଲ୍‌ରେ କମିଶନରେଟ ପୋଲିସର ଚଢ଼ଉ

**ଭୁବନେଶ୍ୱର, ୨୦।୩:ନ୍ୟୁଜ୍‌ବ୍ୟୁରୋ**

ଝାରପଡ଼ା ଜେଲରେ କମିଶନରେଟ ପୋଲିସର ଅଚାନକ ଚଢ଼ଉ କରିଛି। କମିଶନରେଟ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଜେଲ୍ ଭିତରେ କରିଛି ଛାନ୍‌ଭିନ୍। ଜେଲ ଭିତରେ ଗ୍ୟାଙ୍ଗୱାର ପରେ କମିଶନରେଟ ପୋଲିସ ପକ୍ଷରୁ ଏହି ରେଡ କରାଯାଇଛି। ଚଢ଼ଉ ବେଳେ ଝାରପଡ଼ା ଜେଲ୍‌ରୁ ଗଞ୍ଜେଇ, ଅଫିମ ଓ ଖଇନି ମିଳିଛି। ଏତେ ଧରପଗଡ଼ ସତ୍ତ୍ୱେ ମଧ୍ୟ ନିଶା ଦ୍ରବ୍ୟ କିଭଳି ଭିତରକୁ ପଶିଲା ସେ ନେଇ ଖୋଳତାଡ଼ ଚାଲିଛି। ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ନିଶା ଓ ମୋବାଇଲ ଭିତରକୁ



ପ୍ରବେଶ ନେଇ ଥିଲା ସୂଚନା। ଅପରାଧୀ ଜେଲରଙ୍କ ମଧୁଚନ୍ଦ୍ରିକା ନେଇ ଆସିଥିଲା ଅଭିଯୋଗ।

# ୫୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ପଡ଼ିଲେ ସହକାରୀ ଯନ୍ତ୍ରୀ

**କଟକ, ୨୦।୩:ନ୍ୟୁଜ୍‌ବ୍ୟୁରୋ**

୫୦ ହଜାର ଟଙ୍କା ନେଇ ଭିଜିଲାନ୍ସ ହାତରେ ପଡ଼ିଛନ୍ତି ଖୋର୍ଦ୍ଧା ବ୍ଲକ୍‌ର ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ର। ଏମ୍‌ପି ଲ୍ୟାଡ଼ ପ୍ରକଳ୍ପ ପାଇଁ ପିସି ଟଙ୍କା ନେଉଥିବା ବେଳେ ଖୋର୍ଦ୍ଧା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛି। ସୂଚନା ଅନୁଯାୟୀ, ଏମ୍‌ପି ଲ୍ୟାଡ଼ ପ୍ରକଳ୍ପ ପାଇଁ ଜଣେ ଠିକାଦାରଙ୍କୁ ୧୦ ପ୍ରତିଶତ ପିସି ମାଗିଥିଲେ। ୧୮ ଲକ୍ଷ ଟଙ୍କାର ଏହି କାମର ପିସି ବାବଦରେ



ଆଗରୁ ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ର ଠିକାଦାରଙ୍କଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ନେଇସାରିଥିଲେ। ଏନେଇ ଠିକାଦାରଙ୍କ ବାପା ଶିଶିର ମଙ୍ଗରାଜ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ମୁତାବକ ବୁଧବାର ଠିକାଦାର ଅବଶିଷ୍ଟ ୫୦ ହଜାର ଟଙ୍କା ଦେବା ବେଳେ ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍‌ପି ଚନ୍ଦ୍ରକଳା ଜେନା ଓ ନୂଆଗଡ଼ ଡିଏସ୍‌ପି ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ରଙ୍କୁ ଧରିଥିଲା ଏବଂ ତାଙ୍କଠାରୁ ୫୦ ହଜାର ଟଙ୍କା ଜବତ କରିଥିଲା।

# ବାରଙ୍ଗରେ ମହିଳାଙ୍କୁ ହତ୍ୟା ମାମଲା : ଅଭିଯୁକ୍ତ ଗିରଫ

**କଟକ/ବାରଙ୍ଗ, ୨୦।୩**
**ନ୍ୟୁଜ୍‌ବ୍ୟୁରୋ**

ବାରଙ୍ଗରେ ମହିଳାଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିଛି କଟକ କମିଶନରେଟ ପୋଲିସ। ଏକତରଫା ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଘଟିଛି ହତ୍ୟାକାଣ୍ଡ। କାଠ ଫାଳିଆ ଓ ପଥରରେ ଛେଚି ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତ ଜଣକ ହେଉଛି ମନୋଜ ମହାରଣା। ମନୋଜ ମୃତ ମହିଳାଙ୍କ ପଡ଼ୋଶୀ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ ମନୋଜ ପେଶାରେ ଜଣେ ଶ୍ରମିକ ହୋଇଥିବାବେଳେ ସେ ଏକ କନଷ୍ଟ୍ରକ୍‌ସନ କମ୍ପାନୀରେ କାମ କରୁଥିବାବେଳେ ମହିଳା ଜଣଙ୍କୁ ଏକତରଫା ପ୍ରେମ କରୁଥିଲା। ମହିଳା ଜଣଙ୍କ ରାଜି ନ ହେବାରୁ ମନୋଜ ତାଙ୍କୁ ବିଭତ୍ସ ଭାବେ ହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଗତ



୧୦ ତାରିଖରେ ଘଟିଥିଲା ଏହି ହତ୍ୟାକାଣ୍ଡ। ବାରଙ୍ଗ ଥାନା ଅନ୍ତର୍ଗତ ବାରସିଂହ ଗ୍ରାମରେ ଏହି ଲୋମହର୍ଷଣକାରୀ ଘଟଣା ଘଟିଥିଲା। ବାରସିଂହ ଗାଁରେ ଜଣେ ମହିଳାଙ୍କ ସହ ପ୍ରେମ ସମ୍ପର୍କ ରଖିବା ପାଇଁ ଅଭିଯୁକ୍ତ ମନୋଜ ନିବେଦନ କରିଥିଲା। ଏପରିକି ତାଙ୍କୁ ବିବାହର ପ୍ରଲୋଭନ ମଧ୍ୟ ଦେଖାଇଥିଲା ଅଭିଯୁକ୍ତ ମନୋଜ। ହେଲେ ମହିଳା ଜଣକ ରାଜି ନହେବାରୁ ବଦନାମ ଭୟରେ କାଠଫଳିଆ ଓ ପଥରରେ ଛେଚି ଆକ୍ରମଣ କରିବାରୁ ମହିଳାଙ୍କ ଜୀବନ ଯାଇଥିବା ନେଇ ସେ ପୋଲିସ ଆଗରେ ସ୍ୱୀକାର କରିଛି। ଅତିରିକ୍ତ ଡିସିପି କହିଛନ୍ତି, ଅଭିଯୁକ୍ତ ମନୋଜ ମହିଳା ଜଣଙ୍କୁ ଏକତରଫା ପ୍ରେମ କରୁଥିଲା। ମାତ୍ର ମହିଳା ଏଥିରେ ରାଜି ହୋଇନଥିଲେ। ହତ୍ୟାକାଣ୍ଡ ଦିନ ଅଭିଯୁକ୍ତ ଏକ ବାହାଘର କାର୍ଡ ବା ଲଫାପାରେ ସିନ୍ଦୁର ନେଇଥିଲା। ଯଦି ମହିଳା ଜଣକ ରାଜି ନ ହୁଅନ୍ତି ତେବେ ସିନ୍ଦୁର ଦେଇ ବିବାହ କରିବା ନେଇ ପ୍ରଲୋଭିତ କରିବାକୁ ଯୋଜନା କରିଥିଲା। ହତ୍ୟା ଦିନ ମହିଳାଙ୍କୁ ପ୍ରେମ ନିବେଦନ କରିଥିଲା ଅଭିଯୁକ୍ତ। ମାତ୍ର ମହିଳା ଜଣକ ଚିତ୍କାର କରିବାରୁ ସେ ଧରାପଡ଼ିଯିବା ଭୟରେ ହତ୍ୟା କରିଥିଲା ଏବଂ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପୋଲିସ ଏହି ବାହାଘର କାର୍ଡର ଅଧା ଅଂଶକୁ ଅଭିଯୁକ୍ତ ଘରୁ ଜବତ କରିଛି, ଯାହାକି ଅଭିଯୁକ୍ତଙ୍କୁ ଧରିବାରେ ସହାୟକ ହୋଇଥିଲା ବୋଲି ଅତିରିକ୍ତ ଡିସିପି କହିଛନ୍ତି। ହତ୍ୟାରେ ବ୍ୟବହୃତ ପଥର ଓ କାଠ ଫାଳିଆ ଜବତ କରିଛି ପୋଲିସ। ମହିଳାଙ୍କୁ ହତ୍ୟା କରିବା ନେଇ ପୋଲିସ ନିକଟରେ ଅଭିଯୁକ୍ତ ମନୋଜ ସ୍ୱୀକାର କରିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର।

# ୧ କୋଟି ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

**ବୌଦ୍ଧ, ୨୦।୩:ନ୍ୟୁଜ୍‌ବ୍ୟୁରୋ**



ବୌଦ୍ଧ ଆଦର୍ଶ ଥାନା ପୋଲିସ ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଡିମିରିଖୋଲ ଗ୍ରାମ ବିଡ଼ାମାସ୍କା ଜଙ୍ଗଲରେ ଚଢଉ କରି ୧ କୋଟି ୬୦ ଲକ୍ଷ ଟଙ୍କାର ୧୫୬୦ କେଜି ଗଞ୍ଜେଇ ଜବତ କରିଛି। କିନ୍ତୁ ଘଟଣା ସ୍ଥଳରୁ ମାଫିଆମାନେ ଫେରାର ହୋଇଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଡିମିରିଖୋଲ ଗ୍ରାମ ବିଡାମାସ୍କା ଜଙ୍ଗଲରେ ବାହାର ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ ପ୍ରସ୍ତୁତି ଚାଲିଥିବା ନେଇ ବୌଦ୍ଧ ପୋଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା। ଖବରପାଇ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ବୌଦ୍ଧ ଏସ୍‌ଡିପିଓ କୁଲଦୀପ ମୀନା ଏବଂ ଆଦର୍ଶ ଥାନା ଅଧିକାରୀ ରଞ୍ଜିତ ମୁନିଙ୍କ ନେତୃତ୍ୱରେ ଏକ ଟିମ୍ ସେହି ଅଞ୍ଚଳରେ ଚଢ଼ଉ କରିଥିଲେ। ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସେହି ସ୍ଥାନରୁ ୧୫ କୁଇଣ୍ଟାଲ୍ ୬୦ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି ଆଦର୍ଶ ଥାନା ପୋଲିସ। ତେବେ ଘଟଣା ସ୍ଥଳରୁ ମାଫିଆମାନେ ଫେରାର ହୋଇଯାଇଥିଲେ ମଧ୍ୟ ପୋଲିସ ୩ ଜଣ ମାଫିଆଙ୍କୁ ଚିହ୍ନଟ କରି ତାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧ କୋଟି ୬୦ ଲକ୍ଷ ହେବା ନେଇ ସୂଚନା ମିଳିଛି। ଚଳିତବର୍ଷ ଆଦର୍ଶ ଥାନା ପୋଲିସ ପ୍ରାୟ ୩ ହଜାର ୮୦୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ପ୍ରାୟ ୧୭ ଜଣ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି ।